cmyk cmyk cmyk

79th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ❑ ସଂଖ୍ୟା-୧୧୫ ● କଟକ ● ରବିବାର ● ୩୦ ନଭେମ୍ବର-୨୦୨୫ ● ବିଛା-୨୬ ● ସାଲ୍-୧୪୩୧
CUTTACK ● SUNDAY ● 30 NOVEMBER-2025 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

## ଅନ୍‌ଲାଇନରେ ହେବ ଶିକ୍ଷକ ବଦଳି

### ଖୋଲିଲା ପୋର୍ଟାଲ୍, ୨୮ରୁ ଆବେଦନ ଜାରି

ଭୁବନେଶ୍ୱର,(ପିପିଏସ୍):

ଅନଲାଇନ୍ ହେବ ଶିକ୍ଷକ ବଦଳି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏଥିପାଇଁ ଖୋଲିଛି ପୋର୍ଟାଲ। ଜିଲ୍ଲା ଭିତରେ ପ୍ରାଥମିକ ଶିକ୍ଷକଙ୍କ ବଦଳି ପାଇଁ ସରକାର ଆବେଦନ ଗ୍ରହଣ କରୁଛନ୍ତି। ନଭେମ୍ବର ୨୮ରୁ ଅନଲାଇନ୍ ଆବେଦନ ପାଇଁ ପୋର୍ଟାଲ ଖୋଲାଯାଇଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଓଡ଼ିଶା ପକ୍ଷରୁ ଏନେଇ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଚିଠି ଜାରି କରାଯାଇଛି। ଯେଉଁଥିରେ ଜିଲ୍ଲା ଭିତରେ ପ୍ରାଥମିକ ଶିକ୍ଷକ ବଦଳି ପାଇଁ ଅନଲାଇନ୍ ଆବେଦନ କରିବାକୁ କୁହାଯାଇଛି। ଚିଠି ଅନୁସାରେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଗତ ମେ ୧୪ରେ ଜାରିକରିଥିବା ଚିଠିସଂଖ୍ୟା ୧୩୪୫୩ ବିଜ୍ଞପ୍ତି ଅନୁଯାୟୀ ବଦଳି କରାଯିବ। ଅନଲାଇନ୍ ଶିକ୍ଷକ ବଦଳି ନେଇ ପୋର୍ଟାଲ୍ ନଭେମ୍ବର ୨୮ରୁ ଖୋଲିଥିବା ବେଳେ ଡିସେମ୍ବର ୨୫ ପର୍ଯ୍ୟନ୍ତ ଆବେଦନ କରାଯାଇ ପାରିବ। ତେଣୁ ଜିଲ୍ଲା ଭିତରେ ଅନ୍ୟ କୌଣସି ବିଦ୍ୟାଳୟକୁ ଯିବାକୁ ଚାହୁଁଥିବା ପ୍ରାଥମିକ ଶିକ୍ଷକଙ୍କୁ ଡିସେମ୍ବର ୨୫ପୂର୍ବରୁ ଅନଲାଇନ୍ ଆବେଦନ କରିବାକୁ ପଡ଼ିବ। ଅନଲାଇନ୍‌ରେ ସମସ୍ତ ପ୍ରକ୍ରିୟା ୨୦୨୫ ଡିସେମ୍ବର ୨୫ ସୁଦ୍ଧା ସାରିବାକୁ ଚିଠିରେ ଉଲ୍ଲେଖ ରହିଛି। ସେପଟେ ଜାତୀୟ ଶିକ୍ଷାନୀତି ଅନୁଯାୟୀ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ହେବ ବ୍ୟାପକ ପରିବର୍ତ୍ତନ। ସ୍କିମାଟିକ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୩ବର୍ଷରେ ପ୍ରାଥମିକ ଶିକ୍ଷାପାଇଁ ୪୫ହଜାର ଶିକ୍ଷକ ନିଯୁକ୍ତ ହେବେ। ସୃଷ୍ଟିହେବ ୪୦ ହଜାର ନୂତନ ଶିକ୍ଷକ ପଦବୀ। ଓଡ଼ିଶାରେ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଲୋକସେବା ଭବନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ। ସ୍କୁଲ ଶିକ୍ଷାକୁ ସୁଦୃଢ଼ ଓ ଉନ୍ନତ କରିବା ପାଇଁ ରାଜ୍ୟରେ ଗୋଟିଏ ବୋର୍ଡର ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶପାଇଛି। ପ୍ରାଥମିକ ଶିକ୍ଷାପାଇଁ ବିଏସ୍‌ଇ, ସିଏଚ୍‌ଏସ୍‌ଇ ବଦଳରେ ରାଜ୍ୟରେ ରହିବ ଗୋଟିଏ ବୋର୍ଡ। ରାଜ୍ୟର ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦକୁ ମିଶାଇ ଗୋଟିଏ ବୋର୍ଡ ଗଠନ କରିବାକୁ ନିଷ୍ପତ୍ତି ହୋଇଛି। ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଦିଆଯିବ। ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରାଥମିକ ଶିକ୍ଷାର ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଅଧିକ ଫୋକସ୍ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ଶୁଭଙ୍କରଙ୍କ ବିବାଦୀୟ ଟିପ୍ପଣୀକୁ ନେଇ ହଙ୍ଗାମା

### *ଭୁଲ୍ ତଥ୍ୟ ଦେଲେ ହେବ କାର୍ଯ୍ୟାନୁଷ୍ଠାନ: ଜିଲ୍ଲାପାଳ*

ପୁରୀ,(ପିପିଏସ୍):

ମହାପ୍ରଭୁଙ୍କ ନାଁରେ ଅପପ୍ରଚାର କରି ଫସିଛନ୍ତି ଜଣାଶୁଣା ସୋସିଆଲ ମିଡିଆ ଇନଫ୍ଲୁଏନସର୍ ଶୁଭଙ୍କର ମିଶ୍ର। ଶୁଭଙ୍କର କ୍ଷମା ମାଗନ୍ତୁ, ନ ହେଲେ ତାଙ୍କ ବିରୋଧରେ ଆନ୍ଦୋଳନ ହେଉ। ଏମିତି ଦାବିକରିଛନ୍ତି ସେବାୟତ। ପୁରୀ ଜିଲ୍ଲାପାଳ କହିଛନ୍ତି, ଯେଉଁମାନେ ଜଗନ୍ନାଥ ସଂସ୍କୃତିକୁ ଅବମାନନା କରି ଭୁଲ୍‌ତଥ୍ୟ ଦେବେ ସେମାନଙ୍କ ବିରୋଧରେ



କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିପାଇଁ ପ୍ରଚାର ପ୍ରସାର ସବ୍ କମିଟିରେ ଯୋଜନା କରାଯାଉଛି। ପ୍ରେମୀଯୁଗଳ ବିବାହ ପୂର୍ବରୁ ଶ୍ରୀମନ୍ଦିର ଯିବା ଅଶୁଭ ବୋଲି କହିଥିଲେ ଶୁଭଙ୍କର। ବିବାହ ପୂର୍ବରୁ ପ୍ରେମୀଯୁଗଳ ଶ୍ରୀମନ୍ଦିର ଗଲେ ପ୍ରେମ ସଫଳ ହେବନାହିଁ ଓ ବିବାହ କରିପାରିବେ ନାହିଁ ବୋଲି ଶୁଭଙ୍କର ବିବାଦୀୟ ଟିପ୍ପଣୀ ଦେଇଥିଲେ। ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡ଼ିଛି ବୋଲି ଭୁଲ୍ ମନ୍ତବ୍ୟ ରଖିଥିଲେ ଶୁଭଙ୍କର। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ କହିଛନ୍ତି, ଯେଉଁ ବ୍ୟକ୍ତି କହୁଛନ୍ତି ଯେ କୌଣସି ପ୍ରେମୀଯୁଗଳ, ବିବାହ କରିବାକୁ ଯାଉଥିବା ଯୁବକ ଓ ଯୁବତୀ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନକଲେ ସେମାନଙ୍କର ଜୀବନ ନଷ୍ଟ ହୋଇଯିବ, ଭଲ ସାଥୀ ମିଳିବେନି, ଉତ୍ତମ ଧର୍ମ ପତ୍ନୀ ପାଇବେନି । ଯେ ପ୍ରକାର କହିବା, ପ୍ରଚାର କରିବା ସୋସିଆଲ୍ ମିଡିଆରେ ମୂର୍ଖାମୀ। ଏହା ହଜାର ହଜାର ବର୍ଷର ସନାତନ ଧର୍ମର ମହା ମିଳନ ପୀଠ । ଏଠି ଅପ୍ରାପ୍ତ ବସ୍ତୁ ପ୍ରାପ୍ତହୋଇଥାଏ, ଯିଏ ଯାହା ଚାହିଁଥାଏ ମିଳିଥାଏ। ଶୁଭଙ୍କର ପୁରୀ ଆସି କ୍ଷମା ମାଗିବାକୁ ପରାମର୍ଶ ଦେଇଛନ୍ତି ବୁଦ୍ଧିଜୀବୀ। ଏବେ ସମସ୍ତଙ୍କ ନଜର ଶୁଭଙ୍କରଙ୍କ ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣକରୁଛି ଶ୍ରୀମନ୍ଦିର ପ୍ରଶାସନ। ପୂର୍ବରୁ ଯିଏ ବି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନାମରେ ଅପପ୍ରଚାର କରିଛି ତାର ପତନ ସୁନିଶ୍ଚିତ। ଏହାର ଅନେକ ଉଦାହରଣ ବି ରହିଛି। ତେଣୁ ଖୁବ୍‌ଶୀଘ୍ର ଶୁଭଙ୍କର ମିଶ୍ର ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ କ୍ଷମା ମାଗିବାକୁ ଦାବି ହୋଇଛି।

## ଏକାଥରକେ ଦୁଇ କିସ୍ତି ପାଇବେ ସୁଭଦ୍ରା ହିତାଧିକାରୀ

ଭୁବନେଶ୍ୱର,(ପିପିଏସ୍):

ସୁଭଦ୍ରା ଯୋଜନାକୁ ନେଇ ଆସିଛି ବଡ଼ ଅପଡେଟ୍। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ନୂଆବର୍ଷରେ ଏକାଥରେ ୨ଟି କିସ୍ତି ପାଇବେ ସୁଭଦ୍ରା ହିତାଧିକାରୀ। ନୂଆ ଯୋଡ଼ି ହୋଇଥିବା ହିତାଧିକାରୀଙ୍କ ଆକାଉଣ୍ଟକୁ ଏକାଥରକେ ୨ଟି କିସ୍ତିର ଟଙ୍କା।




ଟ୍ରାନ୍ସଫର ହେବ। ୨ଟି କିସ୍ତି ଦେବାକୁ ଜାନୁଆରୀ ପ୍ରଥମ ସପ୍ତାହରୁ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। ସୁଭଦ୍ରା ଯୋଜନା ପାଇଁ ପୋର୍ଟାଲ ଖୋଲାଯାଇଛି। ଯାହାଙ୍କୁ ୨୧ବର୍ଷ ହେଲା, ତାଙ୍କୁ ସୁଭଦ୍ରା ପୋର୍ଟାଲରେ ସଂଯୋଗ କରାଯାଉଛି। ଏହାସହ ଏନ୍‌ଏଫ୍‌ଏସ୍‌ଏ ତଥ୍ୟ ଅନୁଯାୟୀ, ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ। ଯେଉଁମାନେ ନୂଆରେ ଯୋଡ଼ି ହେଉଛନ୍ତି ସେମାନଙ୍କୁ ଏକାଥରେ ୨ଟି କିସ୍ତିର ଟଙ୍କା ଦିଆଯିବ। ଏହି ଦୁଇ କିସ୍ତି ଏକାଥରେ ଦେବା ପାଇଁ ଜାନୁଆରୀ ପ୍ରଥମ ସପ୍ତାହରୁ ଆମେ ଏ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛୁ। ଯେଉଁମାନେ କିଛି ପାଇନଥିଲେ ବୋଲି ଚିନ୍ତା କରୁଥିଲେ, ନୂଆ ବର୍ଷ ଆସୁଆସୁ ସେ ଅଭିଯୋଗ ଆଉ ରହିବନାହିଁ । ସମସ୍ତେ ସୁଭଦ୍ରା ଯୋଜନା ଟଙ୍କା ପାଇବେ। ତେବେ ଏହି ଯୋଜନାରେ ୧୭ଲକ୍ଷରୁ ଅଧିକ ନୂଆ ହିତାଧିକାରୀ ଯୋଡ଼ି ହୋଇଛନ୍ତି । ୧୭,୮୩,୨୫୧ ମହିଳାଙ୍କୁ ଆନୁଷ୍ଠାନିକ ଭାବରେ ଯୋଜନାରେ ସଂଯୋଗ କରାଯାଇଛି । ସେହିପରି ୯,୩୬,୨୮୩ ଆବେଦନକୁ ରିଜେକ୍ଟ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସେପଟେ ସୁଭଦ୍ରା ଯୋଜନା ପାଇଁ ୨୯୫ କୋଟି ଅତିରିକ୍ତ ବ୍ୟୟବରାଦ ବିଧାନସଭାର ଅନୁମୋଦନ ପାଇଁ ଉପସ୍ଥାପନ ହୋଇଛି।

## ଭାରତ ଉପରେ ପ୍ରଭାବ ପକାଇଲାନି ଟ୍ରମ୍ପଙ୍କ ଟାରିଫ୍

### ରପ୍ତାନିରେ ବୃଦ୍ଧି

ନୂଆଦିଲ୍ଲୀ,(ଏଜେନ୍ସି):

ଆମେରିକା ଦ୍ୱାରା ଭାରତ ଉପରେ ଲାଗୁ କରାଯାଇଥିବା ଟାରିଫ୍(ଶୁଳ୍କ) ସତ୍ତ୍ୱେ ଭାରତୀୟ ରପ୍ତାନିରେ ବୃଦ୍ଧିଘଟୁଛି। ବାଣିଜ୍ୟ ମନ୍ତ୍ରଣାଳୟ ଏକ ସଂସଦୀୟ କମିଟିକୁ ସୂଚନା ଦେଇଛି ଯେ ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ଭାରତର ବାହାରକୁ ଯାଉଥିବା ଶିପ୍‌ମେଣ୍ଟ ଗତବର୍ଷର ସମାନ ସମୟ ତୁଳନାରେ ବୃଦ୍ଧି ପାଇଛି। ଭାରତ ରପ୍ତାନିରେ ଶକ୍ତି ପ୍ରଦର୍ଶନ କରିଛି, ଯାହା କେନ୍ଦ୍ର ସରକାରଙ୍କ ରଣନୀତି ସମ୍ପର୍କରେ ସକାରାତ୍ମକ ଭାବନାକୁ ସୂଚିତ କରେ। ଭାରତ ଏବଂ ଆମେରିକା ଶୁଳ୍କ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା ଜାରି ରଖିଛନ୍ତି। ତଥାପି ଅନେକ ପର୍ଯ୍ୟାୟର ସରକାରୀ ବୈଠକ ସତ୍ତ୍ୱେ, ଏପର୍ଯ୍ୟନ୍ତ କୌଣସି ଫଳାଫଳ ହାସଲ ହୋଇପାରିନାହିଁ। ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ ସଂସଦୀୟ ସ୍ଥାୟୀ କମିଟିର ଏକ ବୈଠକ ସମୟରେ କହିଥିଲେ ଯେ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଶୁଳ୍କ ଭାରତର ରପ୍ତାନି ଉପରେ କୌଣସି ନକାରାତ୍ମକ ପ୍ରଭାବ ପକାଇନାହିଁ। ବୈଠକରେ ମନ୍ତ୍ରଣାଳୟ ପ୍ରକାଶ କରିଛି ଯେ ଘରୋଇ ଉତ୍ପାଦନ ଏବଂ ଏକ ଦୃଢ଼ ଯୋଗାଣ ଶୃଙ୍ଖଳ ଯୋଗୁ ଦେଶ ରପ୍ତାନି ଅଭିବୃଦ୍ଧି ବଜାୟ ରଖିବାରେ ସମ୍ପୂର୍ଣ୍ଣ ସକ୍ଷମ। ଟିଏମ୍‌ସି ସାଂସଦ ଡୋଲା ସେନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ସମୟରେ ସଦସ୍ୟ ଅନେକ ପ୍ରଶ୍ନ ଉଠାଇଥିଲେ। ସେ ପଚାରିଥିଲେ, ଭାରତର ଏକ ଅଂଶୀଦାର ଦେଶ ହେବା ସତ୍ତ୍ୱେ ଆମେରିକା ଶୁଳ୍କ ଲାଗୁ କରିବା ପଛରେ କ'ଣ କାରଣ ?

## ପ୍ରତି ପଞ୍ଚାୟତରେ ନିଯୁକ୍ତ ହେବେ ପିଅନ

ଭୁବନେଶ୍ୱର,(ପିପିଏସ୍):

ରାଜ୍ୟର ପ୍ରତି ପଞ୍ଚାୟତରେ ଦିଆଯିବ ପିଅନ ନିଯୁକ୍ତି। ଏନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶାର ୩୦ ଜିଲ୍ଲା ୩୧୪ ବ୍ଲକ୍‌ରେ ମୋଟ ୬ ହଜାର ୭୯୪ ପଞ୍ଚାୟତ ରହିଛି। ସରକାରୀ ଚିଠି ଅନୁସାରେ, ରାଜ୍ୟର ସମସ୍ତ ପଞ୍ଚାୟତରେ ସୃଷ୍ଟିହେବ ପିଅନ ପଦବୀ। ଏହି ପଦବୀର ନାଁ ରହିବ ଗ୍ରାମ ପଞ୍ଚାୟତ ପିଅନ। ପଞ୍ଚାୟତ ପିଅନଙ୍କୁ ସରକାର ମାସିକ ୧୩ହଜାର ୧୬୦ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛନ୍ତି।

## ରାଜ୍ୟରେ ଶୀତ ଲହରୀ

### ୧୦ ଡିଗ୍ରୀ ତଳେ ୫ ସହର

ଭୁବନେଶ୍ୱର,(ପିପିଏସ୍):

ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତ ଲହରୀ ଜାରି ରହିଛି। ବର୍ତ୍ତମାନ ରାଜ୍ୟରେ ସ୍ୱାଭାବିକଠାରୁ ସାମାନ୍ୟ ତାପମାତ୍ରା ହ୍ରାସପାଇବ। ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରଭାବିତ ହେଉଛି। ପ୍ରଭାବରେ ରାତିର ତାପମାତ୍ର ହ୍ରାସ ପାଇଛି। ଏହାଛଡ଼ା ବାୟୁମଣ୍ଡଳରେ ଜଳୀୟ ବାଷ୍ପ ବିଶେଷ ନଥିବାରୁ ଦିନ ବେଳେ ତାତି ଏବଂ ରାତିରେ ଥଣ୍ଡା ଅନୁଭବ ହେଉଥିବା ପାଣିପାଗ ବିଶେଷଜ୍ଞ କହିଛନ୍ତି। ରାଜ୍ୟର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୭ରୁ ୧୦ ଡିଗ୍ରୀ ମଧ୍ୟରେ ରହୁଛି। ରାଜ୍ୟର ବିଭିନ୍ନ ସ୍ଥାନରେ ପାରଦ ଖସୁଥିବା ବେଳେ ବଢ଼ୁଛି ଶୀତ। ହାଡ଼ଭଙ୍ଗା ଶୀତ ଲୋକଙ୍କୁ କରୁଛି କଲବଲ । ବିଶେଷକରି ଦକ୍ଷିଣ ଓ ଉତ୍ତର ଓଡ଼ିଶାର ବିଭିନ୍ନ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ଖସିଛି । ଏଥିସହ ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ମଧ୍ୟ ଦେଖିବାକୁ ମିଳିଛି। ରାଜ୍ୟର ୫ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଯାହା ମଧ୍ୟରେ ଦାରିଙ୍ଗବାଡ଼ି ଓ ଫୁଲବାଣୀର ତାପମାତ୍ରା ସର୍ବନିମ୍ନ ୮.୫ ଡିଗ୍ରୀ ରହିଛି। ରାଜ୍ୟରେ ସବୁଠୁ ଥଣ୍ଡା ସ୍ଥାନ ଜି. ଉଦୟଗିରି ରହିଛି। ଦୁଇଦିନ ଧରି କୋରାପୁଟ ଜିଲ୍ଲାରେ ବଢ଼ିଛି ଶୀତଲହରୀ। ସକାଳୁସକାଳୁ ଘନକୁହୁଡ଼ି ପଡ଼ିବା ଯୋଗୁଁ ଯାତାୟତରେ ବାଧା ସୃଷ୍ଟିହୋଇଛି। ବିଶେଷ କରି ଜିଲ୍ଲାର ସେମିଳିଗୁଡ଼ା, ଦାମନ ଯୋଡ଼ି ଏବଂ ଦଶମନ୍ତପୁର ଅଞ୍ଚଳରେ ରାତିର ତାପମାତ୍ରା ୧୦ ଡିଗ୍ରୀ ତଳେ ରହୁଛି। ଦିନ ୧୦ଟା ପର୍ଯ୍ୟନ୍ତ ଘନ କୁହୁଡ଼ି ଲାଗି ରହୁଛି । ପାଣିପାଗ ବିଶେଷଜ୍ଞଙ୍କ ମତ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ ଶୀତର ପ୍ରଭାବ। ତେଣେ ଶ୍ରୀଲଙ୍କାରେ ଘୂର୍ଣ୍ଣିଝଡ଼ 'ଦ୍ୱିତା' ଯୋଗୁଁ ବନ୍ୟା ଏବଂ ଭୂସ୍ଖଳନ ଦେଖିବାକୁ ମିଳିଛି। ଯାହାକୁ ନେଇ ୮୦ରୁ ଅଧିକ ଲୋକଙ୍କ ମୃତ୍ୟୁହୋଇଛି। ଶ୍ରୀଲଙ୍କାର ଏହି ସଙ୍କଟମୟ ସମୟରେ ସହାୟତା ପାଇଁ ଭାରତ 'ଅପରେସନ୍ ସାଗର ବନ୍ଧୁ' ଆରମ୍ଭ କରିବା ସହ ରିଲିଫ୍ ସାମଗ୍ରୀର ପ୍ରଥମ ପର୍ଯ୍ୟାୟ ହସ୍ତାନ୍ତର କରିଛି। ଭାରତୀୟ ନୌସେନାର ବିମାନ ବାହକ ଆଇଏନ୍‌ଏସ୍ ବିକ୍ରାନ୍ତ ଏବଂ ଆଗ ଧାଡ଼ିର ଜାହାଜ ଆଇଏନ୍‌ଏସ୍ ଉଦୟଗିରି ଦ୍ୱାରା ରିଲିଫ୍ ସାମଗ୍ରୀ ପରିବହନ କରାଯିବା ପରେ ପ୍ରଥମ ପର୍ଯ୍ୟାୟ ରିଲିଫ୍ ସାମଗ୍ରୀ ହସ୍ତାନ୍ତର କରାଯାଇଥିଲା।

### ସମ୍ପାଦକୀୟ
## ହିନ୍ଦୀରେ ଶପଥ

## ଜୁନ୍ ସୁଦ୍ଧା ସରିବ ଚଣ୍ଡୀମନ୍ଦିର କାମ

ଭୁବନେଶ୍ୱର:

ବିଧାନସଭା ଶୀତ ଅଧିବେଶନର ତୃତୀୟ ଦିନ ଆରମ୍ଭରୁ ସ୍ୱାଭାବିକ ଚାଲିଥିଲା ଗୃହ କାର୍ଯ୍ୟ । କେବେ ସୁଦ୍ଧା ଶେଷ ହେବ କଟକଚଣ୍ଡୀ ମନ୍ଦିର କାମ । ଏନେଇ ପ୍ରଶ୍ନକାଳରେ ପ୍ରଶ୍ନ କରିଥିଲେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଶ। ସୋଫିଆଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଆସନ୍ତାବର୍ଷ ଜୁନ୍ ମାସ ସୁଦ୍ଧା ଏହା ଶେଷ ହେବ। ୨୦୨୬ ସୁଦ୍ଧା ଶେଷହେବ କଟକ ଚଣ୍ଡୀମନ୍ଦିର କାମ। ଲକ୍ଷ୍ୟ ଅନୁସାରେ କାମ ଚାଲିଥିବା କହିଛନ୍ତି ମନ୍ତ୍ରୀ।

### ବାଟେଘାଟେ



ଧାନ ଫସଲର ଅମଳ ଦେଖିଣ
ଚାଷୀ ପୁଅ ମାରେ ହେଣ୍ଡି
ଶୀତ କାକରରେ ଖଟଣି ଖଟିଣ
ଝଡ଼ିଯାଇଛି ତା ଗଣ୍ଡି
ଅନେଇ ରହିଛି ଉପର ବାଲାକୁ
କେବେ ଖୋଲିବ ତା ମଣ୍ଡି
ଆପଣା ସୁନାଟା ଭେଣ୍ଡି
କଟଣି ଛଟଣି ନାଁ ରେ କାଟନ୍ତି
ମୁହେଁ ଭିଡ଼ିଥାଅ ତୁଣ୍ଡି
ଧାନ ବଦଳରେ କେତେତୁ ପାଇବୁ
ବସି ମରୁଥାଅ ହେଣ୍ଡି

- ରାହୀ

ପ୍ରଜାତନ୍ତ୍ର ପ୍ରଚାର ସମିତି
ଆନୁକୂଲ୍ୟରେ

**ପ୍ରଜାତନ୍ତ୍ର ପାଠଚକ୍ର**

ସମୟ : ୩୦।୧୧।୨୦୨୫ ରବିବାର ସନ୍ଧ୍ୟା ୬ଘଟିକା
ସ୍ଥାନ : ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷ, ବିହାରୀବାଗ, କଟକ-୨
ବିଷୟ : ପ୍ରାକୃତିକ ଦୁର୍ବିପାକ ଓ ଦାରିଦ୍ର୍ୟ

ପ୍ରାରମ୍ଭିକ ସୂଚନା : ଶ୍ରୀଯୁକ୍ତ ଡଃ. ଭର୍ତ୍ତୃହରି ମହତାବ
ସଭାପତି : ଡଃ. ଯୋଗଶଙ୍କର ମହାପ୍ରଶସ୍ତ, ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ସମ୍ମାନିତ ବକ୍ତା : ଡଃ. ଅମରେନ୍ଦ୍ର ଦାସ, ଆସୋସିଏଟ୍ ପ୍ରଫେସର, ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଓଡ଼ିଶା
: ସୁଶ୍ରୀ ସସ୍ମିତା ବେହେରା, ପି.ଏଚ୍.ଡି. ଗବେଷିକା, ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଓଡ଼ିଶା
: ଡଃ. ଲକ୍ଷ୍ମୀକାନ୍ତ ଗୁଆଳ, ଗବେଷକ, ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଓଡ଼ିଶା

*ଆଗ୍ରହୀ ଶ୍ରୋତାଗଣ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ।*

ଆବାହକ :
ଡାକ୍ତର ରବିରଞ୍ଜନ ସାହୁ
ମୋ:୯୪୩୭୩-୧୦୧୭୧
ଶ୍ରୀ ସନ୍ତୋଷ କୁମାର ପତି

// ନିବେଦକ //
ଡଃ. ଭର୍ତ୍ତୃହରି ମହତାବ
ଅଧ୍ୟକ୍ଷ



ପ୍ରଜାତନ୍ତ୍ର




# ଆଜିର ରାଶିଫଳ

**ମେଷ**
ଆଜି ଆପଣ କିଛି ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ । କିନ୍ତୁ ଆପଣ ସମାଧାନ ଖୋଜିପାରିବେ । ଏହା ଆପଣଙ୍କୁ ଶକ୍ତି ଏବଂ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ କରିବ । ଯେକୌଣସି ଘରୋଇ ସମସ୍ୟାର ସମାଧାନ କରିବାର ସଠିକ୍ ସମୟ । ସମ୍ପତ୍ତି ସମ୍ବନ୍ଧୀୟ କାମ ସଫଳ ହେବ । ପୁରୁଣା ସମସ୍ୟାର ସମାଧାନ କରିବା ଦ୍ୱାରା ମନକୁ ଶାନ୍ତି ମିଳିବ ।

**ବୃଷ**
ଆଜି ବ୍ୟସ୍ତବହୁଳ ଦିନଟି ହେବ । ଆପଣ ବିଭିନ୍ନ କାର୍ଯ୍ୟକଳାପରେ ମଗ୍ନ ରହିବେ । ଅଧା ଥିବା କାମ ଯେକୌଣସି ପରିସ୍ଥିତି ସମାପ୍ତ ହେବ । ପୈତୃକ ସମ୍ପତ୍ତି ସହ ଜଡିତ ମାମଲା ଆପଣଙ୍କ ଦ୍ୱାରା ସମାଧାନ ହୋଇପାରେ । ଅଧିକ ଖର୍ଚ୍ଚ ପ୍ରତି ଧ୍ୟାନ ଦିଅନ୍ତୁ । ଛୋଟ ଛୋଟ କଥାରେ ଆଘାତ ପାଇବାରୁ ପ୍ରବୃତ୍ତିକୁ ଉନ୍ନତ କରନ୍ତୁ ଏବଂ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରନ୍ତୁ ମିଥୁନ:

**ମିଥୁନ**
ଦିନଟି ସୁଖଦ ଭାବରେ ଆରମ୍ଭ ହେବ । ଆପଣ ଆନନ୍ଦ ଏବଂ କଠିନ ପରିଶ୍ରମ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମାପ୍ତ କରିବାରେ ସଫଳ ହେବେ । ଜମିବାଡି କାମରେ ଲାଭବାନ ହେବ । ଧାର୍ମିକ ସ୍ଥଳ ପରିଦର୍ଶନ କରିବେ । ବୟସ୍କଙ୍କଠାରୁ ଆଶୀର୍ବାଦ ମିଳିବ । ବ୍ୟସ୍ତ ରହିବେ, କାର୍ଯ୍ୟରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରୁ ବଞ୍ଚିତ ରୁହନ୍ତୁ । ପାରିବାରିକ ଜୀବନ ସୁଖଦ ରହିବ ।

**କର୍କଟ**
ଆପଣଙ୍କ ମନ ପସନ୍ଦର କାର୍ଯ୍ୟକଳାପ ଏବଂ ପ୍ରକୃତିରେ ରହିବାରେ କିଛି ସମୟ ବିତାଇବେ । ଏହା ଆପଣଙ୍କୁ ନୂତନ ଶକ୍ତିର ଅନୁଭବ ଦେବ । ବନ୍ଧୁମାନଙ୍କୁ ଭେଟିବା ଦ୍ୱାରା ଆନନ୍ଦ ମିଳିବ ଏବଂ ମାନସିକ ଶାନ୍ତି ବଜାୟ ରହିବ । ଖର୍ଚ୍ଚ ସୀମିତ କରନ୍ତୁ । କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ । କାର୍ଯ୍ୟସ୍ଥଳରେ କର୍ମଚାରୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ ।

**ସିଂହ**
ଗ୍ରହ ସ୍ଥିତି ଅନୁକୂଳ । ଆଜି ଆପଣ ଯେକୌଣସି କାର୍ଯ୍ୟ ସୁରୁଖୁରୁରେ ସମାପ୍ତ କରିବେ । ଏହା ଆପଣଙ୍କ ଆତ୍ମବିଶ୍ୱାସକୁ ବୃଦ୍ଧି କରିବ । ଛାତ୍ରମାନେ ସେମାନଙ୍କ ସଫଳତା ପାଇବେ । ଶୀଘ୍ର ନିଷ୍ପତ୍ତି ନେବେ । ବ୍ୟବସାୟରେ ଚ୍ୟାଲେଞ୍ଜ ରହିବ। ଆର୍ଥିକ ମଜବୁତ ହେବ । ଆପଣଙ୍କ ଜୀବନସାଥୀ ଏବଂ ପରିବାର ସହିତ ସମୟ ଅତିବାହିତ କରିବେ ।

**କନ୍ୟା**
ଆଜି ଆପଣଙ୍କର ଅଧିକାଂଶ ସମୟ ବ୍ୟକ୍ତିଗତ କାର୍ଯ୍ୟକଳାପରେ ବ୍ୟସ୍ତ ରହିବେ । ଯଦି କୌଣସି କାମ ଅଟକି ରହିଛି, ପୁନର୍ବାର ଆରମ୍ଭ ହୋଇପାରେ । ସାମାଜିକ ଏବଂ ରାଜନୈତିକ କ୍ଷେତ୍ରରେ ଆପଣଙ୍କର ଆଗ୍ରହ ମଧ୍ୟ ବୃଦ୍ଧି ପାଇବ। ଅତ୍ୟଧିକ ଆତ୍ମବିଶ୍ୱାସ ଏବଂ ଅହଂକାର ଆପଣଙ୍କ ପାଇଁ କ୍ଷତିକାରକ ହେବ । ଅନାବଶ୍ୟକ ଖର୍ଚ୍ଚ ଏଡାନ୍ତୁ ।

**ତୁଳା**
ସରକାରୀ ମାମଲା ବିଚାରାଧୀନ ଥିଲେଇ ସରକାରୀ ଅଧିକାରୀଙ୍କ ସାହାଯ୍ୟରେ ସମାଧାନ ହୋଇପାରେ । ମାନସିକ ଶାନ୍ତି ଏବଂ ଆରାମ ମିଳିବ । ବିଦେଶ ଯାତ୍ରା କରିବାକୁ ସମ୍ଭାବନା ରହିଛି । ଭାଗ୍ୟ ସପକ୍ଷରେ ରହିବ । ଦୈନିକ ଆୟ ସାମନ୍ୟ ବୃଦ୍ଧି ପାଇବ । କଠିନ ପରିଶ୍ରମ ଦ୍ୱାରା ପୁରସ୍କାର ମିଳିବ ।

**ବିଛା**
ଅଧିକାଂଶ କାର୍ଯ୍ୟ ସମୟସୀମାରେ ସମାପ୍ତ ହେବ, ଜଟିଳ ସମସ୍ୟାର ସମାଧାନ ହେବ, ମନରେ ଶାନ୍ତି ଆଣିବ । ଅନାବଶ୍ୟକ ଖର୍ଚ୍ଚ କରନ୍ତୁ ନାହିଁ । ଅଫିସରେ ଜଣେ କର୍ମଚାରୀ କ୍ଷତି ଘଟାଇପାରନ୍ତି ।

**ଧନୁ**
ଶୃଙ୍ଖଳିତ ରୁହନ୍ତୁ, ଦୈନନ୍ଦିନ କାର୍ଯ୍ୟରେ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତୁ । ଏହା ଆପଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ସହଜ ହେବ । ପରିବାରରେ ସୁଖଦ ପରିବେଶ ରହିବ । କଠିନ ପରିଶ୍ରମ କରିବା ଦ୍ୱାରା ନୂତନ ସୁଯୋଗ ସୃଷ୍ଟି ହେବ । ଜୀବନସାଥୀଙ୍କ ଠାରୁ ସମର୍ଥନ ମିଳିବ ।

**ମକର**
ଆଧ୍ୟାତ୍ମିକ ସ୍ଥାନ ପରିଦର୍ଶନ କରି ମାନସିକ ଶାନ୍ତି ପାଇବେ । ସାମାଜିକ ଏବଂ ପାରିବାରିକ କାର୍ଯ୍ୟକଳାପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ । ଜମିବାଡିରେ ସମାଧାନ ହେବ । ଲକ୍ଷ୍ୟ ପୂରଣ କରିବା ଦ୍ୱାରା ଆୟରେ ଉନ୍ନତି ହେବ । କଠିନ ପରିଶ୍ରମ ଫଳପ୍ରଦ ହେବ ।

**କୁମ୍ଭ**
ଲାଗି ରହିଥିବା ସମସ୍ୟାର ସମାଧାନ ହେବ । କାର୍ଯ୍ୟରେ ଧ୍ୟାନ ଦେବେ । ସମାଜରେ ସମ୍ମାନ ପାଇବେ । ବିପଦରୁ ଦୂରେଇ ରୁହନ୍ତୁ । ପ୍ରତିକୂଳ ପରିସ୍ଥିତିରେ ହାର ମାନି ନଯିବା ପାଇଁ ପ୍ରସ୍ତୁତ ରୁହନ୍ତୁ । ଧୈର୍ଯ୍ୟ ବଜାୟ ରଖନ୍ତୁ । କାମରେ ସଫଳତା ମିଳିବ । ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ।

**ମୀନ**
ସତର୍କତା ସହ ନିଷ୍ପତ୍ତି ନିଅନ୍ତୁ । ପରିବାର ସଦସ୍ୟଙ୍କ ପରାମର୍ଶ ସହାୟକ ହେବ। ମାନସିକ ଶାନ୍ତି ପାଇବେ । କାର୍ଯ୍ୟସ୍ଥଳରେ ଶୃଙ୍ଖଳିତ ପରିବେଶ ବଜାୟ ରଖନ୍ତୁ। ଧୈର୍ଯ୍ୟ ଓ ସଂଯମ ରଖିବା ଦ୍ୱାରା ସଫଳତା ପାଇବେ । ବୈବାହିକ ଜୀବନ ସୁଖମୟ ହେବ ।

# ବିଶ୍ୱର ସର୍ବବୃହତ ସାର୍ବଜନୀନ ଶୌଚାଳୟ

ପରିମଳ ଏବଂ ସାର୍ବଜନୀନ ଶୌଚାଳୟ କେବଳ ଦୈନନ୍ଦିନ ଆବଶ୍ୟକତା ନୁହେଁ, ବରଂ ସ୍ୱାସ୍ଥ୍ୟ ଏବଂ ସମାଜ ପାଇଁ ମୌଳିକ ଆବଶ୍ୟକତା। ଦୁନିଆରେ ଏପରି ଏକ ସ୍ଥାନ ଅଛି, ଯେଉଁଠାରେ ଏକ ସମୟରେ ୧,୦୦୦ ଲୋକ ଶୌଚାଳୟ ବ୍ୟବହାର କରିପାରିବେ। ଏହା କୌଣସି ମଜା ନୁହେଁ; ଚାଇନାର ଚୋଙ୍ଗକିଙ୍ଗରେ ଥିବା ପୋର୍ସେଲେନ ପ୍ୟାଲେସକୁ ବିଶ୍ୱର ସର୍ବବୃହତ ସାର୍ବଜନୀନ ଶୌଚାଳୟ କୁହାଯାଏ। ଏହା କେବଳ ସଂଖ୍ୟାରେ ବଡ଼ ନୁହେଁ ବରଂ ଡିଜାଇନ ଏବଂ ସାଜସଜ୍ଜାରେ ମଧ୍ୟ ଅନନ୍ୟ। ଏହାର ପ୍ରାସାଦ ପରି ସାଜସଜ୍ଜା ଏବଂ ଆଧୁନିକ ସୁବିଧା, ଇଜିପ୍ଟୀୟ ସ୍ଥାପତ୍ୟ ଦ୍ୱାରା ଅନୁପ୍ରାଣିତ। ଏହାକୁ ପର୍ଯ୍ୟଟକଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ କରିଥାଏ। ପୋର୍ସେଲେନ ପ୍ୟାଲେସ ପ୍ରାୟ ୩୨,୨୯୦ ବର୍ଗଫୁଟ ଅଞ୍ଚଳକୁ ଆଚ୍ଛାଦିତ କରେ ଏବଂ ୧,୦୦୦ରୁ ଅଧିକ ଶୌଚାଳୟ ରହିଛି। ଏହା କେବଳ ସଂଖ୍ୟାରେ ବଡ଼ ନୁହେଁ, ବରଂ ଏହାର ସ୍ଥାପତ୍ୟ ଏବଂ ଡିଜାଇନ ଏହାକୁ ଅନନ୍ୟ କରିଥାଏ।

ଏହାର ସମଗ୍ର ପରିସରରେ ଇଜିପ୍ଟ ଶୈଳୀର ସାଜସଜ୍ଜା ଦେଖିବାକୁ ମିଳେ, ଯାହା ଏହାକୁ ଏକ ସାଧାରଣ ଶୌଚାଳୟ ଅପେକ୍ଷା ଅଧିକ ଆକର୍ଷଣୀୟ ଏବଂ ଅନନ୍ୟ କରିଥାଏ। ଏହା ଏହାକୁ କେବଳ ବ୍ୟବହାରର ସ୍ଥାନ ନୁହେଁ ବରଂ ଏକ ପର୍ଯ୍ୟଟନ ଆକର୍ଷଣ ମଧ୍ୟ କରିଛି।



ଏହି ସୁବିଧା ସହରବାସୀ ଏବଂ ପର୍ଯ୍ୟଟକ ଉଭୟଙ୍କ ପାଇଁ ଅତ୍ୟନ୍ତ ସୁବିଧାଜନକ। ଏତେ ବଡ଼ ସାର୍ବଜନୀନ ଶୌଚାଳୟ ସହିତ, ଏହାକୁ ବଡ଼ ଭିଡ଼ ଏବଂ କାର୍ଯ୍ୟକ୍ରମ ସମୟରେ ମଧ୍ୟ ସହଜରେ ବ୍ୟବହାର କରାଯାଇପାରିବ। ଏହା ବ୍ୟତୀତ, ଏହାର ପରିଷ୍କାର ପରିଚ୍ଛନ୍ନତା ଏବଂ ଆଧୁନିକ ଉପକରଣ ଏହାକୁ ସୁରକ୍ଷିତ କରିଥାଏ।

ବିଶ୍ୱ ସ୍ତରରେ, ଚାଇନା ସାର୍ବଜନୀନ ଶୌଚାଳୟ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ପୋର୍ସେଲେନ ପ୍ୟାଲେସ ପ୍ରମାଣିତ କରିଛି ଯେ, ଶୌଚାଳୟ କେବଳ ଏକ ଆବଶ୍ୟକୀୟ ସୁବିଧା ନୁହେଁ ବରଂ ଏକ ସାଂସ୍କୃତିକ ଏବଂ ପର୍ଯ୍ୟଟନସ୍ଥଳ ମଧ୍ୟ ହୋଇପାରେ।

# ସୁଖୀ ଦାମ୍ପତ୍ୟ ଜୀବନ ପାଇଁ ଆପଣାନ୍ତୁ ଏହି ଟିପ୍ସ

**କଥାରେ ଅଛି ଯେଉଁ ସମ୍ପର୍କରେ ମାନ ଅଭିମାନ ନାହିଁ ସେଠି ଜୀବନର ଆନନ୍ଦ ନାହିଁ । ବିଶେଷ କରି ସ୍ୱାମୀସ୍ତ୍ରୀଙ୍କ ଦାମ୍ପତ୍ୟ ଜୀବନରେ ଛୋଟ ଛୋଟ ଝଗଡ଼ା ଏବଂ ରାଗରୁଷା ପରବର୍ତ୍ତୀ ସମୟରେ ପରସ୍ପରକୁ ବୁଝାଇବାରେ ଭଲପାଇବା ବଢ଼ାଇଥାଏ। କିନ୍ତୁ ବର୍ତ୍ତମାନ ଅଧିକାଂଶ କ୍ଷେତ୍ରରେ ସାମାନ୍ୟ ଝଗଡ଼ା ବି ମନାନ୍ତର ଏବଂ କେବେ କେବେ ବିବାହ ବିଚ୍ଛେଦର କାରଣ ସାଜୁଥିବା ଦେଖିବାକୁ ମଲୁଛି । ହେଲେ କେତେକ ଦିଗ ପ୍ରତି ଯତ୍ନଶୀଳ ହୋଇପାରିଲେ ବିବାହ ଭଳି ଏକ ନିବିଡ଼ ସମ୍ପର୍କ ଅତୁଟ ହୋଇ ରହିପାରିବ...**



ହେବାକୁ ପଡ଼ିବ ନିଃସ୍ୱାର୍ଥପର: ବୈବାହିକ ସମ୍ପର୍କକୁ ଅତୁଟ ରଖିବା ଲାଗି ନିଃସ୍ୱାର୍ଥପର ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କାରଣ ଯେଉଁମାନେ କୌଣସି ସ୍ୱାର୍ଥ ରଖି ବିବାହ କରିଥାନ୍ତି, ସେମାନେ ନିଜର ସ୍ୱାର୍ଥ ପୂରଣ ପରେ ଜୀବନସାଥୀ ଅଲୋଡ଼ା ଭାବନ୍ତି। ଯାହାକି ଅନ୍ୟକୁ ଗଭୀର ମାନସିକ ଆଘାତ ଦେଇଥାଏ, ଆଉ ତାହାହିଁ ବିବାହ ବିଚ୍ଛେଦର ସବୁଠୁ ବଡ଼ କାରଣ ସାଜିଥାଏ।

ଆବଶ୍ୟକ ଦୃଢ଼ ବିଶ୍ୱାସ: ଜୀବନସାଥୀଙ୍କ ମଧ୍ୟରେ ବିବାହ ବିଚ୍ଛେଦର ସବୁଠୁ ବଡ଼ କାରଣ ହେଉଛି ଅବିଶ୍ୱାସ। କୌଣସି କାର୍ଯ୍ୟ ଦ୍ୱାରା ଯଦି ଜଣଙ୍କର ବିଶ୍ୱାସ ଥରେ ଭାଙ୍ଗିଯାଏ ତାହା ପୁନର୍ବାର ସୃଷ୍ଟିହେବା ଖୁବ୍ କଷ୍ଟ। ତେଣୁ ବିଶ୍ୱାସରେ ବିଷ ଦେବା ଭଳି କୌଣସି କାର୍ଯ୍ୟ କରିବା ଆଦୌ ଉଚିତ୍ ନୁହେଁ। ପରସ୍ପର ପ୍ରତି ବିଶ୍ୱାସ ରଖିବା ହିଁ ଏକ ସୁଖୀ ଦାମ୍ପତ୍ୟ ଜୀବନର ସବୁଠୁ ବଡ଼ ମନ୍ତ୍ର।

ସନ୍ଦେହ ବି ହୋଇପାରେ କ୍ଷତିକାରକ: ସନ୍ଦେହ ଏମିତି ଏକ ନକାରାତ୍ମକ ଚିନ୍ତା ଯାହା ଏକ ନିବିଡ଼ ସମ୍ପର୍କକୁ କ୍ଷଣକରେ ଭାଙ୍ଗି ଦେଇପାରେ। ତେଣୁ ବୈବାହିକ ସମ୍ପର୍କକୁ ଅତୁଟ ରଖିବାକୁ ହେଲେ ସନ୍ଦେହକୁ ମନରେ ଆଦୌ ସ୍ଥାନ ଦେବା ଠିକ୍ ନୁହେଁ। ଅନେକେ ଏମିତି ଅଛନ୍ତି ଯେଉଁମାନେ ଅନ୍ୟର ଶୁଣା କଥାରେ ନିଜ ଜୀବନସାଥୀଙ୍କୁ ସନ୍ଦେହ କରନ୍ତି, ସେ କାହା ସହ ଖୁସିରେ କଥା ହେଲେ ବିରକ୍ତ ହୁଅନ୍ତି, ଏମିତିକି ତାଙ୍କ ଅନୁପସ୍ଥିତିରେ ତାଙ୍କ ମୋବାଇଲରେ ମେସେଜ, ହ୍ୱାଟ୍ସଆପ୍, ଫେସ୍ବୁକ୍ ମେସେଞ୍ଜର ଆଦି ଚେକ୍ କରିବାକୁ ପଛାନ୍ତି ନାହିଁ। ହେଲେ ଏହାଦ୍ୱାରା ମନାନ୍ତର ହୋଇ ଧୀରେ ଧୀରେ ବିଚ୍ଛେଦର କାରଣ ସାଜିପାରେ। ତେଣୁ ମନରେ ସନ୍ଦେହକୁ ସ୍ଥାନ ଦିଅନ୍ତୁ ନାହିଁ ବରଂ ଆବଶ୍ୟକ ସ୍ଥଳେ ପରସ୍ପର ସହ କଥା ହୋଇ ସନ୍ଦେହ ଦୂର କରନ୍ତୁ।

ଠିକ୍ ନୁହେଁ କମ୍ୟୁନିକେଶନ ଗ୍ୟାପ୍: ଦମ୍ପତିଙ୍କ ମଧ୍ୟରେ କେବେ କେବେ ଝଗଡ଼ା, ରାଗ ରୁଷା ହୁଏ। ଆଉ ଏଥିପାଇଁ କିଛି ସମୟ ରାଗରେ କଥାବାର୍ତ୍ତା ବି ବନ୍ଦ ହୁଏ। ହେଲେ ଏହାର ଅର୍ଥ ନୁହେଁ ରାଗ ଅବା ସନ୍ଦେହରେ ମନ ଭିତରେ ଦୁଃଖକୁ ଚାପିରଖି ଦୀର୍ଘ ସମୟ ଚୁପ୍ ରହିବା। କାରଣ ଏହା ଦ୍ୱାରା ଧୀରେ ଧୀରେ କମ୍ୟୁନିକେଶନ ଗ୍ୟାପ୍ ବଢ଼ିଥାଏ, ଯାହାକି ଶେଷରେ ମନାନ୍ତର ଏବଂ ବିଚ୍ଛେଦର ରୂପ ନେଇଥାଏ। ତେଣୁ ବୁଝାମଣା ଅଭାବରୁ ଗ୍ୟାପ୍ ଯେପରି ନ ବଢ଼ିଯାଏ ସେଥିପାଇଁ ଚୁପ୍ ନ ରହି କିମ୍ବା ନ ରାଗି ପରସ୍ପର ମଧ୍ୟରେ କଥା ହୋଇ ଏହାର ସମାଧାନ କରିବାକୁ ଚେଷ୍ଟା କଲେ ବୈବାହିକ ସମ୍ପର୍କ ଅତୁଟ ହୋଇଥାଏ।

ସଚ୍ଚୋଟ ହେବା ଦରକାର: ଜୀବନସାଥୀ ପରସ୍ପରକୁ କୌଣସି କଥା ଲୁଚାଇବା ଠିକ୍ ନୁହେଁ। କାରଣ ଲୁଚାଇଲେ ଅବିଶ୍ୱାସ ଏବଂ ସନ୍ଦେହ ଜନ୍ମନିଏ, ଯାହାକି ସମ୍ପର୍କକୁ କ୍ଷତି ପହଞ୍ଚାଏ। ତେଣୁ ନିଜ ଲାଇଫ୍ ପାର୍ଟନରଙ୍କ ଆଗରେ ସବୁବେଳେ ସଚ୍ଚୋଟ ହୋଇ ହୃଦୟ ଖୋଲା ରଖି ସତ କହିଲେ ହିଁ ସମ୍ପର୍କ ମଧୁର ଏବଂ ଅତୁଟ ରହିଥାଏ।

ତୁଳନା ଠିକ୍ ନୁହେଁ: ଅନେକ ଦମ୍ପତ୍ତି ଅଛନ୍ତି, ଯେଉଁମାନେ ନିଜ ପାର୍ଟନରଙ୍କ ତୁଳନା ଅନ୍ୟ ସହ କରିଥାନ୍ତି। ହେଲେ ଏହା ଯେ ତାଙ୍କୁ ମାନସିକ ଆଘାତ ଦେଉଥିବ ସେକଥା ଭୁଲିଯାଆନ୍ତି। ଫଳରେ ସମ୍ପର୍କ ଖରାପ ହୋଇଥାଏ। ତେଣୁ ତୁଳନା ଛାଡ଼ି ନିଜ ପାର୍ଟନର ଯେମିତି ତାଙ୍କୁ ସେହିଭଳି ସ୍ୱୀକାର କରନ୍ତୁ ଏବଂ ସେତିକିରେ ହିଁ ସନ୍ତୁଷ୍ଟ ରହିବାକୁ ଚେଷ୍ଟା କଲେ ସମ୍ପର୍କ ମଜଭୁତ ହୋଇଥାଏ।

ବାକ୍ ସଂଯମତା ସବୁଠୁ ଗୁରୁତ୍ୱପୂର୍ଣ୍ଣ: ଦାମ୍ପତ୍ୟ ଜୀବନ ସୁଖମୟ ରଖିବା ଓ ନିଜ ସମ୍ପର୍କ ଅତୁଟ ରଖିବା ଲାଗି ଉଭୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଓ ବିଶ୍ୱାସ ରହିବା ଦରକାର। ହେଲେ କେବେ କେବେ ବିଭିନ୍ନ କଥାକୁ ନେଇ ପରସ୍ପର ମଧ୍ୟରେ ଝଗଡ଼ା ହୋଇଥାଏ। ଆଉ ରାଗରେ ପାଟିରୁ ଏମିତି କିଛି ଭୁଲ୍ କଥା ବାହାରିଆସେ ଯାହାକି ପରବର୍ତ୍ତୀ ସମୟରେ ସମ୍ପର୍କ ଖରାପ କରିଥାଏ। ତେଣୁ ଯେବେ ମନରେ ରାଗ ଥିବ ସେତେବେଳେ 'ତୁମ ସହ ବିବାହ କରି ଭୁଲ୍ କରିଦେଲି, ମୁଁ ତୁମକୁ ଭଲ ପାଏ ନାହିଁ, ଘୃଣା କରେ, 'କାସ୍, ତୁମକୁ ନ ବାହା ହୋଇ ଆଉ କାହାକୁ ବାହା ହୋଇଥାନ୍ତି, ଖୁସିରେ ରହିଥାନ୍ତି' ଆଦି ଭଳି କଟୁ କଥା ଆଦୌ କୁହନ୍ତୁ ନାହିଁ। କାରଣ ଏହା ଜୀବନସାଥୀଙ୍କ ମନକୁ ଏହି କଥା ବାରମ୍ବାର ଆଘାତ ପହଞ୍ଚାଇଥାଏ, ଯାହାଦ୍ୱାରା ସମ୍ପର୍କର ଦୃଢ଼ତା ଧୀରେ ଧୀରେ କମିଯାଏ।

ପରସ୍ପର ପ୍ରତି ସମ୍ମାନ ରହିବା ଦରକାର: ପରସ୍ପର ପ୍ରତି ସମ୍ମାନ ହେଉଛି ଏକ ଆଦର୍ଶ ଦାମ୍ପତ୍ୟ ଜୀବନର ମୂଳମନ୍ତ୍ର। ଦାମ୍ପତ୍ୟ ଜୀବନରେ ଜଣେ ଜଣଙ୍କୁ ଅସମ୍ମାନ କରିବା ବା ନୀଚା ଦେଖାଇବା ଦ୍ୱାରା ମାନସିକ ସ୍ତରରେ ଉଭୟଙ୍କ ମଧ୍ୟରେ ଦୂରତା ବଢ଼ିଥାଏ। କେବେ କେବେ ଏହାଦ୍ୱାରା ଆତ୍ମସମ୍ମାନ ହାନି ହେବା ଯୋଗୁ ବିବାହ ବିଚ୍ଛେଦର କାରଣ ସାଜିଥାଏ। ତେଣୁ ନିଜ ସମ୍ପର୍କକୁ ଦୃଢ଼ କରିବାକୁ ଚାହୁଁଥିଲେ ସବୁବେଳେ ଜୀବନସାଥୀଙ୍କୁ ସମ୍ମାନ ଦିଅନ୍ତୁ।

# ଅଧିକ ଲୁଣ ଖାଇଲେ କ'ଣ ହୁଏ ?



ଲୁଣ ବିନା ଖାଦ୍ୟ ସ୍ୱାଦହୀନ। କିନ୍ତୁ ସ୍ୱାଦ ପାଇଁ ଯେ ଲୁଣ ହାନିକାରକ, ତାହା ଜାଣି ମଧ୍ୟ ଅନେକ ଅସଚେତନ। ଅତ୍ୟଧିକ ଲୁଣ ଖାଇବା ଦ୍ୱାରା ଏକାଧିକ ରୋଗ ମାଡ଼ିବସେ। ଫାଷ୍ଟଫୁଡ୍ ଏବଂ ଜଙ୍କ ଫୁଡରେ ଅତ୍ୟଧିକ ସୋଡିୟମ୍ ଥାଏ। ଅତ୍ୟଧିକ ସୋଡିୟମ ମିଶ୍ରିତ ଖାଦ୍ୟ ଖାଇବା ଦ୍ୱାରା କିଡନୀ, ଗ୍ୟାଷ୍ଟ୍ରିକ୍, କର୍କଟ ଏବଂ ମୋଟାପଣ ଭଳି ଅନେକ ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଏନେଇ ବୈଜ୍ଞାନିକଙ୍କ ଅନୁଧ୍ୟାନ କଣ କହୁଛି, ଜାଣନ୍ତୁ...

**ଅତ୍ୟଧିକ ସୋଡିୟମ୍ କାହିଁକି ବିପଜ୍ଜନକ ?**

ଆମେରିକାର ସାନ ଫ୍ରାନ୍ସିସ୍କୋ, କାଲିଫର୍ନିଆ ୟୁନିଭରସିଟି ଦ୍ୱାରା କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି ଯେ, ପ୍ରତିଦିନ ନିର୍ଦ୍ଧାରିତ ପରିମାଣଠାରୁ ଏକ ଗ୍ରାମ ଅଧିକ ଲୁଣ ଖାଇବା ଦ୍ୱାରା ଏକଜିମା ହେବାର ଆଶଙ୍କା ୨୨ ପ୍ରତିଶତ ବଢିପାରେ। ଏଥିରେ ଚର୍ମ ଶୁଷ୍କ ଏବଂ ଫୁଲିଯାଇଥାଏ। ଏହା ସହିତ ଚର୍ମ କୁଣ୍ଡିଆ ରୋଗ ମଧ୍ୟ ହୁଏ।

ଏହି ଅନୁଧ୍ୟାନ ପାଇଁ, ୨ ଲକ୍ଷରୁ ଅଧିକ ଲୋକଙ୍କ ଉପରେ ବିଶ୍ଳେଷଣ କରାଯାଇଥିଲା। ଯେଉଁମାନଙ୍କ ମଧ୍ୟରେ ୩୦ ବର୍ଷରୁ ୭୦ ବର୍ଷର ଲୋକ ସାମିଲ ହୋଇଥିଲେ। ସମସ୍ତଙ୍କର ପରିସ୍ରା ପରୀକ୍ଷଣରୁ ଗୋଟିଏ ଦିନରେ ଖାଉଥିବା ଲୁଣର ପରିମାଣକୁ ନେଇ ବିଶ୍ଳେଷଣ କରାଯଇଥିଲା।

**ଗୋଟିଏ ଦିନରେ କେତେ ଲୁଣ ଖାଇବା ଉଚିତ୍ ?**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚଓ) ଅନୁଯାୟୀ, ଗୋଟିଏ ଦିନରେ ୨ ଗ୍ରାମରୁ କମ୍ ସୋଡିୟମ ଖାଇବା ଉଚିତ୍। ୨ ଗ୍ରାମ ସୋଡିୟମ ଅର୍ଥ ଦିନରେ ୫ ଗ୍ରାମରୁ କମ୍ ଲୁଣ ଖାଇବା ଉଚିତ୍। ଏହାଠୁ ଅଧିକ ସୋଡିୟମ ଶରୀରରେ ଅଟୋଇମ୍ୟୁନ ଏବଂ କ୍ରନିକ୍ ପ୍ରଦାହ ଜନିତ ସମସ୍ୟା ସୃଷ୍ଟି କରିପାରେ।

**ଶରୀରରେ ଲୁଣ ପରିମାଣ ବୃଦ୍ଧି କରେ ଫାଷ୍ଟଫୁଡ୍**

ଅନେକ ବୈଜ୍ଞାନିକ ଅନୁଧ୍ୟାନରୁ ଜଣାପଡିଛି ଯେ, ଫାଷ୍ଟଫୁଡ୍ ଖାଇବା ଦ୍ୱାରା ଶରୀରରେ ସୋଡିୟମ ପରିମାଣ ଶୀଘ୍ର ବଢିଥାଏ। କ୍ରମାଗତ ଭାବରେ ଏସବୁ ଖାଦ୍ୟ ଖାଇବା ଦ୍ୱାରା ଶିଶୁ ଏବଂ ଯୁବକମାନଙ୍କଠାରେ ଏକଜିମା ହେବାର ଆଶଙ୍କା ବଢିଥାଏ। ଗତ କିଛି ବର୍ଷ ମଧ୍ୟରେ ବିକଶିତ ଦେଶମାନଙ୍କରେ ଏହି ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଆମେରିକାରେ ପ୍ରତି ୧୦ ଜଣଙ୍କ ମଧ୍ୟରେ ଜଣେ ବ୍ୟକ୍ତି ଏହିପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ଚିକେନ୍ ତଡ଼କା

**ଆବଶ୍ୟକ ସାମଗ୍ରୀ:** ଚିକେନ୍, ମସୁର ଡାଲି, ଗୋଟା ମୁଗ, ବୁଟ ଡାଲି, ପିଆଜ, ରସୁଣ, ଅଦା, ଲଙ୍କା, ଡାଲଚିନି, ଗୁଜୁରାତି, ତେଜପତ୍ର, ତେଲ, ଟମାଟୋ ଓ ଧନିଆ ପତ୍ର।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମସୁର ଡାଲି, ବୁଟ ଡାଲି ଓ ମୁଗକୁ କିଛି ସମୟ ପାଇଁ ଭିଜାଇ ରଖନ୍ତୁ। ତା'ପରେ ଭିଜା ମୁଗ, ମସୁର ଡାଲି ଓ ବୁଟ ଡାଲିକୁ ଅଳ୍ପ ସିଝାଇ ଦିଅନ୍ତୁ। ଏହାପରେ କଡ଼େଇରେ ତେଲ ଗରମ କରି ସେଥିରେ ପିଆଜ ରସୁଣ, ଅଦା ଓ ଲଙ୍କା ବଟା ପକାନ୍ତୁ। ମସଲା ରଙ୍ଗ ଲାଲ ହୋଇଆସିବା ପରେ କଟା ଟମାଟୋ ପକାନ୍ତୁ। ଅଳ୍ପ ସମୟ ପରେ ସେଥିରେ ଚିକେନ୍, ହଳଦୀ ଓ ଲୁଣ ପକାଇ କଷନ୍ତୁ। କଷି ହୋଇଯିବା ପରେ ପାଣି ସହିତ ସିଝା ହୋଇଥିବା ମସୁର, ମୁଗ ଓ ବୁଟ ଡାଲି ପକାନ୍ତୁ।ମାଂସ ସିଝିଯିବା ପରେ ସେଥିରେ ଡାଲଚିନି ଓ ଗୁଜୁରାତି ଗୁଣ୍ଡ ପକାନ୍ତୁ। ଏହା ପରେ ମାଂସ ଓ ଡାଲିକୁ ବଘାରି ଦିଅନ୍ତୁ ବା ଛୁଙ୍କ ଦିଅନ୍ତୁ । ବଘାରିବା ପାଇଁ ପ୍ୟାନ୍ରେ ତେଲ ଗରମ କରି ସେଥିରେ କଟା ପିଆଜ ଓ ଛୋଟ ଛୋଟ କଟା ଯାଇଥିବା କଞ୍ଚା ଲଙ୍କା ପକାନ୍ତୁ। ବଘାରି ସାରିବା ପରେ ଏଥିରେ କଟା ଧନିଆ ପତ୍ର ପକାଇ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଗରମ ଗରମ ଚିକେନ୍ ତଡ଼କା।



# ନିକିତା ଏବେ 'ବୋହୂ ୪୨୦'

ଜୀ-ସାର୍ଥକର ଟେଲିସିନେମା 'ବୋହୂ ୪୨୦' ଆସନ୍ତା ରବିବାର ସନ୍ଧ୍ୟା ୬.୩୦ରେ ପ୍ରିମିୟର ହେବାକୁ ଯାଉଛି। ଆଦିଲକ୍ଷ୍ମୀ ଏଣ୍ଟରଟେନ୍ମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏବଂ ରାଣେସ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଟେଲିସିନେମାରେ ପୁଣି ଥରେ ନିକିତା ମିଶ୍ରଙ୍କୁ ବୋହୂ ଭୂମିକାରେ ଦେଖିବାକୁ ମିଳିବ। ସେ ଜୀ-ସାର୍ଥକର ବୋହୂ ସିରିଜର 'ବୋହୂ ଆମର ମାଟ୍ରିକ ଫେଲ୍', 'ସୁନାନାକୀ ବୋହୂ' ଓ 'ବୋହୂକୁ ଲାଗିଛି ରିଲ୍ସ ଭୂତ' ଆଦି ଟେଲିସିନେମାରେ ମୁଖ୍ୟ ଭୂମିକାରେ ନଜର ଆସିଥିଲେ। ଏବେ 'ବୋହୂ ୪୨୦'ରେ ଶୀର୍ଷକ ଭୂମିକାରେ ଅଭିନୟ କରିଛନ୍ତି ସେ। ତାଙ୍କ ବିପକ୍ଷରେ ଅଛନ୍ତି ଜ୍ୟୋତି ପ୍ରକାଶ ପଣ୍ଡା। ପ୍ରିୟବ୍ରତ ପଣ୍ଡା ଏହାର କାହାଣୀକାର ଓ ଶାନ୍ତନୁ ନାୟକ ସଙ୍ଗୀତକାର। କସ୍ତୁରୀ ନାମ୍ନୀ ଝିଅର ରୋମାଞ୍ଚକର ଜୀବନଯାତ୍ରାର କାହାଣୀ ହେଉଛି 'ବୋହୂ ୪୨୦'। ସେ ବାରମ୍ବାର ମିଛ ବିବାହ କରି ନିଜ ଶ୍ୱଶୁରଘର ଲୋକଙ୍କୁ ଚକମା ଦେଇ ଘର ଲୁଟିବା ପରେ କେଉଁ ଆଡ଼େ ଅଦୃଶ୍ୟ ହୋଇଯାଉଛି। ସମାନ ଘଟଣା ବାରମ୍ବାର ଘଟିବା ପରେ ଇନ୍ସପେକ୍ଟର ପୁଟିବାବୁ ଓ କ୍ରାଇମବ୍ରାଞ୍ଚ ଅଧିକାରୀ ରେଖା ସୁବୁଦ୍ଧି ଅପରାଧ ପଛରେ କେହି ଜଣେ ମାଷ୍ଟରମାଇଣ୍ଡ ଅଛି ବୋଲି ସନ୍ଦେହ କରନ୍ତି। କାହାଣୀରେ ବାରମ୍ବାର ନୂଆ ନୂଆ ଟୁଇଷ୍ଟ ଆସେ। ତେବେ କସ୍ତୁରୀ କ'ଣ ଧରାପଡ଼େ ? କାହିଁକି ସେ ଏପରି ରାସ୍ତା ବାଛିଛି ? ଜୀବନର କେଉଁ ଘଟଣା ତାକୁ ଏପରି କରିବାକୁ ବାଧ କରୁଛି ? ଫିଲ୍ମର ଶେଷରେ ଏ ସବୁ ପ୍ରଶ୍ନର ଉତ୍ତର ପାଇବେ ଦର୍ଶକ।








# ବିଧାନସଭା ସମାଚାର



## ପୂର୍ବ ମନ୍ତ୍ରୀଙ୍କୁ କଟାକ୍ଷ କଲେ ବିଜେପି ବିଧାୟକ

ଭୁବନେଶ୍ୱର, (ହି.ସ)- ପୂର୍ବ ମନ୍ତ୍ରୀଙ୍କୁ କଟାକ୍ଷ କଲେ ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା । ମନ୍ତ୍ରୀ ଆମ ନିଜ ଲୋକ କିନ୍ତୁ ଆମକୁ ଅବହେଳା କରୁଛନ୍ତି। ବାଲେଶ୍ୱର ଖଇରା ଅଂଚଳରେ ଏକ ରାସ୍ତା ନିର୍ମାଣ ନେଇ ଏଭଳି ଢଙ୍ଗରେ ଗୃହରେ ନିଜର ଉଦବେଗ ପ୍ରକାଶ କରିଛନ୍ତି ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା। ବିଧାୟକ କହିଥିଲେ ୫୦ ଥର ମନ୍ତ୍ରୀଙ୍କୁ ଭେଟିଥିଲେ ବି କାମ ହେଉନି ।ରାସ୍ତା ଖାଲଖମା ବି ମରାମତି ହେଉନି। ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦେଖା ନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ କହିଛନ୍ତି ବିଧାୟକ। ଗୃହରେ ଉତ୍ତର ରଖି ପୂର୍ତ୍ତମନ୍ତ୍ରୀ କହିଛନ୍ତି ବିଧାୟକ ଗୃହ ବାହାରେ ଏକଥା ୨୫ ଥର ଜଣାଇଛନ୍ତି। ରାସ୍ତାର କାମ ପାଇଁ ଟେଣ୍ଡର ସରିଛି, ଏଗ୍ରୀ ମେଂଟ ଷ୍ଟେଜରେ ଅଛି। ରାସ୍ତା ମରାମତି ହୋଇନଥିଲେ ତୁରନ୍ତ ହେବ।

## ଶୂନ୍ୟକାଳରେ ଟାଟା ପାୱାର ବିରୋଧରେ ଗର୍ଜିଲେ ବିଧାୟକ ଶାରଦା

ଭୁବନେଶ୍ୱର,(ହି.ସ) - ଶୂନ୍ୟକାଳରେ ଟାଟା ପାୱାର ବିରୋଧରେ ଗର୍ଜିଲେ ବିଜେଡି ବିଧାୟକ ଶାରଦା ଜେନା । ଓଇଆରସି ରିପୋର୍ଟ କହୁଛି ରାଜ୍ୟର ବିଦ୍ୟୁତ୍ ଉପଭୁକ୍ତା ମାନଙ୍କ ଠାରୁ ଟାଟା ପାୱାର ଅର୍ଥ ଲୁଟିଛି । ଟାଟା ପାୱାରର ୪ ବିଦ୍ୟୁତ୍ ବିତରକ ସଂସ୍ଥା ଉପଭୋକ୍ତାଙ୍କ ଠାରୁ ୧ ହଜାର ୬୫ କୋଟି ଟଙ୍କା ଠକିଛନ୍ତି । ୟୁନିଟ୍ ପିଛା ୩୬ ପଇସା ହିସାବରେ ଲୁଟିଛନ୍ତି । ସେହି ସଂସ୍ଥା ଗୁଡ଼ିକ ବିରୋଧରେ ତଦନ୍ତ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ହିତାଧିକାରୀ ମାନଙ୍କୁ ସୁଧ ସହ ଟଙ୍କା ଫେରାଇବାକୁ ଦାବି କଲେ ବିଜେଡ଼ି ବିଧାୟକ ଶାରଦା ପ୍ରସନ୍ନ ଜେନା ।

## ୪ ହଜାରରୁ ଉର୍ଦ୍ଧ୍ୱ ହିନ୍ଦୁ ମନ୍ଦିରର ଆର୍ଥିକ ଅନୁଦାନ ରାଶିକୁ ବୃଦ୍ଧି କଲେ ରାଜ୍ୟ ସରକାର

ଭୁବନେଶ୍ୱର, (ହି.ସ)- ୪ ହଜାରରୁ ଉର୍ଦ୍ଧ୍ୱ ହିନ୍ଦୁ ମନ୍ଦିରର ଆର୍ଥିକ ଅନୁଦାନ ରାଶିକୁ ବୃଦ୍ଧି କଲେ ରାଜ୍ୟ ସରକାର । ପୂର୍ବାପେକ୍ଷା ଅଢ଼େଇ କୋଟି ଟଙ୍କା ଅଧିକ ଆର୍ଥିକ ଅନୁଦାନ ଯୋଗାଇ ଦେଇଛନ୍ତି ରାଜ୍ୟ ସରକାର । ପୂର୍ବରୁ ଏହି ସବୁ ହିନ୍ଦୁ ମନ୍ଦିର ଗୁଡିକୁ ୫ କୋଟି ଟଙ୍କା ଯୋଗାଇ ଦିଆଯାଉଥିବା ବେଳେ ବର୍ତ୍ତମାନ ତାକୁ ୭ କୋଟି ୫୦ ଲକ୍ଷ ଟଙ୍କା ଆର୍ଥିକ ରାଶି ଯୋଗାଇ ଦେଇଛନ୍ତି । ଦେବତ୍ତର କମିଶନଙ୍କ ଅଧୀନରେ ରହିଛି ୧୮ ହଜାର ରୁ ଉର୍ଦ୍ଧ୍ୱ ହିନ୍ଦୁ ମନ୍ଦିର । ସେଥିମଧ୍ୟରୁ ୪୧୪୫ ମନ୍ଦିରକୁ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ଯୋଗାଇ ଦେଉଛନ୍ତି ରାଜ୍ୟ ସରକାର। ଚଳିତ ଆର୍ଥିକ ବର୍ଷ ପୂର୍ବ ଅପେକ୍ଷା ଅଢ଼େଇ କୋଟି ଅଧିକ ଆର୍ଥିକ ଅନୁଦାନ ଯୋଗାଇ ଦେଇଛନ୍ତି ରାଜ୍ୟ ସରକାର । ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ବିଧାନସଭାରେ ଲିଖିତ ଉତ୍ତର ରଖିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

## ୩ ଜିଲ୍ଲାରେ ନିର୍ମାଣ ହୋଇଛି ୩୨୨ ସୁଭଦ୍ରା ଶକ୍ତି କେନ୍ଦ୍ର

ଭୁବନେଶ୍ୱର, (ହି.ସ)- ରାଜ୍ୟର ୧୩ଟି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୩୨୨ଟି ସୁଭଦ୍ରା ଶକ୍ତି କେନ୍ଦ୍ର ନିର୍ମାଣ ହୋଇଛି । ୩୩୮ ଟି ମଞ୍ଜୁର ହୋଇଥିବା ବେଳେ ୩୨୨ ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ମୟୁରଭଞ୍ଜରେ ସର୍ବାଧିକ ୨୫ ଟି, ଗଞ୍ଜାମରେ ୨୪ ଟି, ସୁନ୍ଦରଗଡ ୨୧ ଟି ନିର୍ମାଣ ହୋଇଛି । ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା।

# ସମ୍ବଲପୁର ଜିଲ୍ଲାରେ ଶୁକ୍ରବାର ବଦଳରେ ଶନିବାର ଉଠିଲା ଧାନ

ସମ୍ବଲପୁର, (ହି.ସ.) – ସମ୍ବଲପୁର ଜିଲାରେ ଶୁକ୍ରବାର ବଦଳରେ ଶନିବାର ଉଠିଲା ଧାନ। ମାତ୍ର ବର୍ତମାନ ସୁଦ୍ଧା ଅଚଳାବସ୍ଥା ଦୂର ହୋଇ ନାହିଁ। ବରେଇପାଲି ଆରଏମସି ମଣ୍ଡିରୁ ଉଠାଇ ବିଭିନ୍ନ ମିଲକୁ ପ୍ରେରଣ କରାଯାଇଥିବା ମିଲରେ ଧାନ ବୋଝେଇ ଗାଡ଼ି ଗୁଡ଼ିକ ପହଂଚି ଫାଟକ ସମ୍ମୁଖରେ ଲମ୍ବା ଲାଇନରେ ଛିଡ଼ା ହୋଇରହିଛି। ବରେଇପାଲି ଆରଏମସି ମଣ୍ଡିକୁ ଆସିଥିବା ମୋଟ ୩୭ଟି ଗାଡ଼ି ଧାନକୁ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ ରେମେଡ୍ ପିଏସିଏସ୍ ଜରିଆରେ ୩୩ଟି ଓ ସଙ୍କର୍ମା ପିଏସିଏସ୍ ଜରିଆରେ ୪ ଗାଡ଼ି ଧାନ ସଂଗ୍ରହ କରାଯାଇଥିଲା। ସେଗୁଡ଼ିକୁ ୪ଟି ମିଲକୁ ପ୍ରେରଣ କରାଯାଇଥିଲା। ମାତ୍ର ମିର୍ଲସ ସେଗୁଡ଼ିକୁ ଗ୍ରହଣ କରିବାକୁ ଅମଙ୍ଗ ହେବାରୁ ମିଲ୍ ପଏଣ୍ଟରେ ଧାନ ଅନଲୋଡ଼ ହୋଇ ପାରି ନାହିଁ। ଫଳରେ ଧାନ ବୋଝେଇ ଗାଡ଼ି ଚାଳକଙ୍କ ସମେତ ଚାଷୀମାନେ ଖୋଲା ଆକାଶତଳେ ଶୀତ କାକରରେ ନିଜ ଧାନକୁ ଜଗି ରହିବାକୁ ବାଧ ବେବା ଆଶଙ୍କା ସୃଷ୍ଟି ହୋଇଛି। ସୂଚନା ଯୋଗ୍ୟ ଯେ, ଗତ ନଭେମ୍ବର ୧୭ ତାରିଖରେ ଜିଲାସ୍ତରୀୟ ଧାନ ସଂଗ୍ରହ(ଡିଏଲ୍ପିସି) ବୈଠକରେ ହୋଇଥିବା ନିଷ୍ପତି ଅନୁସାରେ ନଭେମ୍ବର ୨୮ ତାରିଖ ଅର୍ଥାତ ଶୁକ୍ରବାରଠାରୁ ସମ୍ବଲପୁରରେ ଧାନ ସଂଗ୍ରହ ପାଇଁ ମଣ୍ଡି ଗୁଡ଼ିକ ଖୋଲିଥିଲା। ଗୁରୁବାର ବିଳମ୍ବିତ ରାତିରେ ଟୋକନ ପାଇ ଚାଷୀମାନେ ଧାନନେଇ ମଣ୍ଡିରେ ପହଂଚିଥିଲେ। ହେଲେ ମିଲର୍ସ ଚୁକ୍ତିପତ୍ର ସ୍ୱାକ୍ଷର ନକରିବାରୁ ଧାନ ସଂଗ୍ରହ ହୋଇପାରି ନଥିଲା। ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା, ଜିଲା ସମବାୟ ସମିତି ସମୂହ ଉପ ନିବନ୍ଧକ ଲକ୍ଷ୍ମୀଧର ରାଉତ, ତଥା ମିଲର୍ସ ଓ ଚାଷୀ ପ୍ରତିନିଧିଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ମଧ୍ୟ ବିଫଳ ହୋଇଥିଲା। ମିଲର୍ସ ପ୍ରତିନିଧି ବଠକରୁ ଉଠି ଚାଲି ଯାଇଥିଲେ। ତେଣୁ ଚାଷୀମାନେ ଆନ୍ଦୋଳନ ପାଇଁ ସଜବାଜ ହେଉଥିଲେ । ମାତ୍ର ଜିଲାପାଳଙ୍କ ପରାମର୍ଶ କ୍ରମେ ଉପଜିଲାପଊାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ସେଠାରେ ପହଂଚି ଚାଷୀମାନଙ୍କୁ ବୁଝାଶୁଝା କରି ସମସ୍ୟାର ସମାଧାନ ପାଇଁ ଜିଲାପାଳ ଗୋଟିଏ ଦିନ ସମୟ ମାଗିଛନ୍ତି। ଶନିବାର ଯେମିତି ହେଲେ ଧାନ ଉଠାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଚାଷୀମାନେ ଜିଲାପାଳଙ୍କ ଅନୁରୋଧକୁ ସମ୍ମାଜ ଜଣାଇ ଆନେ୍ଦଲନରୁ ବିରତ ରହିଥିଲେ। ହେଲେ ଶନିବାର ଧାନ ନ ଉଠିଲେ ପୂର୍ବାହ୍ନ ୧୧ଟାରୁ ଆନନ୍ଦୋଳନକୁ ଓହ୍ଲାଇ ଚାଷୀମାନେ ଜାତୀୟ ରାଜପଥରେ ଅର୍ଥନୈତିକ ଅବରୋଧ କରିବାକୁ ଚେତାବନୀ ଦେଇଥିଲେ। ଶନିବାର ସକାଳେ ମଧ୍ୟ ମିଲର୍ସଙ୍କ ଅସହଯୋଗରୁ ଧାନ ଉଠି ପାରି ନ ଥିଲା। ପରେ ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା, ଜିଲା ସମବାୟ ସମିତି ସମୂହ ଉପ ନିବନ୍ଧକ ଲକ୍ଷ୍ମୀଧର ରାଉତ ସେଠାରେ ପହଂଚି କୌଣସି ପ୍ରକାର ଧାନକୁ ଉଠାଇ ବିଭିନ୍ନ ମିଲକୁ ପ୍ରେରଣ କରିବା ବ୍ୟବସ୍ଥା କରିଥିଲେ। ଏପରିକି ମିଲର୍ସ ନିୟମ ଅନୁସାରେ ସିକ୍ୟୁରିଟି ଅର୍ଥ ପଇଠ କରି ନାହାନ୍ତିକୁ କୌଣସି ଚୁକ୍ତିପତ୍ର ସ୍ୱାକ୍ଷର କରି ନ ଥିବା ଜଣା ପଡ଼ିଛି। ମିଲର୍ସ ଧାନକୁ ଗ୍ରହଣ କରୁ ନ ଥିବାରୁ ଏଥିପାଇଁ ଜିଲାପାଳ ଆବଶ୍ୟ ନିଷ୍ପତି ନେବେ ହୋଲି କହିଛନ୍ତି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ହୋତା।

## ରାଜ୍ୟରେ ରହିଛି ୨୯୭ ମିଶନ ଶକ୍ତି କାଫେ

ଭୁବନେଶ୍ୱର, (ହି.ସ.) : ରାଜ୍ୟରେ ମୋଟ ୨୯୭ଟି ସୁଭଦ୍ରା ଶକ୍ତି କାଫେ ପ୍ରତିଷ୍ଠା ହୋଇଥିବାବେଳେ ବର୍ତ୍ତମାନ ଏଥିରୁ ୨୫୪ଟି କାର୍ଯ୍ୟକ୍ଷମ ରହିଛି ଏବଂ ଏଥିରେ ୨୨୩୯ ଜଣ ଏସଏଚଜି ସଦସ୍ୟା କାର୍ଯ୍ୟ କରୁଛନ୍ତି । ସୁଭଦ୍ରା ଶକ୍ତିକାଫେ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ।

ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସୁଭଦ୍ରା ଶକ୍ତି କାଫେ ପ୍ରତିଷ୍ଠା ହୋଇଥିବାବେଳେ ସର୍ବାଧିକ ୧୮ଟି କରି କାଫେ କୋରାପୁଟ ଓ ସୁନ୍ଦରଗଡ ଜିଲ୍ଲାରେ ରହିଛି । ଗଞ୍ଜାମ ଓ ଖୋରଧା ଜିଲ୍ଲାରେ ୧୬ଟି କାଫେ ରହିଥିବାବେଳେ କଳାହାଣ୍ଡିରେ ୧୫ଟି, ସମ୍ବଲପୁର, ମୟୁରଭଞ୍ଜ, କେନ୍ଦୁଝରରେ ୧୪ଟି କରି, ବରଗଡ ଓ କଟକରେ ୧୩ଟି କରି ସୁଭଦ୍ରା ଶକ୍ତି କାଫେ ରହିଛି । ସବୁଠାରୁ କମ ମାତ୍ର ୪ଟି କାଫେ ଦେବଗଡ ଜିଲ୍ଲାରେ ରହିଛି ।

କିଛି କାଫେ ପରିଚାଳନା କରୁଥିବା ଗୋଷ୍ଠି ଓ ମହାସଂଘ କାଫେର ବିଭିନ୍ନ କାମ ପାଇଁ ଅତିରିକ୍ତ ବ୍ୟକ୍ତି ନିଯୁକ୍ତ କରୁଛନ୍ତି ଓ ସେମାନଙ୍କୁ ହାରାହାରି ମାସିକ ୮ ରୁ ୧୦ ହଜାର ଟଙ୍କା ପ୍ରଦାନ କରୁଛନ୍ତି।

## ଫିଜିଓଥେରାପିଷ୍ଟ ସମ୍ମିଳନୀରେ ଯୋଗ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର, (ହି.ସ)- ଆଜି ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ଫିଜିଓଥେରାପିଷ୍ଟ ସମ୍ମିଳନୀରେ ଯୋଗଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଔଷଧ ବା ଅସ୍ତ୍ରୋପଚାର ଯେତିକି ଆବଶ୍ୟକ, ସେମାନଙ୍କୁ ସୁସ୍ଥ କରିବା ପାଇଁ ଫିଜିଓଥେରାପି ମଧ୍ୟ ସେତିକି ଆବଶ୍ୟକ। ସ୍ନାୟୁ ଓ ଅସ୍ଥି ଜନିତ ସମସ୍ୟା ଦୂର କରିବାରେ ଫିଜିଓଥେରାପି ବଳିଷ୍ଠ ମାଧ୍ୟମ ଭାବେ ପ୍ରମାଣିତ ହେଉଛି। ହୃଦରୋଗ ଓ ଅନେକ ଜଟିଳ ସମସ୍ୟା ଥିବା ରୋଗୀଙ୍କୁ ସୁସ୍ଥ କରିବାରେ ଫିଜିଓଥେରାପି ସହାୟକ ହେଉଛି । ଗର୍ଭାବସ୍ଥାରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ କ୍ଷେତ୍ରରେ ଏହାର ଆବଶ୍ୟକତା ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଫିଜିଓଥେରାପିଷ୍ଟ ବନ୍ଧୁମାନଙ୍କ ଉତ୍ସର୍ଗୀକୃତ ସେବା ଆଜିର ଦିନରେ ମଣିଷ ଜୀବନର ଶାରୀରିକ ଏବଂ ମାନସିକ କଷ୍ଟକୁ ଲାଘବ କରିବାରେ ବିଶେଷ ସହାୟକ ହେଉଛି ।

## ବାଇକ୍‌କୁ ଧକ୍କା ଦେଲା ଟ୍ରକ୍, ୨ ଯୁବକ ମୃତ





ରଘୁନାଥପୁର (ପିପିଏସ): ରଘୁନାଥପୁର ଥାନା ଅନ୍ତର୍ଗତ କଟକ ପାରାଦୀପ ରାସ୍ତାର ରଘୁନାଥପୁର ବଜାରରେ ନୂତନ ଭାବେ ନିର୍ମିତ ହୋଇଥିବା ହମ୍ପସ ଉପରେ ଶୁକ୍ରବାର ରାତି ୧୦ ଟାରେ ଏକ ଟ୍ରକ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ଘଟି ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ମାନଙ୍କ ମଧ୍ୟରୁ ଜଣେ ହେଲେ ସ୍ଥାନୀୟ କନ୍ଦରାପଟି ଗ୍ରାମର କୃଷ୍ଣଚନ୍ଦ୍ର ସେଠୀଙ୍କ ପୁଅ ସଞ୍ଜୟ(୨୫) ଓ ଅନ୍ୟଜଣେ ହେଲେ ଏହି ଥାନା ଅନ୍ତର୍ଗତ ରେଡୁଆ ବଣୁଆସାହିର ବନମାଳୀ ସେଠୀଙ୍କ ପୁଅ ସୁଭ୍ରକାନ୍ତ(୨୮)। ନବନିର୍ମିତ ହମ୍ପସ ପୂର୍ବରୁ କୌଣସି ସାଙ୍କେତିକ ଚିହ୍ନ,ରେଡିଅମ ଲାଇଟ କିମ୍ବା ହମ୍ପସ ସମ୍ପର୍କିତ ସୂଚନା ଫଳକ ନଥିବା ଯୋଗୁଁ ଅକାରଣେ ୨ ଯୁବକଙ୍କ ଜୀବନ ଚାଲିଗଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକ ଚାଳକ ବଡମ୍ବା ଥାନା ଖରିଆପଙ୍ଗା ଗ୍ରାମର ରଞ୍ଜିତ କୁମାର ବରାଡକୁ ଗିରଫ କରିବା ସହ ଟ୍ରକଟିକୁ ଜବତ କରିଥିଲେ।

ସୂଚନାଯୋଗ୍ୟ କି ଏହି ରାଜରାସ୍ତାରେ ବହୁଳ ଟ୍ରାଫିକ ସମସ୍ୟା ସହିତ ବେପରୁଆ ଗାଡି ଚାଳନା ଯୋଗୁଁ ବହୁ ସମୟରେ ଦୁର୍ଘଟଣାମାନ ଘଟି ଅକାଳରେ ବହୁ ଧନଜୀବନ ହାନୀ ଘଟୁଥିଲା। ଏହାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ଗତ ଜନଶୁଣାଣୀ ଶିବିରରେ ରଘୁନାଥପୁର ବଜାର କମିଟି ପକ୍ଷରୁ ଏକ ଅଭିଯୋଗ କରାଯାଇଥିଲା। ଏହାକୁ ଶୁଣାଣି କରି ଜିଲ୍ଲାପାଳ ଜେ ସୋନାଲ ଜଗତସିଂହପୁର ପୂର୍ତ୍ତ ବିଭାଗକୁ ଏହାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ମୁତାବକ ରଘୁନାଥପୁର ବଜାରରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ କରିବା ପାଇଁ ତିନୋଟି ହମ୍ପସ ନିର୍ମାଣ ହୋଇଥିଲା। ଉଭୟ ସାଙ୍ଗ ଭୁବନେଶ୍ୱରରେ ଏକ କୁକୁଡ଼ା ଫାର୍ମରେ କାର୍ଯ୍ୟ କରୁଥିବା ବେଳେ ଗତକାଲି ସେମାନେ ଏକ ମୋଟରସାଇକେଲ ଯୋଗେଁ ଘରକୁ ଫେରୁଥିବା ସମୟରେ ରଘୁନାଥପୁର ବଜାରରେ ନବ ନିର୍ମିତ ହମ୍ପସ ବାବଦରେ ଅଜ୍ଞ ଥିବାରୁ ଭାରସାମ୍ୟ ହରାଇ ବିପରିତ ଦିଗରୁ ଆସୁଥିବା ଏକ ଟ୍ରକ ସହିତ ଧକ୍କା ହୋଇଥିଲେ। ଫଳରେ ଘଟଣାସ୍ଥଳରେ ସଂଜୟଙ୍କ ମୃତ୍ୟୁ ହୋଇ ଯାଇଥିବା ବେଳେ ଶୁଭ୍ରକାନ୍ତଙ୍କୁ ଚିକିତ୍ସା ପାଇଁ କଟକ ନିଆଯାଉଥିବାବେଳେ ବାଟରେ ମୃତୁ ହୋଇଥିଲା।




### ପାଇଲିପଡ଼ା ପଞ୍ଚାୟତ ଉପନିର୍ବାଚନ

## ବିଜେଡି ପ୍ରାର୍ଥୀ ଜୟରାମଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର

### ବିଜେପି ସରପଞ୍ଚ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ୍ ପାଇଲିପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୟରାମ ନାୟକ ଅନାସ୍ଥାରେ ହାରିଯିବା ପରେ କିଛିମାସଧରି ନାଏବ ସରପଞ୍ଚ ସଲୀଳା ମହାରଣା ସରପଞ୍ଚ ଦାୟୀତ୍ୱ ତୁଲାଇ ଆସୁଥିଲେ । ଚଳିତ ମାସରେ ପାଇଲିପଡ଼ା ପଞ୍ଚାୟତର ସରପଞ୍ଚ ପଦବୀ ନିମନ୍ତେ ନିର୍ବାଚନ ଆୟୋଗ ବିଜ୍ଞପ୍ତି ପ୍ରକାଶ କରିବାପରେ ବିଜେଡ଼ି ତରଫରୁ ପୂର୍ବତନ ସରପଞ୍ଚ ଜୟରାମ ନାୟକ ଏବଂ ବିଜେପି ତରଫରୁ ଶିବରାମ ମହାରଣା ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଆଜି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷଦିନ ଥିବାବେଳେ ଆଜି ୧୨ଘଣ୍ଟା ସମୟରେ ବିଜେଡ଼ି ସରପଞ୍ଚ ପ୍ରାର୍ଥୀ ତଥା ପୂର୍ବତନ ସରପଞ୍ଚ ଜୟରାମ ନାୟକ ବେଲଗୁଣ୍ଠା ବ୍ଲକ୍ କାର୍ଯ୍ୟାଳୟଠାରେ ପହଞ୍ଚି ବେଲଗୁଣ୍ଠା ବିଡ଼ିଓ କଳାକୃଷ୍ଣ ପ୍ରଧାନ ଏବଂ ଏବିଡ଼ିଓ ସନ୍ତୋଷ କୁମାର ମନ୍ତ୍ରୀଙ୍କ ଉପସ୍ଥିତିରେ ନିଜ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେଇଥିଲେ । ଜୟରାମ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାପରେ ଶିବରାମ ମହାରଣାଙ୍କୁ ନିଦ୍ୱନ୍ଦରେ ସରପଞ୍ଚ ଭାବେ ଅପରାହ୍ନ ୩ଘଣ୍ଟା ସମୟରେ ଘୋଷଣା କରାଯାଇଥିଲା । ଏହାପରେ ସୋରଡ଼ା ନିର୍ବାଚନ ମଣ୍ଡଳୀର ଯୁବ ସଙ୍ଗଠକ ଜିତେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ଶହ ଶହ ବିଜେପିନେତା ଏବଂ କର୍ମୀଙ୍କ ଉପସ୍ଥିତିରେ ଜୟରାମ ବିଜେଡ଼ି ଛାଡ଼ି ବିଜେପିରେ ସାମିଲ୍ ହୋଇଥିଲେ । ସେ ସୋରଡା ବିଧାୟକ ନୀଳମଣି ବିଷୋୟୀଙ୍କ ଲୋକପ୍ରିୟତା, ଉନ୍ନତ ଚିନ୍ତାଧାରା ଏବଂ କାର୍ଯ୍ୟଶୈଳୀରେ ପ୍ରଭାବିତହୋଇ ଜୟରାମ ବିଜେପିରେ ସାମିଲ୍ ହୋଇଥିବା କଥା ପ୍ରକାଶ କରିଥିଲେ। ଯୁବ ସଙ୍ଗଠକ ଜିତେନ୍ଦ୍ର ନାୟକ ଦଳୀୟ ଉତ୍ତରୀୟ ପିନ୍ଧାଇ ଜୟରାମଙ୍କୁ ବିଜେପିକୁ ସ୍ୱାଗତ କରିଥିଲେ। ଆଗାମୀଦିନରେ ବିଜେପିର ଜଣେ ଶୃଙ୍ଖଳିତ କର୍ମୀଭାବେ ବିଜେପିକୁ ସହଯୋଗ କରିବେ ବୋଲି ଜୟରାମ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

cmyk cmyk cmyk

### ଏନ୍‌ଏସି କାର୍ଯ୍ୟାଳୟ ପରିସରରେ କାଉନସିଲର ତଥା ସାମ୍ବାଦିକଙ୍କୁ ମାଡ଼ ଅଭିଯୋଗ

# ଟେଣ୍ଡରରେ ଜାଲିଆତି ଉଦ୍ୟମର ପ୍ରତିବାଦ

## ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ ଏବଂ ଅଧିକାରୀଙ୍କ ଉପସ୍ଥିତିରେ ଲହୁଲୁହାଣ କଲେ ଦୁର୍ବୃତ୍ତ



ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା କୋଦଳା ଏନ୍‌ଏସିରେ ଗତକାଲି ୧୧ଟି କାମର ଅନିୟମିତତା ଆଶଙ୍କାକରି ହୋଇଥିବା ଟେଣ୍ଡର ତଥ୍ୟ ମାଗିବାରୁ ବରିଷ୍ଠ ସାମ୍ବାଦିକ ତଥା ଏନ୍‌ଏସିର ୧୧ନମ୍ବର ୱାର୍ଡର କାଉସିଲର ଭଗବାନ ପାଢ଼ୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଆକ୍ରମଣରେ ଭଗବାନ ପାଢ଼ୀଙ୍କ ଗୋଡ ଭାଙ୍ଗି ଯାଇଥିବା ବେଳେ ସଂଘବଦ୍ଧ ଭାବେ ଆକ୍ରମଣକରି ତାଙ୍କ ସାର୍ଟିଚିରି ସୁନାଚେନ୍ ଝିକି ନେଇଯାଇଥିବା କୋଦଳା ଥାନାରେ ଅଭିଯୋଗ ହୋଇଛି । ସରକାରଙ୍କ ପକ୍ଷରୁ ଗୁରୁବାର କୋଦଳା ଏନ୍‌ଏସିର ୧୧ଟି ଉନ୍ନୟନ କାର୍ଯ୍ୟକୁ ନେଇ ଟେଣ୍ଡର ଅନୁଷ୍ଠିତ ହେବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା । ତେବେ ଏହି ଟେଣ୍ଡର ପ୍ରକ୍ରିୟା ଅଧକ୍ଷ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବହୁ ଅନିୟମିତତା ହୋଇଥିବା ଦେଖି ୧୧ନମ୍ବର କାଉସିଲର ଏହାକୁ ବିରୋଧ କରିଥିଲେ । ଟେଣ୍ଡର ପ୍ରକ୍ରିୟାର ସମସ୍ତ ତଥ୍ୟ ସହ ସିସିଟିଭି ଫୁଟେଜ ଆରଟିଆଇ ଜରିଆରେ ଅଧିକାରୀଙ୍କୁ ମାଗିଥିବା ଯୋଗୁଁ ଅଧକ୍ଷ ନିଜେ ପ୍ରତିକ୍ରିୟଶୀଳ ହୋଇ ଅପରାହ୍ନ ୩ଟା ସମୟରେ କାର୍ଯ୍ୟାଳୟ ପରିସରରେ ଭଗବାନ ପାଢ଼ୀ ଠିଆ ହୋଇଥିବା ସମୟରେ ଅଧକ୍ଷଙ୍କ ନିର୍ଦ୍ଦେଶରେ ଏବଂ ଅଧିକାରୀଙ୍କ ଉପସ୍ଥିତିରେ ୫ରୁ ଉର୍ଦ୍ଧ୍ୱ ଗୁଣ୍ଡା ଶ୍ରେଣୀର ଲୋକ ଆସି ତାଙ୍କ ସହ ଯୁକ୍ତିତର୍କ କରିବା ସହିତ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଆକ୍ରମଣରେ ଭଗବାନ ପାଢ଼ୀଙ୍କ ଗୋଡ ଭାଙ୍ଗିବା ସହ ଛାତି, ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହିତ ସୁନାଚେନକୁ ଛଡାଇନେଇ ଚାଲିଯାଇଥିଲେ । ଆକ୍ରମଣପରେ ଗୁରୁତର ଭଗବାନଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଏଠାରେ ପ୍ରାଥମିକ ଚିକିତ୍ସାପରେ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର ନିର୍ଦ୍ଦେଶ ଦେଇଛନ୍ତି ଡାକ୍ତର । ଖବରପାଇ ଜିଲ୍ଲାର ବହୁ ସାମ୍ବାଦିକ କୋଦଳାରେ ପହଞ୍ଚି ଭଗବାନ ପାଢ଼ୀଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ଅଭିଯୁକ୍ତଙ୍କୁ ଗିରଫ ଦାବୀ ନେଇ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଭଗବାନଙ୍କୁ ନେଇ ଏକ ଶୋଭାଯାତ୍ରାକରି କୋଦଳା ଥାନାରେ ପହଞ୍ଚି ଥାନାଅଧିକରୀଙ୍କୁ ଏତଲା ଦେବାସହ ସାମ୍ବାଦିକଙ୍କ ସୁରକ୍ଷା ଏବଂ ଅଧ୍ୟକ୍ଷ, ଅଧିକାରୀ ଓ ଆକ୍ରମଣକାରୀ ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ଦାବୀ କରିଥିଲେ । ଅଧକ୍ଷଙ୍କ ଏଭଳି ବର୍ବାରଚିତ ଆଚରଣକୁ ସାମ୍ବାଦିକମାନେ ନିନ୍ଦା କରିବା ସହ ଟେଣ୍ଡର ଦୁର୍ନୀତିର ତଦନ୍ତ ଦାବୀ କରାଯାଇଛି । ଏହି ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଅନିଲ ପାଣିଗ୍ରାହୀ, ଅନିଲ କୁମାର ପାଢ଼ୀ, ନାରାୟଣ ପ୍ରସାଦ ମିଶ୍ର, ସୁଶାନ୍ତ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ବଡୁ, କୃଷ୍ଣଚନ୍ଦ୍ର ପଲେଇ, ସରୋଜ କୁମାର ମିଶ୍ର, କ୍ଷୀରୋଦ ବେହେରା, ପୀତବାସ ଦାସ, ଗଣେଶ ଡାକୁଆ, ବାଲ୍ମୀକି ବିଶୋଇ, ବିଜୟ ନାୟକ, ବାପୁନି ମାଲୁଙ୍କ ସମେତ ବିଭିନ୍ନ ବ୍ଲକ୍‌ରୁ ୬୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗ ଦେଇଥିଲେ ।

# ଭୂତପୂର୍ବ ସରପଞ୍ଚ ଶ୍ରୀଧର ପତିଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି



କଟକସଦର, (ପିପିଏସ୍): କଟକ ସଦର ୪୨ମୌଜା କଳପଡ଼ା ଗ୍ରାମପଞ୍ଚାୟତ ପରିସରରେ ୪ ଶ୍ରୀଧର ପତିଙ୍କ ପ୍ରତିମୂର୍ତ୍ତୀ ନିକଟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶ୍ରୀଧର ପତି ସ୍ମୃତି କମିଟି ତରଫରୁ ଅନୁଷ୍ଠିତ ହୋଇଯାଇଅଛି । ପ୍ରାରମ୍ଭରେ ତାଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପହାର ସହିତ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ଶାନ୍ତି କମିଟି ଉପସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ୪୨ ମୌଜା ବିକାଶ ପରିଷଦର ସଂପାଦକ ତଥା ଶ୍ରୀଧର ପତି ସ୍ମୃତି କମିଟିର ଆବାହକ ସନ୍ତୋଷ କୁମାର ପତି ସ୍ୱର୍ଗତ ପତିଙ୍କର ତ୍ୟାଗପୂତ ଜୀବନ, ୪୨ ମୌଜା ଅଞ୍ଚଳ ଉନ୍ନତି ନିମନ୍ତେ କାର୍ଯ୍ୟ ପଶୁ ଚିକିତ୍ସାଳୟ କଳପଡ଼ାରେ, ବାଲୁଙ୍କେଶ୍ୱର ବିଦ୍ୟାପୀଠର ଉନ୍ନତିକରଣ, ବେଣ୍ଟକାର ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରତିଷ୍ଠା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ବରିଷ୍ଠ ମୁରବୀ ଶିକ୍ଷାବିତ୍ ଅଭୟ କୁମାର ମହାପାତ୍ର ସ୍ୱର୍ଗତ ପତି ସମାଜସେବା ପାଇଁ ତାଙ୍କ ପରିବାରଙ୍କୁ ଗୁରୁତ୍ୱ ଦେଉନଥିଲେ। ଆଇନଜୀବୀ ସଞ୍ଜିବ କୁମାର ବିଶ୍ୱାଳ, ଗଣେଶ୍ୱର ପରିଡ଼ା, ରବିନ୍ଦ୍ର ମହାନ୍ତି, ଦଳିତ ସଂପ୍ରଦାୟର କଟକ ସଦର ସଭାପତି ଯୁବନେତା ରାମଚନ୍ଦ୍ର ଗୋଛାୟତ, ପୂର୍ବତନ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡ଼ା, ପୂର୍ବତନ ସରପଞ୍ଚ ସରୋଜ କୁମାର ନାୟକ, ଅର୍ଜୁନୀ ପତି, ରୋହିତ ସ୍ୱାଇଁ, ଶ୍ରଦ୍ଧାକାନ୍ତ ମହାନ୍ତି, କିଶୋର ବାରିକ, ଜୟକୃଷ୍ଣ ମୁଦୁଲି, ପ୍ରସନ୍ନ ବେହେରା, ଯାଦବ ସମିତି ସଭାପତି କଟକ ସଦର ବୁଲେଇ ବେହେରା, ପବିତ୍ର କୁମାର ପତି, ବିଦ୍ୟାଧର ପତି, ଦୁର୍ଗାପ୍ରସାଦ ପତି, ନିର୍ମଳ ସ୍ୱାଇଁ, ମନୋରଞ୍ଜନ ସ୍ୱାଇଁ, ରମେଶ ଦାସ, ସଚିକାନ୍ତ ଦେଉରା, ସ୍ୱର୍ଗତ ପତିଙ୍କର ତିନି ପୁତ୍ର, ଆଲୋକ କୁମାର ପତି, ଅଶୋକ କୁମାର ପତି, ଆଶିଷ କୁମାର ପତି ପ୍ରମୁଖ ଯୋଗଦାନ କରିଥିଲେ। ପଣ୍ଡିତ ଉମାକାନ୍ତ ନନ୍ଦ ବେଦପାଠ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ୩୪୨ଚୋରି ମୋବାଇଲ୍ ଜବତ, ୪ଗିରଫ

ବ୍ରହ୍ମପୁର(ପିପିଏସ୍): ବଡବଜାର ଥାନା ଅର୍ନ୍ତଗତ ଶ୍ରୀକ୍ଷେତ୍ର ବିହାର ଠାରୁ ପୁଲିସ୍ ଏକ ଲୁଟ୍ ଗ୍ୟାଙ୍ଗକୁ ଗିରଫ କରିବା ସହ ୧୦୦ରୁ ଉର୍ଦ୍ଧ୍ୱ ମୋବାଇଲ୍ ଫୋନ୍‌କୁ ଜବତ କରି ୪ଜଣଙ୍କୁ ଗିରଫ କରିଛି । ଗିରଫମାନେ ହେଲେ ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଦାମୋଦରପାଲ୍ଲୀର ଦାସ ସୋନୁ(୨୦), ଦାସ ସାହିଲ କୁମାର(୩୧), ଆନ୍ଧ୍ରପ୍ରଦେଶ ପଶ୍ଚିମଗୋଦାବରୀ ଜିଲ୍ଲା ଆକିଭିଡୁ ଗ୍ରାମର ଦାସ ରାଜା(୩୮) ଓ ପାସପୁଲେଟି ଶ୍ରୀନିଭାସୁଲୁ(୩୯) ବୋଲି ଜଣାପଡିଛି । ସୂଚନାଯୋଗ୍ୟ ଯେ, ବିଶେଷସୂତ୍ରରୁ ପୁଲିସ୍ ଖବରପାଇ ୨ଜଣ ସୋନୁ ଓ ସାହିଲକୁ ଅଟକ ରଖି ପଚରା ଉଚୁରା କରିଥିଲା । ଏହି ସମୟରେ ଅଟକଙ୍କ ପାଖରେ ଗୋଟିଏ ଏୟାରବ୍ୟାଗ୍ ଦେଖି ପୁଲିସ୍ ଉକ୍ତ ବ୍ୟାଗ୍‌କୁ ଯାଞ୍ଚ କରିବା ବେଳେ ସେଥିରେ ୧୦୦ରୁ ଉର୍ଦ୍ଧ୍ୱ ସ୍ମାର୍ଟ ମୋବାଇଲ୍ ଫୋନ୍ ଦେଖିଥିଲା । ମୋବାଇଲ୍ ବିଷୟରେ ଉଭୟଙ୍କୁ ପଚାରିବାରୁ ସେମାନେ ଉକ୍ତ ମୋବାଇଲ୍ ଫୋନ୍ ଗୁଡିକୁ ବାହାର ରାଜ୍ୟରୁ କମ୍ ମୂଲ୍ୟରେ କିଣି ଅନ୍ୟ ରାଜ୍ୟରେ ବିକ୍ରି କରୁଥିବା କଥା କହିଥିଲେ । ଏପରିକି ସେମାନେ ଭିଡ ସ୍ଥାନରୁ ଅନେକ ଲୋକଙ୍କ ଠାରୁ ସ୍ମାର୍ଟଫୋନ୍ ଚୋରୀ କରିବାରେ ମଧ ଲିପ୍ତ ଥିବା ଜଣାପଡିଥିଲା । ଅଭିଯୁକ୍ତ ସୋନୁ ଓ ସାହିଲ ତାଙ୍କର ଅନ୍ୟ ୩ଜଣ ସହଯୋଗୀ ଚେନ୍ନାଇ, ହାଇଦ୍ରାବାଦ ଇତ୍ୟାଦି ଅଞ୍ଚଳରୁ ମୋବାଇଲ୍ ଫୋନ୍ ଚୋରି କରୁଥିଲେ । ଉକ୍ତ ମୋବାଇଲ୍ ଫୋନ୍‌ର ମରାମତି କରିବାପରେ ସେମାନେ ବିଭିନ୍ନ ଦୋକାନରେ ବିକ୍ରି କରୁଥିଲେ। ସୋନୁ ବ୍ରହ୍ମପୁର ସହର ଶ୍ରୀକ୍ଷେତ୍ରବିହାର ଅଞ୍ଚଳରେ ଏକ ଘର ଭଡାନେଇ ସେଠାରେ ଚୋରି ମୋବାଇଲ୍ ଗୁଡିକୁ ମରାମତି କରି ନୂତନ ଫୋନ୍ ଭାବେ ବିକ୍ରି କରୁଥିଲେ । ପୁଲିସ୍ ଶ୍ରୀକ୍ଷେତ୍ରବିହାରସ୍ଥିତ ଭଡା ଘରେ ଚଢ଼ାଉକରି ସେଠାରୁ ୨ଟି ଏୟାର ବ୍ୟାଗ୍ ସହିତ, ମୋବାଇଲ୍ ଫୋନ୍ ଓ ଫୋନ୍ କଭର ଜବତ କରିଥିଲା । ଉକ୍ତ ଘରୁ ଆନ୍ଧ୍ରପ୍ରଦେଶର ଦାସ ରାଜା ଏବଂ ପାସପୁଲେଟି ଶ୍ରୀନିବାସୁଲୁଙ୍କୁ ମଧ୍ୟ ପୁଲିସ୍ ଗିରଫ କରିଥିଲା । କାରଣ ସେମାନେ ଚୋରି ମୋବାଇଲ୍ ଫୋନ୍ ମରାମତି କରିବାରେ ସକ୍ରିୟଭାବରେ ନିୟୋଜିତ ଥିଲେ । ପୁଲିସ୍ ସେମାନଙ୍କ ଠାରୁ ବିଭିନ୍ନ କମ୍ପାନୀର ୩୪୨ଟି ମୋବାଇଲ୍ ଫୋନ୍, ୩ଟି ଏୟାରବ୍ୟାଗ, ଗୋଟିଏ ଜରି ବ୍ୟାଗ, ୯୮ଟି ମୋବାଇଲ୍ କଭର, ଏକ ସ୍କୁଟି ନମ୍ବର ଓଡି.୦୭.ଏଡି-୧୭୨୭ ଜବତ କରିଛି । ପୁଲିସ୍ ଉଭୟ ୪ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କ୍ୟାନସର୍ ପରାମର୍ଶ କକ୍ଷ



ନୟାଗଡ଼, (ପିପିଏସ୍): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି କ୍ୟାନସର୍ ପରାମର୍ଶ କକ୍ଷ ଉଦଘାଟିତ ହୋଇଯାଇଛି । ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଛନ୍ତି । ସ୍ୱର୍ଣ୍ଣ ହସ୍ପିଟାଲ ଏବଂ ସ୍ୱାସ୍ଥ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ଏହି ପରାମର୍ଶ କକ୍ଷ ଖୋଲା ଯାଇଛି । ପ୍ରତ୍ୟେକ ଶନିବାର ସ୍ୱର୍ଣ୍ଣ ହସ୍ପିଟାଲରୁ କ୍ୟାନସର୍ ସ୍ପେଶାଲିଷ୍ଟ ଡାକ୍ତର ରୋଗୀଙ୍କୁ ଦେଖିବା ପାଇଁ ବ୍ୟବସ୍ଥା କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱର୍ଣ୍ଣ ହସ୍ପିଟାଲ ସିଏମଡି ଡା. ପ୍ରିୟବ୍ରତ ଧର, ଡିଜିଏମ୍ ଅସିତ୍ କୁମାର ପ୍ରହରାଜ, ଜିଏମ୍ ସୌମେନ୍ଦ୍ର ମିଶ୍ରଙ୍କ ସହ ସ୍ଥାନୀୟ କର୍ମଚାରୀ ରବୀନ୍ଦ୍ର କୁମାର ଦାଶ ପ୍ରମୂଖ ଉପସ୍ଥିତ ରହିଥିଲେ । ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଆମ ଗାଁରେ ତହସିଲ କାର୍ଯ୍ୟାଳୟ



କେନ୍ଦ୍ରାପଡ଼ା,(ପିପିଏସ୍): କେନ୍ଦ୍ରାପଡା ବ୍ଲକ୍ ଅଧିନ କଂସାର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଆମ ଗାଁରେ ତହସିଲ କାର୍ଯ୍ୟାଳୟ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ତହସିଲଦାର ରବିନାରାୟଣ ଆଚାର୍ଯ୍ୟ ଯୋଗଦେଇ ପଞ୍ଚାୟତବାସୀ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ । ଏଥିସହିତ ୧୫୦ଟି ଅଭିଯୋଗ ମଧ୍ୟରୁ ୫୦ଟିର ସମାଧାନ କରିଥିଲେ । ୩୮ଜଣଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ । ରାଜସ୍ୱ ନିରୀକ୍ଷକ ଅରକ୍ଷ ଖିଲାର, ବରିଷ୍ଠ ରାଜସ୍ୱ ସହାୟକ ପ୍ରଦୀପ କୁମାର ଦାସ, ଆରପି ସୌମ୍ୟଜିତ ପଟ୍ଟନାୟକ, ଓ.ଏଲ.ଆର. ସ୍ୱେତପଦ୍ମା ବେହେରା, ଡିଇଓ ରଞ୍ଜନ କୁମାର ଦାସ, ରେକର୍ଡକିପର ତୃପ୍ତିରେଖା ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କଂସାର ଗ୍ରାମ ପଞ୍ଚାୟତ ସରପଞ୍ଚ ସରୋଜିନୀ ନାୟକ, ୱାର୍ଡ ସଭ୍ୟ ନିତ୍ୟାନନ୍ଦ ମହାନ୍ତି, ପଦନ ବେହେରା, ଗଜେନ୍ଦ୍ର ପରିଡା, ସମାଜ ସେବୀ ମନୋଜ ନାୟକ, ରାଜେନ୍ଦ୍ର ବିଶ୍ୱାଳ, ବବୁଲ ଜେନା, ଲାଲୁପ୍ରସାଦ ଜେନା, ବଂଶୀଧର ସାମଲ, ଉତ୍ତମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ମେଧାବୃତ୍ତି ପ୍ରଦାନ



କେନ୍ଦ୍ରାପଡ଼ା, (ପିପିଏସ୍): ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କେନ୍ଦ୍ରାପଡା ବ୍ଲକ ଅଧିନ ଭରତପୁର ପଞ୍ଚାୟତର ମେହେନ୍ଦିପୁରସ୍ଥିତ ଲାଲବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୪ଟି ବିଦ୍ୟାଳୟର ୩୨ଜଣ ଗରୀବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଲାଲବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଟ୍ରଷ୍ଟର ମୁଖ୍ୟପୃଷ୍ଠପୋଷକ ତଥା ଆମେରିକା ଆଲାସ୍କା ବିଶ୍ୱବିଦ୍ୟାଳୟର ଏମେରିଟସ୍ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ପିଲାଦିନର କଥା କହିଥିଲେ। ଏଥିସହ ଛାତ୍ରଛାତ୍ରୀମାନେ ମନଯୋଗ ଦେଇ ଅଧ୍ୟୟନ କରି ଜଣେ ଜଣେ ସୁନାଗରିକ ହୋଇ ଦେଶ ଓ ଦଶର ନାମ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରଫେସର ଡ. ଦାସ ଭରତପୁର ଉଚ୍ଚପ୍ରାଥମିକ ସ୍କୁଲ, ଭରତପୁର ବାଳିକା ଉଚ୍ଚ ବିଦ୍ୟାଳୟ, ଶ୍ୟାମସୁନ୍ଦରପୁର ନୋଡାଲ ହାଇସ୍କୁଲ ଓ ଲାଲବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟର ୩୨ଜଣ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ଟ୍ରଷ୍ଟର ସଦସ୍ୟ ଚୌଧୁରୀ ଶାରଦା ପ୍ରସାଦ ଦାସ, ଭୂବନମୋହନ ଦାସ, ଚିତ୍ତରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଶିକ୍ଷକ ପ୍ରକାଶ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସମୟରେ ଗରୀବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ ସହ ଚିକିତ୍ସା ସହାୟତା ଏବଂ ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଭଳି ପ୍ରାକୃତିକ ବିପର୍ଯ୍ୟୟରେ ପୀଡିତମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ।

# ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ପାଇଁ ପ୍ରେରଣା କାର୍ଯ୍ୟକ୍ରମ



ନୟାଗଡ଼, (ପିପିଏସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟ ସ୍ତରେର ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବିକାଶ, ନିୟମିତ ଉପସ୍ଥିତି, ଶିକ୍ଷା ପ୍ରତି ରୁଚି ତଥା ଆତ୍ମବିଶ୍ୱାସ ବୃଦ୍ଧି,ଭବିଷ୍ୟତ ପାଇଁ ପ୍ରସ୍ତୁତି, ନକାରାତ୍ମକ ପ୍ରବୃତ୍ତି ହ୍ରାସ ଏବଂ ଭଲ ଆଚରଣ ଗଠନ ପାଇଁ ଏନଏସି ଉଚ୍ଚ ବିଦ୍ୟାଳୟ, ନୟାଗଡ଼ରେ ଅନୁଭବ ଆଧାରିତ ଶିକ୍ଷା କାର୍ଯ୍ୟକ୍ରମ 'ପ୍ରେରଣା' ଆୟୋଜିତ ହୋଇଥିଲା । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣର ପୂର୍ବତନ ସଦସ୍ୟ ତଥା ଅବସର ପ୍ରାପ୍ତ ଅଧ୍ୟକ୍ଷ ମହମ୍ମଦ ଓମାର ମଲ୍ଲିକ ଯୋଗଦାନ କରି ପିଲାମାନେ କିପରି ଭଲ ମଣିଷ ହୋଇ ଭବିଷ୍ୟତରେ ନିଜର ରୁଚି ଓ ଦକ୍ଷତା ଅନୁଯାଇ କ୍ୟାରିୟର ଗଠନ କରି ପାରିବେ ତାହା ଉପରେ ବିସ୍ତୃତ ଭାବେ ବୁଝାଇଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ତ୍ରିପାଠୀ ଏବଂ ଲକ୍ଷ୍ମୀଧର ସାହୁ ପିଲାମାନଙ୍କୁ ଭବିଷ୍ୟତ ପ୍ରସ୍ତୁତି ଏବଂ ଭଲ ଆଚରଣ ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିବା ବେଳେ ଶିକ୍ଷୟିତ୍ରୀ ସୁଚିତ୍ରା ଦେବୀ, ରୋଜାଲିନ ମିଶ୍ର, ଜ୍ୟୋତିର୍ମୟୀ ରଥ, ଭବାନୀ କୁମାରୀ ଆଚାର୍ଯ୍ୟ, ସୌଦାମିନୀ ପ୍ରଧାନ ଏବଂ ସ୍ୱାଗତିକା ଦଳେଇ ପ୍ରମୁଖ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସୁ ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ନବମ ଏବଂ ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

# ଓଡ଼ଗାଁ କଲେଜରେ ବାର୍ଷିକକ୍ରୀଡ଼ା ଉଦ୍‌ଯାପିତ

ଓଡ଼ଗାଁ, (ପିପିଏସ): ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ଖେଳପଡ଼ିଆରେ ୨ଦିନ ଧରି ଅନୁଷ୍ଠିତ ହୋଇଥିବା ବାର୍ଷିକକ୍ରୀଡା ପ୍ରତିଯୋଗିତା ଶନିବାର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟ କ୍ରୀଡାପରିଷଦ ଉପସଭାପତି ଡ଼. ନିହାରରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ଗାଁ କଲେଜର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଘୁନାଥ ମନ୍ଦିର ପ୍ରାଙ୍ଗଣରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ କଲେଜ ପରିସରରେ ପହଞ୍ଚିବା ପରେ ମହାବିଦ୍ୟାଳୟ ଅଧକ୍ଷ ରାଜକିଶୋର ସାହୁ ସମସ୍ତଙ୍କୁ ସ୍ୱାଗତ କରିବାସହ କ୍ରୀଡାପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଉଦଘାଟନ କରିଥିଲେ। ପରେ କ୍ରୀଡା ଶପଥପାଠ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଧକ୍ଷ ଶ୍ରୀ ସାହୁ ଛାତ୍ରଛାତ୍ରୀମାନଙ୍କୁ ଜୀବନରେ କ୍ରୀଡ଼ାର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଶନିବାର ଉଦଯାପନୀ ଉତ୍ସବରେ କଲେଜ ଅଧକ୍ଷ ରାଜକିଶୋର ସାହୁଙ୍କ ସମେତ ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳ,ନିରୋଜ ପ୍ରଧାନ ଉପସ୍ଥିତ ଥିଲେ। ପରେ ଅଧକ୍ଷଙ୍କ ଦ୍ୱାରା କ୍ରୀଡାପତାକା ଅବତରଣ କରିବାପରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ଜାଭେଲିଥ୍ରୋ, ମ୍ୟୁଜିକଚେୟାର, ସଟପୁଟ, ଡିସକସ ଥ୍ରୋ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ବିଜୟୀ ପ୍ରତିଯୋଗୀଙ୍କୁ କଲେଜ ବାର୍ଷିକ ଉତ୍ସବରେ ସମ୍ମାନିତ କରାଯିବ। ଶାରୀରିକ କ୍ରୀଡାପ୍ରଶିକ୍ଷକ ସରୋଜ କୁମାର ଦାସ, ମନୋରଞ୍ଜନ ରାଉତ, ଜଗନ୍ନାଥ ପରିଡା ରେଫରୀ ଦାୟିତ୍ୱ ତୁଲାଇଥିବାବେଳେ କ୍ରୀଡାପ୍ରଶିକ୍ଷକ ଶତାବ୍ଦୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁନୀଲ କୁମାର ପଲେଇ, ଜିତେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ଭୁଜବଳ, ସଂଗ୍ରାମ ବାରିକ, ଦୁର୍ଗାନାରାୟଣ ସାହୁଙ୍କ ସମେତ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିବା ଜଣାପଡ଼ିଛି।

# କୁରାଳ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକକ୍ରୀଡ଼ା ଉତ୍ସବ



ଓଡ଼ଗାଁ, (ପିଏସ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଆନନ୍ଦ ସାହୁ ବାଳିକା ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ବାର୍ଷିକକ୍ରୀଡ଼ା ଉତ୍ସବ ଶନିବାର ଉଦଯାପିତ ହୋଇଯାଇଛି ।ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନ ଉତ୍ସବରେ ୧ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ଝିଲି ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ସମିତିସଭ୍ୟା କନକ ପାତ୍ର ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପରିଷଦର ଅଧକ୍ଷ ରାମେଶ୍ୱର ପଣ୍ଡା ଯୋଗଦେଇଥିଲେ ।କୁରାଳ ବିରାଜିତ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରରୁ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ମଶାଲଯାତ୍ରା ଆରମ୍ଭକରି ବିଦ୍ୟାଳୟରେ ପହଞ୍ଚିବାପରେ ମୂଖ୍ୟଅତିଥି ଶ୍ରୀମତୀ ପ୍ରଧାନ କ୍ରୀଡାପତାକା ଉତ୍ତୋଳନକରି କ୍ରୀଡ଼ାଉତ୍ସବ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ ।ଶନିବାର ଉଦଯାପନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟ, ସାମ୍ବାଦିକ ଗଣେଶ୍ୱର ସାହୁ,ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ସିମାଞ୍ଚଳ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଉପକାରିତା ସମ୍ପର୍କେ ବକ୍ତବ୍ୟ ରଖିଥିଲେ ।ଏ ଅବସରରେ ପିଲାଙ୍କୁ ସିନିୟର୍ ଓ ଜୁନିୟର ଦୁଇ ବିଭାଗରେ ଗଠନକରି ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ଜାଭେଲିଥ୍ରୋ, ମ୍ୟୁଜିକ୍ ଚେୟାର,ସଟପୁଟ,ଡିସକସଥ୍ରୋ ଇତ୍ୟାଦି ଖେଳ ଅନୁଷ୍ଠିତ ହୋଇଥିଲା । ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଙ୍କୁ ବିଦ୍ୟାଳୟର ବାର୍ଷିକୋତ୍ସବରେ ପୁରସ୍କୃତ କରାଯିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଘୋଷଣା କରିବା ସହିତ କ୍ରୀଡାପତାକା ଅବତରଣ କରିଥିଲେ । ବିଦ୍ୟାଳୟର କ୍ରୀଡାଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପଣ୍ଡା ସମସ୍ତକାର୍ଯ୍ୟ ପରିଚାଳନା କରିଥିବାବେଳେ ଶିକ୍ଷୟତ୍ରୀ ସସ୍ମିତା ପାଣିଗ୍ରାହୀ, ପୁଷ୍ପିତା ପାଣିଗ୍ରାହୀ, ବନିତା ସ୍ୱାଇଁ, କଳ୍ପନା ପାଣିଗ୍ରାହୀ, ରାଜେଶ୍ୱରୀ ପାଣିଗ୍ରାହୀ, ଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ ଓ ଗୋଡ଼ିପଲୀ କଳାକାହ୍ନୁ ଉଚ୍ଚ ବିଦ୍ୟାଳୟର ଖେଳଶିକ୍ଷକ ଅଚ୍ୟୁତାନନ୍ଦ ବେହେରା ଖେଳ ପରିଚାଳନାରେ ସହଯୋଗ କରିଥିବା ଜଣାପଡ଼ିଛି ।

# କ୍ରୀଡା ଶାରିରୀକ ସୁସ୍ଥତା ଓ ଶୃଙ୍ଖଳାର ଶିକ୍ଷା ଦିଏ

ଗୋପ (ପିପିଏସ): କ୍ରୀଡା ଖାଲି ଖେଳ ନୁହେଁ, ଏହା ଶାରିରୀକ ସୁସ୍ଥ ଓ ଶୃଙ୍ଖଳା ରକ୍ଷା ଶିକ୍ଷା ଦେବା ସହିତ ଲୁକ୍କାୟିତ ପ୍ରତିଭାଙ୍କୁ ଆଗକୁ ଆଣିଥାଏ ବୋଲି ଆଜି ଗୋପ ହାପିକଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଂଶତମ ବାର୍ଷିକ କ୍ରୀଡା ଉତ୍ସବର ଉଦଯାପନୀ ସମାରୋହରେ ବିଦ୍ୟାଳୟର ସଭାପତି ଗୋପ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟାଇ ମତବ୍ୟକ୍ତ କରିଥିଲେ। ସଭାପତି ଶ୍ରୀଯୁକ୍ତ ଖଟାଇ ଙ୍କ ସଭାପତିତ୍ୱରେ ଦୁଇ ଦିନ ଧରି ଅନୁଷ୍ଠିତ ଏହି କ୍ରୀଡା ଉତ୍ସବର ଉଦଯାପନୀ ଦିବସରେ ଅତିଥିଭାବେ ସମାଜସେବୀ ବସନ୍ତ କୁମାର ସେନାପତି, ସତ୍ୟନାରାୟଣ ସେନାପତି, ରଶ୍ମି ରଞ୍ଜନ ପଟ୍ଟନାୟକ, ଅନୁଷ୍ଠାନର ସମ୍ପାଦକ ସନତ୍ କୁମାର ସେନାପତି, ସହ ସମ୍ପାଦକ ପବିତ୍ର କୁମାର ଦାସ, କୋଷାଧ୍ୟକ୍ଷ ଶାଶ୍ୱତ ରଂଜନ ପ୍ରଧାନ, ସଭ୍ୟା ପ୍ରଣତୀ ଶତପଥି, ପ୍ରମୋଦିନି ସାହୁ ପ୍ରମୁଖ ଯୋଗଦେଇ କୃତି କ୍ରୀଡ଼ୀତ୍ ଙ୍କୁ ପୁରସ୍କୃତ କରିଥିଲେ। ଶିଶୁ ବର୍ଗର ୫ ମ ଶ୍ରେଣୀ ଛାତ୍ର ସେକ୍ ପରୱଜ, ଛାତ୍ରୀ ପ୍ରତ୍ୟାଶା ପାଢୀ ଏବଂ ବାଲ୍ ବର୍ଗର ୭ମ ଶ୍ରେଣୀ ଛାତ୍ର ଅଜୟ କୁମାର ଦାସ, ଛାତ୍ରୀ ପ୍ରଜ୍ଞାଶ୍ରୀ ନାୟକ ଓ ୬ଷ୍ଠ ଶ୍ରେଣୀର ଛାତ୍ରୀ ଅଞ୍ଜଳି ବେହେରାଙ୍କୁ ଶ୍ରେଷ୍ଠ କ୍ରୀଡାବିତ୍ ଭାବେ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତୋଫାନ ଦଳାଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଚାର୍ଯ୍ୟ ପ୍ରତିନିଧି ବବିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ଦିଲ୍ଲିପ କୁମାର ଭୋଇ, ଦେବାଶିଷ ଦିକ୍ଷୀତ, ସୁଜାତା ମହାନ୍ତି, ତୃପ୍ତିମୟୀ ସାହୁ, ଅନନ୍ୟା ପ୍ରିୟଦର୍ଶିନୀ, ବବିତା ମହାପାତ୍ର, ବନିତା ଦେଇ, ବିଶ୍ୱବାସିନୀ ନନ୍ଦ, ସସ୍ମିତା ବେହେରା, ବିଶ୍ୱରୂପା ପ୍ରଧାନ, ତପସ୍ୱିନୀ ଭୋଇ ପ୍ରମୁଖ ବିଦ୍ୟାଳୟର ଆଚାର୍ଯ୍ୟ ଆଚାର୍ଯ୍ୟା ଏହି କ୍ରୀଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଧାମନଗର (ପିପିଏସ) ଧାମନଗର ବ୍ଲକ ଅନ୍ତର୍ଗତ ହରିହଂଶ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ବାତ୍ସଲ୍ୟମୟୀ ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ପତିଙ୍କ ସେବା ନିବୃତ ସମ୍ବର୍ଦ୍ଧନା ସମାରୋହ ଏକ ଭବ୍ୟ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି। ଗତକାଲି ଶିକ୍ଷକତା ଜୀବନର ଶେଷ କାର୍ଯ୍ୟଦିବସ ଅବସରରେ ସମ୍ପୃକ୍ତ ବିଦ୍ୟାଳୟ ପରିସରରେ ଶିକ୍ଷାବିତ ଗୋଲକ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ସଞ୍ଚାଳନ କରିଥିଲେ ଶିକ୍ଷକ ସଞ୍ଜୟ କୁମାର ବିନ୍ଧାଣୀ। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ପତିଙ୍କ ଶିକ୍ଷାଦାନ ଫୋଟୋ ୨୦୨୪ ମସିହାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପୁସ୍ତକ ଅ ଆ କ ଖ ର ପ୍ରଚ୍ଛଦ ପଟରେ ସ୍ଥାନିତ ହୋଇ ଲୋକଲୋଚନକୁ ଆସିଥିଲା ବୋଲି କହିଥିଲେ। ଏଥିରେ ପ୍ରାଧ୍ୟାପକ ନିକୁଞ୍ଜ କିଶୋର ଜେନା ମୁଖ୍ୟବକ୍ତା ଓ ମୁରଲୀଧର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା ବରେଣ୍ୟ ଅତିଥି, ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ବରେଣ୍ୟ ବକ୍ତା ଭାବେ ଯୋଗଦେଇ ଅବସରପ୍ରାପ୍ତା ପ୍ରଧାନ ଶିକ୍ଷୟିତ୍ରୀଙ୍କ ଛାତ୍ରବତ୍ସଳତା, ଶିକ୍ଷା ପ୍ରଦାନ କ୍ଷେତ୍ରରେ ତାଙ୍କର ନିଷ୍ଠା, ତ୍ୟାଗ, ସମୟାନୁବର୍ତ୍ତିତା, କର୍ମତତ୍ପରତା ଆଦି ସଂପର୍କରେ ଆଲୋକପାତ କରିଥିଲେ। ଧାମନଗର ଏବିଇଓ ତଥା ଗାଳ୍ପିକ ସତ୍ୟସୁନ୍ଦର ପରିଡ଼ା, ଆନନ୍ଦପୁର ଏବିଇଓ ତଥା ଲେଖକ ହେମେନ୍ଦ୍ରନାଥ ମହାନ୍ତି, ସମାଜସେବୀ ଡାକ୍ତର ସଞ୍ଜୟ ଦାସ,ଶିକ୍ଷାବିତ ଅନିଲ କୁମାର ବଳ, ଉମେଶ ଚନ୍ଦ୍ର ତ୍ରିପାଠୀ, ସୁରେନ୍ଦ୍ର କୁମାର ରାଉତ, ସୁଜାତା ମହାନ୍ତି, ନିରଞ୍ଜନ ପ୍ରଧାନ, ଶ୍ରୀକାନ୍ତ ସାହୁ, ଶରତ କୁମାର ସାହୁ, ନାରାୟଣ ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପଲତା ପାଣିଗ୍ରାହୀ, ଦୀପିକା ବିଶ୍ୱାଳ, ଅମିତା ମହାଳିକ ଓ ଶିକ୍ଷକ ଅଭୟ କୁମାର ଦାଶ, ନନ୍ଦକିଶୋର ଦଳେଇ, ରୂପକ କୁମାର ମିଶ୍ର, ପ୍ରଦୀପ ଦାସ, ସତ୍ୟବ୍ରତ ରାଉତ, କୃଷ୍ଣଚନ୍ଦ୍ର ମିଶ୍ର,ଏସଏମସି ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିବା ବେଳେ ସିଆରସିସି ଅଭୟ ସାହୁ କାର୍ଯ୍ୟକ୍ରମର ଶେଷ ସ୍ୱର୍ଣ୍ଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଦାୟୀ ପ୍ରତିଭା ଶାନ୍ତିଲତା ପତିଙ୍କୁ ମାନପତ୍ର, ବସ୍ତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

### ମାତିଛନ୍ତି ନକଲି ସାମ୍ବାଦିକ

# ଗଣମାଧ୍ୟମ ପ୍ରତିନିଧି ମହଲରେ ତୀବ୍ର ପ୍ରତିକ୍ରିୟା

ଅସ୍ତରଙ୍ଗ, (ପିପିଏସ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ମାତିଛନ୍ତି ମାଳ ମାଳ ନକଲି ସାମ୍ବାଦିକ । ସେମାନେ ନିଜକୁ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି କହି ନିଜ ବାଇକ ରେ ପ୍ରେସ ଲେଖିବା ସହ ବିଭିନ୍ନ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କୁ ଧମକାଇବା ସହ ବିଭିନ୍ନ ଆଳ ଦେଖାଇ ଟଙ୍କା ମାଗୁଛନ୍ତି । ସ୍ଥିତି ଏମିତି ହେଲାଣି ଯେ, ଏହି ନକଲି ସାମ୍ବାଦିକ ମାନଙ୍କ ପାଇଁ ବହୁ ପ୍ରତିଷ୍ଠିତ, ଶିକ୍ଷିତ ଗଣ ମାଧ୍ୟମ ପ୍ରତିନିଧି ମାନେ ଅଯଥା ହଇରାଣ ହେଉଛନ୍ତି । କୌଣସି ତଥ୍ୟ ପାଇଁ ସରକାରୀ ଅଧିକାରୀମାନଙ୍କୁ ଫୋନ କଲେ ସେମାନେ ଫୋନ ଉଠାଇବାକୁ କିମ୍ବା କଥା ହେବାକୁ ଅମଙ୍ଗ ହେଉଛନ୍ତି । ଏହା ସହ ଅସ୍ତରଙ୍ଗ ଥାନା, ତହସିଲ ଓ ବ୍ଲକ ଅଂଚଳରେ କିଛି ନକଲି ସାମ୍ବାଦିକ ନାମରେ ଗାଡି ରେ ପ୍ରେସ ମାରି ବୁଲିବା ସହିତ ଥାନାରେ ସରିପୁର ପଂଚାୟତର ଜଣେ ନକଲି ସାମ୍ବାଦିକ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ଆସି ସାଧାରଣ ଜନତା ଙ୍କୁ ଲୁଟୁଥିବା ଚର୍ଚ୍ଚା ହେଉଛି । ଏହାକୁ ନେଇ ସାମ୍ବାଦିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏ ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ବିଜୟ ବେହେରା କହିବା କଥା, କିଛି ନକଲି ସାମ୍ବାଦିକଙ୍କ ପାଇଁ ସଚୋଟ ଗଣମାଧ୍ୟମ ପ୍ରତିନିଧି ବଦନାମ ହେଉଛନ୍ତି । ତେଣୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କ ତଥ୍ୟ ଯାଞ୍ଚ ପାଇଁ ସେ ଦାବି କରିଛନ୍ତି ।

# କୋଣାର୍କ ଉତ୍ସବ ଓ ଆନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବର ସ୍ଥିତି ପରଖିଲେ ପୁରୀ ଜିଲ୍ଲାପାଳ



କୋଣାର୍କ (ପିପିଏସ) : ୩୬ତମ କୋଣାର୍କ ଉତ୍ସବ ଓ ଚନ୍ଦ୍ରଭାଗା ଠାରେ ଆନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ଆୟୋଜନ ନେଇ ଶନିବାର ଅପରାହ୍ନରେ ପୁରୀ ଜିଲ୍ଲାପାଳ ପ୍ରସ୍ତୁତିର ତଦାରଖ ଓ ସମୀକ୍ଷା କରିଥିବା ଜଣାପଡିଛି । ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ କୂଳରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଆସନ୍ତା ଡିସେମ୍ବର ୧ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ସୁଭଦ୍ରା ଶକ୍ତି ମେଳାର ଆୟୋଜନ କରାଯାଇଛି । ଏହି ମେଳାରେ ୧୫୦ ଗୋଟି ଷ୍ଟଲ ପ୍ରଦର୍ଶିତ କରାଯିବା ପାଇଁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ସ୍ଥିର କରାଯାଇଛି । ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ସାମଗ୍ରୀ ସମ୍ପର୍କିତ ଷ୍ଟଲମାନ ପ୍ରଦର୍ଶିତ ହେବ। ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ସୁଭଦ୍ରା ଶକ୍ତିମେଳା ମାଧ୍ୟମରେ ବିକ୍ରି କରିବା ପାଇଁ ଏହା ଏକ ଉତ୍ତମ ମାଧ୍ୟମ। ଏହା ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ଆତ୍ମ ନିର୍ଭରଶୀଳ ହେବା ସହ କର୍ମ ସଂସ୍ଥାନ ଯୋଗାଇବା ପାଇଁ ପ୍ରଶସ୍ତ ମାର୍ଗ ପ୍ରଦର୍ଶନ କରିବ ବୋଲି ସୁଭଦ୍ରା ଶକ୍ତି ମେଳାର ପ୍ରସ୍ତୁତି ତଦାରଖ କରିବା ସମୟରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ମତବ୍ୟକ୍ତ କରିଛନ୍ତି । ଚନ୍ଦ୍ରଭାଗାର ବେଳାଭୂମି କୂଳରେ ଆୟୋଜିତ ହେବାକୁ ଥିବା ୧୫ତମ ଆନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବର ପ୍ରସ୍ତୁତି ତଦାରଖ କରିଥିଲେ ପୁରୀ ଜିଲ୍ଲାପାଳ। ପରେ ପରେ ପୁରୀ ଜିଲ୍ଲାପାଳ ଶ୍ରୀ ପରିଡା କୋଣାର୍କ ହେଲିପ୍ୟାଡ ଠାରେ ଆୟୋଜିତ ହେବାକୁ ଥିବା ମିନାବଜାର ଆୟୋଜନର ପ୍ରସ୍ତୁତି ଓ କୋଣାର୍କ ଉତ୍ସବର ପ୍ରସ୍ତୁତିର ତଦାରଖ ଓ ସମୀକ୍ଷା କରିଥିଲେ ।ପୁରୀ ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟ ରଂଜନ ପୃଷ୍ଟି,ଅତିରିକ୍ତ ଜିଲ୍ଲାପାଳ(ପ୍ରୋଟୋକଲ) ନୀଳ ମାଧବ ଭୋଇ, ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଉପଜିଲ୍ଲାପାଳ ରାଜକିଶୋର ଜେନା, ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଅମିୟ ରଞ୍ଜନ ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଦେବଗଡ଼ ଜିଲ୍ଲାରେ ଓଡ଼ିଆ ନାମର ପୁନରୁଦ୍ଧାର ସମ୍ପର୍କିତ ବୈଠକ



ଦେବଗଡ(ପିପିଏସ୍): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ନାମ ପୁନରୁଦ୍ଧାର ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାର ରାଜସ୍ୱ ବିଭାଗ ପତ୍ର ସଂଖ୍ୟା ୪୩୮୨୨ ତା ୨୦.୧୧.୨୦୨୫ର ଚିଠି ସମ୍ପର୍କରେ ଦେବଗଡ଼ ଜିଲ୍ଲାର ଜିଲ୍ଲା ମୁଖ୍ୟାଳୟ ଓ ବ୍ଲକ୍ ମୂଳ ଓଡ଼ିଆ ନାମ ପୁନରୁଦ୍ଧାର ସମ୍ପର୍କ ବୈଠକରେ DEOGARH ରୁ DEBAGARH ଓ REAMAL ରୁ RIAMAL ନାମ ପରିବର୍ତ୍ତନ କରାଯିବାପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ବରିଷ୍ଠ ନାଗରିକ ସୁଧୀର କପରଦାର, ଲକ୍ଷ୍ମଣ ଓମାତ, ନିରଞ୍ଜନ ଦ୍ୱିବେଦୀ, ଆଇନଜୀବୀ ଦିଲ୍ଲୀପ କୁମାର ଗୁରୁ, ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ସୁଶିଲ କୁମାର ଦାସ, ତରୁଣ ସାହୁ, ଡେପୁଟି କଲେକ୍ଟର ସୂର୍ଯ୍ୟକାନ୍ତ ବରିହା, ଅର୍ଜ୍ଜୁନି କୁଜୁର, ଯୁବ ସେବକ ସଂଘ ସଭାପତି ପ୍ରଫୁଲ୍ଲ କୁମାର ନାୟକ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପିର ମିଶ୍ରଣପର୍ବ

କେନ୍ଦୁଝର: ଘସିପୁରା ନିର୍ବାଚନ ମଣ୍ଡଳୀ ସାଇଁକୁଳ ଠାରେ ବିଧାନସଭା ନେତା ଶମ୍ଭୁନାଥ ରାଉତ ଙ୍କ ସଂଯୋଜନା ରେ ଆୟୋଜିତ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାଂସଦ ଅନନ୍ତ ନାୟକ ଯୋଗଦେଇ ଟୋପି ଓ ଉତରୀୟ ଦେଇ ଅନ୍ୟ ଦଳ କର୍ମୀଙ୍କୁ ବିଜେପିରେ ସାମିଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଭାବେ ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ରାଜ୍ୟ ସମ୍ପାଦିକା ମମତା ସିଂ, ଜିଲ୍ଲା ସମ୍ପାଦିକା ଯଶସ୍ୱିନି ବଳ, ଜିଲ୍ଲା ଉପ ସଭାପତି ଅଖିଳ ଚନ୍ଦ୍ର ପାତ୍ର, ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ର ପ୍ରମୁଖଙ୍କ ସହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଜିର ଏହି ମିଶ୍ରଣ ପର୍ବ ରେ ବିଜେଡ଼ି ଓ କଂଗ୍ରେସ ଦଳର ଶତାଧିକ କର୍ମୀ ବିଜେପିରେ ସାମିଲ ହୋଇଥିଲେ।

## କେନ୍ଦୁଝର ଜିଲ୍ଲାରେ ପ୍ରଶାସନିକ ନିଷ୍କ୍ରିୟତା

# ସରକାରୀ ଓ ଦେବୋତ୍ତର ଜାଗା ଅସୁରକ୍ଷିତ

କେନ୍ଦୁଝର: କେନ୍ଦୁଝର ସହର ସମେତ ଗାଁ ଗହଳିରେ ରହିଥିବା ସରକାରୀ ଓ ଦେବୋତ୍ତର ଜାଗାଗୁଡିକର ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ଉପରେ ପ୍ରଶାସନିକ ସ୍ତରରେ ଦୃଷ୍ଟି ଦିଆଯାଉନଥିବାରୁ ଜିଲ୍ଲାର ପ୍ରାୟ ପ୍ରତି ଅଂଚଳରେ ଥିବା ଶହ ଶହ ଏକର ସରକାରୀ ଓ ଦେବୋତ୍ତର ଜାଗା ନିକଟସ୍ଥ ଲୋକମାନଙ୍କ ଦ୍ୱାରା ଜବରଦଖଲରେ ରହିଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ ଜାଗାଗୁଡିକର ସୁରକ୍ଷା ଉପରେ ପ୍ରଶାସନିକସ୍ତରରେ ଗୁରୁତ୍ୱ ନଦେବା ସାଙ୍ଗକୁ ଜବରଦଖଲକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଅଭାବରୁ ଦିନ ପ୍ରତିଦିନ ସରକାରୀ ଜାଗା ନିକଟରେ ଥିବା ବେସରକାରୀ ଜାଗା ମାଲିକମାନେ ନିଜ ଜାଗା ସହିତ ନିକଟରେ ଥିବା ସରକାରୀ ଓ ଦେବୋତ୍ତର ଜାଗାଗୁଡିକୁ ମିଶାଇ ସେ ଜାଗାରେ ବାସଗୃହ, ଦୋକାନ ଗୃହ, ପଟିକୋ, ପ୍ରଭୃତି ନିର୍ମାଣ କରି ଅନ୍ୟ ଲୋକମାନଙ୍କୁ ମାସିକ ଭଡା ସୂତ୍ରରେ ଦେଇ ମାସିକ ଦରମା ପାଇବା ଭଳି ହଜାର ହଜାର ଟଙ୍କାର ମୁନାଫା କମାଉଛନ୍ତି। ଗୋଟେ ରୁମ୍ ପିଛା ସିକ୍ୟୁରିଟି ବାବଦରେ ୪ ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ କରି ବେଶ ଲାଭବାନ ହେଉଛନ୍ତି। ସରକାରୀ ଜାଗାଗୁଡିକର ଏଭଳି ଜବରଦଖଲ ଯୋଗୁଁ ଜିଲ୍ଲାରେ ଗାଈଗୋରୁଙ୍କ ପାଇଁ ଚାରଣ ଭୂଇଁର ଘୋର ଅଭାବ ଦେଖାଦେବା ସହ ଗୋ-ସମ୍ପଦ ହ୍ରାସ ପାଇବାରେ ଲାଗିଛି। ସେହିଭଳି ଖୋଲାପଡିଆ, ଖୋଲାପରିବେଶ ଅଭାବ ସୃଷ୍ଟି ଯୋଗୁଁ ବିଭିନ୍ନ ଅଞ୍ଚଳରେ ରହୁଥିବା କୁନି କୁନି ପିଲାମାନଙ୍କର ଖେଳକୁଦର ଦୃଶ୍ୟ ମଧ ଦେଖିବା ସପ୍ନ ହୋଇଯାଇଥିବାବେଳେ ସୁସ୍ଥ ବାୟୁ ଚଳାଚଳ ବଦଳରେ ପ୍ରଦୂଷଣ, ଉତ୍ତାପ ମଧ ବଢ଼ିବାରେ ଲାଗିଛି। ସରକାରୀ କଳର ନୀରବଦ୍ରଷ୍ଟା ଯୋଗୁଁ ସରକାରୀ ଜାଗା କଥା ଛାଡ଼ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଡ୍ରେନଗୁଡିକ ଉପରେ ମଧ ଟିଣ ଚାଦରା ଦ୍ୱାରା ବଡ଼ ବ' କ୍ୟାବିନମାନ ପକାଇ ଦୋକାନ ମାନ ଖୋଲାଯାଉଛି। ଯାନ ପାର୍କିଂର ବ୍ୟବସ୍ଥା ନକରି ଯିଏ ଯେଉଁଠି ପାରିଲା ଦୋକାନର ମେଲାଇବା ଦ୍ୱାରା ବହୁ ସମୟରେ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ଏହାବ୍ୟତୀତ ଜିଲ୍ଲାର ବିଭିନ୍ନ ଅଂଚଳରେ ରହିଥିବା ସରକାରୀ, ଦେବୋତ୍ତର ଜାଗାଗୁଡିକୁ କେବଳ ଉକ୍ତ ସରକାରୀ ଜାଗାଗୁଡିକର ନିକଟବର୍ତ୍ତୀ ଜାଗାଧାରୀମାନେ ବିଭିନ୍ନ ମାଧ୍ୟମରେ ନିଜ ଅକ୍ତିଆରେ ରଖି ବେଶ ଲାଭବାନ ହେଉଥିବାବେଳେ ଭିତରେ ବସବାସ କରୁଥିବା ଅନ୍ୟ ଅଧିବାସୀମାନେ କିଛି ଉପକୃତ ହୋଇପାରୁନାହାଁନ୍ତି। ତେଣୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସରକାରୀ, ଦେବୋତ୍ତର ଜାଗାଗୁଡିକର ପୁନଃରୁଦ୍ଧାର କରାଯାଇ ସାମୂହିକ ଉପକୃତ ହେବାଭଳି କାର୍ଯ୍ୟରେ ଲଗାଯିବାକୁ ବିଭିନ୍ନ ମହଲରେ ଦୃଢ଼ ଦାବି ହୋଇଛି।

# ସରଳ ସଂସ୍କୃତ ସମ୍ଭାଷଣ ପାଠ୍ୟକ୍ରମ ଉଦ୍‌ଯାପିତ

ବଲାଙ୍ଗିର(ପିପିଏସ୍): ସରକାରୀ ମହିଳା ମହାବିଦ୍ୟାଳୟର ସଂସ୍କୃତ ବିଭାଗ ତଥା ସଂସ୍କୃତ ଭାରତୀ, ବଲାଙ୍ଗୀର ର ମିଳିତ ଆନୁକୁଲ୍ୟରେ ଏକାଦଶ ଦିବସୀୟ ସରଳ ସଂସ୍କୃତ ସମ୍ଭାଷଣ ପାଠ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି। ଉକ୍ତ ଉଦଯାପନୀ ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଅରବିନ୍ଦ କୁମାର ଓଝା ନିଜର ବକ୍ତବ୍ୟ ରଖି କହିଲେ ସଂସ୍କୃତ ଭାଷା ସମସ୍ତ ଭାଷାର ଜନନୀ ଏବଂ ସଂସ୍କୃତ ଭାଷାର ସଂରକ୍ଷଣ, ପ୍ରଚାର, ପ୍ରସାର ଆମ ସମସ୍ତଙ୍କ ଦାୟିତ୍ୱ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ମୁଖ୍ୟ ଶ୍ରୀଯୁକ୍ତ ଅମରେଶ୍ୱର ନାଏକ ଯୋଗଦେଇ ଛାତ୍ରୀମାନଙ୍କୁ ସଂସ୍କୃତ ଭାଷାର ମହତ୍ତ୍ୱ ବିଷୟରେ ତଥା ସଂସ୍କୃତ ଭାଷାରେ ଲିଖିତ ଗ୍ରନ୍ଥର ମୂଳ ପାଠକୁ ଅଧ୍ୟୟନ କରିବାର ଆବଶ୍ୟକତା ଉପରେ ବିଶେଷ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା ସଂସ୍କୃତ ବିଭାଗର ଅଧ୍ୟାପକ ଶ୍ରୀଯୁକ୍ତ ଅଜିତ କୁମାର ପଣ୍ଡା କରିଥିଲେ। ସ୍ନାତକ ଦ୍ୱିତୀୟ ବର୍ଷର ଛାତ୍ରୀ ତେଜସ୍ୱିନୀ ଦାଶ ଏବଂ ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ ପ୍ରତିକ୍ଷା ନାଏକ ନିଜର ଅନୁଭୂତି ପ୍ରକାଶ କରିଥିଲେ। ଉକ୍ତ ପାଠ୍ୟକ୍ରମରେ ସଂସ୍କୃତ ବିଭାଗର ଅଧ୍ୟାପକ ଡ଼ଃ ସମୀର ବିଶ୍ୱାଳ, ରଂଜିତ ପାତ୍ର, ସରସ୍ୱତୀ ଭୋଇ, ଆଦର୍ଶ କୁମାର ମହାପାତ୍ର ଛାତ୍ରୀମାନଙ୍କୁ ସଂସ୍କୃତ ପ୍ରଶିକ୍ଷଣ ଦେଇଥିଲେ। ପରିଶେଷରେ ଅଧ୍ୟାପକ ଆଦର୍ଶ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣପୁର ପୌରାଞ୍ଚଳରେ ଆବାସ ଘର ବାଣ୍ଟିଲେ ଜିଲ୍ଲାପାଳ

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ପୌରପରିଷଦ ପକ୍ଷରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ରୁଷି ମାଝୀ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡ଼.ନୃପରାଜ ସାହୁ ଯୋଗଦେଇ ହିତାଧିକାରୀ ଙ୍କୁ ଗୃହ ନିର୍ମାଣ ର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପୌରପରିଷଦ ର ଅଧ୍ୟକ୍ଷା ତାମସି ତାମସ୍ମିତା ନାୟକ ଉପାଧ୍ୟକ୍ଷା ମଲ୍ଲିକା ଦାନୀ ଓ ସମସ୍ତ ୱାର୍ଡ ର କାଉନସିଲର ଯୋଗ ଦେଇଥିଲେ। ମୋଟ ୯୭ ଜଣ ହିତାଧିକାରୀ ଙ୍କ ମଧ୍ୟରୁ ଆଜି ୬୮ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଆଗକୁ ଯେଉଁ ମାନେ ଆବାସ ଗୃହ ପାଇଁ ଚାହିଁବେ ସେମାନେ ଅନଲାଇନ ରେ ଆବେଦନ କରି ପାରିବେ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଥିବାବେଳେ ଆଜିର ଏହି କାର୍ଯ୍ୟକ୍ରମରେ ପୌରପରିଷଦ ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଦେବଗଡ଼ରେ ମହିଳା କମିଶନ୍ ସଦସ୍ୟା



ଦେବଗଡ଼(ପିପିଏସ୍): ମହିଳା କମିଶନ୍‌ର ସଦସ୍ୟା ପ୍ରତିଭା ଶତପଥୀ ଦେବଗଡ ଗସ୍ତରେ ଆସି ଜେଲ୍ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନବେଳେ ଅନ୍ତେବାସୀମାନଙ୍କ ବିଭିନ୍ନ ସମସ୍ୟା ପଚାରିବା ସହିତ ପରିଷ୍କାର ପରିଛନ୍ନତା ଦେଖିଥିଲେ। ପରବର୍ତ୍ତୀ ସମୟରେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପରିଚାଳିତ ହୋଇଥିବା ଶକ୍ତି ସଦନ, ଦେବଗଡ ଏବଂ ସଖୀ ସେଣ୍ଟର ପରିଦର୍ଶନ କଲେ ଏବଂ ଧନ୍ଦାମୂଳକ ତାଲିମ୍ ବିଷୟରେ ବାର୍ତ୍ତାଳାପ କଲେ। ପରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ସହିତ ସାକ୍ଷାତ କରିବ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ଗସ୍ତବେଳେ ବିଜେପି ମହିଳା ସଭାପତି ବିଳାସିନୀ ଥାପ୍ପା, ମହିଳା ସମ୍ପାଦିକା ପ୍ରୀତି ପରିମିତା ବେହେରା, ୱାର୍ଡ ନଂ ୧୦ ର ପାରିଷଦ ଇତିଶ୍ରୀ ମିଶ୍ର, ବିଜେପିଯୁବନେତା ସୁଧିର ବ୍ରହ୍ମ ଏବଂ ଦୟା ଦ୍ୱିବେଦୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ, ପ୍ରୋଗ୍ରାମ ଅଫିସର ଜୋସ୍ନା ତନ୍ତୀ, ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବେହେରା, ସମ୍ବଲପୁରର ଶର୍ମିଷ୍ଠା ସାହୁ ଉପସ୍ଥିତ ଥିଲେ।

# ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ବିଧାନ ଦିବସ ପାଳିତ

ଜୟପୁର: ମହାଦଳିତ ପରିଷଦ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସଭାପତି ବୃନ୍ଦାବନ ଖରାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ସ୍ଥାନୀୟ ପାରାବେଡା ଟ୍ରାଫିକ ଛକ ନିକଟରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ସୁରେନ୍ଦ୍ର ଖରା ଉପସ୍ଥିତ ରହି ନଭେମ୍ବର ୨୬ ହେଉଛି ଭାରତ ପାଇଁ ଏକ ସତନ୍ତ୍ର ଦିନ। କାରଣ ଏହି ଦିନ ପ୍ରତିବର୍ଷ ସମ୍ବିଧାନ ଦିବସ ପାଳନ କରାଯାଏ। ୨୬ ନଭେମ୍ବର ୧୯୪୯ ରେ ସାଧିନ ଭାରତ ଦେଶର ସମ୍ବିଧାନ ସଭା ବର୍ତ୍ତମାନର ସମ୍ବିଧାନକୁ ବିଧିବଦ୍ଧ ଭାବେ ଆପଣାଇଥିଲା। ଏହାର ଦୁଇ ମାସ ପରେ ୨୬ ଜାନୁଆରୀ ୧୯୫୦ ରେ ଦେଶବ୍ୟାପି ସମ୍ବିଧାନ କାର୍ଯ୍ୟକାରୀ ହେଲା। ଭାରତୀୟ ସମ୍ବିଧାନରେ ଦିଆଯାଇଥିବା ମେ ?ଳିକ କର୍ତ୍ତବ୍ୟ ଯାହା ଆମକୁ ଆମ ଦାୟୀତ୍ୱକୁ ମନେ ପକାଇଥାଏ ସେହି ସମ୍ବିଧାନର ମେ ?ଳିକ ଅଧିକାର ହେଉଛି ନାଗରିକ ମାନଙ୍କର ଢାଲ। ସମ୍ବିଧାନ ନାଗରିକମାନଙ୍କୁ ଦେଶର ଜଣେ ମୁକ୍ତ ନାଗରିକ ଭାବେ ଅନୁଭବ କରାଇଥାଏ। ବାସ୍ତବରେ ମେ ୨୦୧୫ ରେ ସମ୍ବିଧାନର ପ୍ରତିଷ୍ଠାତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ୧୨୫ ତମ ଜନ୍ମ ବାର୍ଷିକୀ ଅବସରରେ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ଏହି ଦିନକୁ ୨୬ ନଭେମ୍ବର ସମ୍ବିଧାନ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ଦିନ ପାଳନ କରିବାର ଉଦ୍ଦେଶ୍ୟ ହେଲା ଦେଶର ନାଗରିକଙ୍କ ମନରେ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଏବ ? ସମ୍ମାନ ଦେବା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅରୁଣ ଖରା, ସଞ୍ଜୟ ନାୟକ, ନିଳମାଧବ ହରିଜନ, ବୁଦ୍ଧୁ କୁଳଦୀପ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲା କୋର୍ଟ ପରିସରରେ ଓ କେବିକେ ସମାଚାର ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବିନୋଦ ମହାପାତ୍ରଙ୍କ ସଭାପତିତ୍ୱରେ ବିଜୁଶ୍ରମିକ ନେତା ବାଲା ରାୟ, ବରିଷ୍ଠ ଆଇନଜୀବୀ ମଦନ ମୋହନ ନାୟକ, ଚନ୍ଦ୍ରକାନ୍ତ ସୁତାର, ଆଇନଜୀବୀ ରାଜେନ୍ଦ୍ର ଗୌଡ ଅବସରପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ ରାମମୋହନ ଦାସ ପ୍ରମୁଖ ଉପସ୍ଥିତ ରହି ସମ୍ବିଧାନ ପ୍ରଣୟନ ବିଷୟରେ ଆଲୋଚନା କରିଥିଲେ।

## ଲୁଟ୍ ମାମଲାରେ ୩ ଅଭିଯୁକ୍ତ ଗିରଫ

ଜୟପୁର: ଗତ ୨୬ ତାରିଖ ରେ ଜାମୁଣ୍ଡ୍‌ତା ଅଞ୍ଚଳର ଜଣେ ବ୍ୟବସାହି ଠାରୁ ଟଙ୍କା ଲୁଟ କରିଥିବା ମାମଲାରେ ଟାଉନ ପୁଲିସ ୩ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ୩ଜଣ ଅଭିଯୁକ୍ତ ହେଲେ ଜୟପୁର ଗୋପବନ୍ଧୁନଗର ଅଞ୍ଚଳର ଟି ଶଙ୍କର(୧୯), ଟି. ହରି(୨୮), ପଦ୍ମନ ମାଛ (୨୩)। ମିଳିଥିବା ସୂଚନା ଅନୁଯାୟୀ ଗତ ୨୬ ତାରିଖରେ ନୂଆ ସାହି ପାର୍କ ଲାଇନ ନିକଟରେ ଜାମୁଣ୍ଡ୍‌ତାର ଦେ ?ତାରି ହରିଜନଙ୍କ ଠାରୁ ୩ଜଣ ଦୁର୍ବୃତ୍ତ ୯ହଜାର ଟଙ୍କା ଲୁଟି କରିନେଇଥିବା ନେଇ ଟାଉନଥାନାରେ ଅଭିଯୋଗ ହେବା ପରେ ଟାଉନ ପୁଲିସଏକ ମାମଲା ରୁଜୁ କରିଥିଲା। ୩ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ପ୍ରସ୍ତୁତି

ଦେବଗଡ଼ (ପିପିଏସ୍): ଦେବଗଡ଼ ଜିଲ୍ଲାପାଳ ଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା କ୍ରୀଡ଼ା ବିଭାଗ ଓ ମାଇଁ ଭାରତ ପକ୍ଷରୁ ଯୁବ ଉତ୍ସବ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଆସନ୍ତା ଡ଼ିସେମ୍ବର ୩ ତାରିଖ ବୁଧବାର ଦିନ ବିଜୁ ପଟ୍ଟନାଏକ ପ୍ରେକ୍ଷାଳୟ ଓ ଦେବଗଡ଼ ମହାବିଦ୍ୟାଳୟ ଠାରେ ସକାଳ ୯ ଘଟିକା ସମୟରେ ଆୟୋଜନ କରାଯିବ। ୧୫ ରୁ ୨୯ ବୟସର ଯୁବକ ଯୁବତୀ ମାନେ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିପାରିବେ। ଭାଗ ନେବା ପାଇଁ ପ୍ରତିଯୋଗୀ ମାନେ ଆଧାର କାର୍ଡ ଓ ପାସପୋର୍ଟ ସାଇଜ ଫଟୋ ଧରି ଆସିବା ପାଇଁ ଅନୁରୋଧ। ପ୍ରତିଯୋଗୀ ବର୍ଗ ଦଳଗତ ଲୋକନୃତ୍ୟ, ଦଳଗତ ଲୋକ ସଙ୍ଗୀତ, ଏକକ ଲୋକ ନୃତ୍ୟ, ଏକକ ଲୋକ ସଙ୍ଗୀତ, ପଦ୍ୟ- ହିନ୍ଦୀ/ଇଂରାଜୀ, ଗଳ୍ପ ଲିଖନ- ହିନ୍ଦୀ/ଇଂରାଜୀ, ଚିତ୍ରକଳା, ଔପଚାରିକ ବକ୍ତୃତା- ହିନ୍ଦୀ/ ଇଂରାଜୀ, ଫଟୋଗ୍ରାଫି, ବିଜ୍ଞାନ ମେଳା- ଦଳଗତ/ଏକକ, ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପାରିବେ। ଏଥିରେ ପ୍ରଥମ ହୋଇଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ଯୁବ ଉତ୍ସବ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ। ବୈଠକରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ତାପସ କୁମାର ମହନ୍ତ, ମାଇଁ ଭାରତ ପ୍ରଦୀପ ବିଶ୍ୱାଳ, ସହକାରୀ ଜିଲ୍ଲାପାଳ ଈଶ୍ୱର ଗୁରୁ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଲାଇନ୍ ଡିପାର୍ଟ ମେଣ୍ଟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁଝରରେ 'ବନ୍ଦେ ମାତରମ୍' ୧୫୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ

କେନ୍ଦୁଝର: ରାଷ୍ଟ୍ରଗାନ ବନ୍ଦେ ମାତରମ୍ ର ୧୫୦ ବର୍ଷ ପୂର୍ତ୍ତୀ ଉପଲକ୍ଷେ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେନ୍ଦୁଝର ସହରସ୍ଥିତ ପ୍ରେକ୍ଷାଳୟ ରେ କେନ୍ଦୁଝର ସଦର ବିଧାନସଭା କ୍ଷେତ୍ର ବିଜେପି ପକ୍ଷରୁ ସାମୁହିକ ବନ୍ଦେମାତରମ୍ କାର୍ଯ୍ୟକ୍ରମ ସହିତ ଆତ୍ମ ନିର୍ଭର ଭାରତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, କେନ୍ଦୁଝରଗଡ଼ ନଗରପାଳ ନିକୁ ସାହୁ, ସଦର ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ନାଏକ, ବନ୍ଦେ ମାତରମ୍ ର କେନ୍ଦୁଝର ଜିଲ୍ଲା ସଂଯୋଜକ ବ୍ରଜକିଶୋର ରାୟ, ଆତ୍ମନିର୍ଭର ଭାରତ ଅଭିଯାନ ର ସହସଂଯୋଜକ ମାନସ କୁମାର ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାଏକ, ଜିଲ୍ଲା ଉପସଭାପତି ଗୋପୀନାଥ ରାମ, ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ରାଜ୍ୟ ପ୍ରବକ୍ତା ବିରଜା ମିଶ୍ର, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ମଧୁସୂଦନ ମିଶ୍ର ମଂଚାସିନ ହୋଇ ରାଷ୍ଟ୍ରଗାନ ବନ୍ଦେ ମାତରମ୍ ର ୧୫୦ ବର୍ଷ ପୂର୍ତ୍ତୀ ର ବିଶେଷତ୍ୱ ତଥା ବନ୍ଦେ ମାତରମ୍ ସଂଗୀତ କିପରି ଦେଶ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଆନ୍ଦୋଳିତ କରୁଥିଲା ସେହି ସମ୍ପର୍କରେ ଉଦବୋଧନ ଦେବା ସହିତ ଦେଶ ମାତୃକାର ସେବା ପାଇଁ ଆଗେଇ ଆସିବାକୁ କହିଥିଲେ। ସେହିପରି ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନ ର କର୍ମଶାଳା ରେ ମଂଚାସିନ ଅତିଥିମାନେ ପ୍ରତେକ ଭାରତୀୟ କିପରି ଆତ୍ମ ନିର୍ଭର ହେବେ ଏହା ଉପରେ ବିଷୟ ରଖିଥିଲେ। ଏହି କାର୍ଯ୍ୟକ୍ରମ ରେ ସଦର ନିର୍ବାଚନ ମଣ୍ଡଳୀ ବିଜେପି ର ୭ଟି ସାଙ୍ଗଠାନିକ ମଣ୍ଡଳ ସଭାପତି ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦର ନିର୍ବାଚନ ମଣ୍ଡଳୀ ର ସଂଯୋଜକ ବିବେକାନନ୍ଦ ମହାନ୍ତ ମଂଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦୁଝର ନଗର ମଣ୍ଡଳ ର ପୂର୍ବତନ ସଭାପତି ବିଶ୍ୱଜିତ ତ୍ରିପାଠୀ, ଦିଲ୍ଲୀପ କୁମାର ପଣ୍ଡା, ସଦର ବ୍ଲକ ପ୍ରତିନିଧି ଧନୁର୍ଜୟ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପର୍ଯ୍ୟଟନର ବିକାଶ ସହ ବିଭିନ୍ନ ସମସ୍ୟାର ସମାଧାନ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ



ଦେବଗଡ(ପିପିଏସ୍): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜିଲ୍ଲା ଓ ବ୍ଲକ୍‌ରେ ଥିବା ସରକାରୀ ଅଟ୍ଟାଳିକାଗୁଡିକର ଉନ୍ନତି କରଣ ସହ ପର୍ଯ୍ୟଟନ ବିକାଶ ଓ ହେଲିପେଡର ଉନ୍ନତିକରଣ ଉପରେ ଜିଲ୍ଲାପାଳ ଆଲୋକପାତ କରିଥିଲେ। ଏଥିସହିତ ବିଭିନ୍ନ ସମସ୍ୟାଗୁଡ଼ିକୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଲକ୍ଷ୍ମଣ ଓମାତ୍, ଅର୍ଜ୍ଜୁନୀ କୁଜୁ, ସହକାରୀ ଜିଲ୍ଲାପାଳ ତାପସ କୁମାର ମହନ୍ତ, ଈଶ୍ୱର ଗୁରୁ, ପ୍ରକଳ୍ପ ପ୍ରକାଶିକା ସନ୍ଧ୍ୟା ମାଝି, ଜିଲ୍ଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲ୍ୟ ବିବାହ ମୁକ୍ତ ଭାରତ ମଶାଲ ଅଭିଯାନ

ସମ୍ବଲପୁର, (ହି.ସ.): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅଞ୍ଚଳରେ ନୂଆଦିଲ୍ଲୀ ର ଜଷ୍ଟ ରାଇଟ ଫର ଚିଲଡ୍ରେନ ସହାୟତାରେ ସମ୍ବଲପୁର ସମନ୍ୱିତ ପ୍ରତିଷ୍ଠାନ, ଜମନକିରା ଆନୁକୂଲ୍ୟରେ ଜମନକିରା ବ୍ଲକ ଅନ୍ତର୍ଗତ ଫାଶୀମାଲ, ଚକୁଳିଆ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମଗୁଡିକରେ ବାଲ୍ୟ ବିବାହ ମୁକ୍ତ ଭାରତ ମଶାଲ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକ, ସ୍ୱୟଂ ସହାୟକ ଗୋଷ୍ଠୀ, ପଂଚାୟତରାଜ ସଭ୍ୟ ସଭ୍ୟା, ଆଇସିଡିଏସ କର୍ମଚାରୀ, ଗ୍ରାମବାସୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ବାଲ୍ୟ ବିବାହର କୁପରିଣାମ ସମ୍ବନ୍ଧରେ ସଚେତନ କରାଇବା, ପ୍ରତ୍ୟେକ ଶିଶୁ ଯେପରି ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ ଓ ସମସ୍ତ ପ୍ରକାରର ସୁରକ୍ଷା ନିରାପଦ ଏବଂ ବାଲ୍ୟବିବାହ ମୁକ୍ତ ପରିବେଶ ପାଇପାରିବେ। ଏଥିପାଇଁ ଗ୍ରାମବାସି ଏକତ୍ର ଭାବରେ ପ୍ରଚେଷ୍ଟା ବଳବତର ରଖିବା ଏହାର ମୂଳ ଲକ୍ଷ ଅଟେ। ଏହି ପରିପ୍ରେକ୍ଷୀରେ ବାଲ୍ୟ ବିବାହ ପ୍ରତିରୋଧ ଶପଥ ପାଠ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହା ସହିତ ବାଲ୍ୟ ବିବାହ ମୁକ୍ତ ପଂଚାୟତ ଘୋଷଣା କରିବା ଏବଂ ସମସ୍ତ ଶିଶୁ ଯେପରି ସେମାନଙ୍କର ଅଧିକାର କୁ ପ୍ରାପ୍ତ କରି ପାରିବେ, ସୁସ୍ଥ, ଶିକ୍ଷିତ ଓ ମୁକ୍ତ ଜୀବନ କାଟିବେ ଏହାହିଁ ୧୦୦ ଦିନିଆ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନର ମୂଳ ଲକ୍ଷ୍ୟ ବୋଲି ସଚେତନ କରାଯାଇଥିଲା।

# ୬୦ ବର୍ଷ ପରେ ସମସ୍ତ ବୃଦ୍ଧ ବୃଦ୍ଧାଙ୍କୁ ଭତ୍ତା ବ୍ୟବସ୍ଥା ଦାବି

ଜୟପୁର,(ହି.ସ.)- ୬୦ ବର୍ଷ ପରେ ସମସ୍ତ ବୃଦ୍ଧବୃଦ୍ଧାଙ୍କୁ ଭତା ଦେବାର ବ୍ୟବସ୍ଥା କରିବାକୁ ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମାଜସେବୀ ବି. ହରିରାଓ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୬୦ ବର୍ଷ ହୋଇଗଲେ ପ୍ରାୟ ୮୦ ଭାଗ ଲୋକ ଅନ୍ୟରର ଆଶ୍ରୟ ନେଉଛନ୍ତି। ଏବଂ ନିଜ ପରିବାର ବର୍ଗ ମଧ ଠିକ ଭାବେ ଦାୟିତ୍ୱ ନିର୍ବାହ କରି ପାରୁ ନାହାଁନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ସରକାର ବାର୍ଦ୍ଧକ୍ୟ ଭତାରେ ବ୍ୟବସ୍ଥା କରିଛନ୍ତି। ବର୍ତମାନ ଯେଉଁ ହିତାଧିକାରି ମାନେ ଭତା ପାଉଛନ୍ତି ସେହି ଭିତରେ କାହାର ମୃତ୍ୟୁ ହେଲେ ନୂତନ ହିତାଧିକାରିଙ୍କୁ ପର୍ଯ୍ୟାୟ କ୍ରମେ ଭତା ତାଲିକାରେ ସାମିଲ କରାଯାଉଛି। ଏପରି ବ୍ୟବସ୍ଥାକୁ ଉଚ୍ଛେଦ କରାଯାଉ। କାରଣ ୬୦ ବର୍ଷ ରୁ ଉର୍ଦ୍ଧ୍ୱ ହୋଇଥିଲେ ବି ବର୍ତମାନ ବହୁ ବୃଦ୍ଧ ବୃଦ୍ଧା ଭତାମାନେ ପାଇବାରୁ ବଂଚିତ ହୋଇଛନ୍ତି। ତେଣୁ ୬୦ ବର୍ଷ ପରେ ସମସ୍ତ ବୃଦ୍ଧ ବୃଦ୍ଧାଙ୍କୁ ଭତା ପାଇବାରେ ଯୋଗ୍ୟତା ପ୍ରାପ୍ତ କରାଇବାରେ ବ୍ୟବସ୍ଥା କରାଯାଉ। ହେଲେ ଗରିବ, ଖଟିଖିଆ, ମଜୁରିଆ ଉପକୃତ ହୋଇପାରିବା ସହ ଖାଦ୍ୟ, ଔଷଧ ପତ୍ର କ୍ରୟ କରି ବୃଦ୍ଧା ଅବସ୍ଥା ପାର କରିପାରିବେ। ତେଣୁ ସମସ୍ତ ୬୦ ବର୍ଷର ବୃଦ୍ଧ ବୃଦ୍ଧାଙ୍କୁ ଭତା ପ୍ରଦାନ କରିବାରେ ସହାୟତା କରିବାକୁ ଦାବି କରାଯାଇଛି।

# ବିଦ୍ୟାଳୟ ପରିସରରୁ ସାପ ଉଦ୍ଧାର

ମାଲକାନଗିର: ମାଲକାନଗିରି ଜିଲ୍ଲା ସଦରରେ ଥିବା କୁମୁଟିଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରୁ ଏକ ନାଗ ସାପ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ବିଦ୍ୟାଳୟ ମଧ୍ୟରେ ଏହି ବିଷକ୍ତ ନାଗ ସାପଟି ଗତ ପ୍ରାୟ ୩ ଦିନ ଧରି ଚଳ ପ୍ରଚଳ କରିବା ସହ ବିଭିନ୍ନ ସ୍ଥାନରେ ବୁଲୁଥିବା ଦେଖି ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଥିଲା। ତେବେ ଏହି ସାପକୁ ଉଦ୍ଧାର କରିବା ପାଇଁ ସ୍ଥାନୀୟ ଶିକ୍ଷକ ପ୍ରୟାସ କରିଥିଲେ ମଧ ସାପଟିର ସନ୍ଧାନ ପାଇ ପାରୁନଥିଲେ। ତେବେ ଆଜି ଏହି ସାପଟି ବିଦ୍ୟାଳୟ ପରିସରରେ ପୁଣି ବୁଲୁଥିବା ଦେଖି ଏନେଇ ସାପ ଧରାଳି ଶରତ କୁମାର ମାଝିଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଯୋଗାଯୋଗ କରିଥିଲେ, ତୁରନ୍ତ ଶରତ ସେଠାରେ ପହଂଚି ସାପଟିକୁ ଉଦ୍ଧାର କରିଛନ୍ତି। ଏହି ନାଗ ସାପର ଲମ୍ବ ପ୍ରାୟ ୬ଫୁଟ ହୋଇଥିବା ବେଳେ ସାପଟିକୁ ସୁରକ୍ଷିତ ଉଦ୍ଧାର କରି ସେ ଜଙ୍ଗଲରେ ଛାଡିଥିଲେ। ଏହାପରେ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଭୟମୁକ୍ତ ହୋଇଥିଲେ।

# ରାଜ୍ୟ ବିଦ୍ୟାଳୟ ଯୋଗାସନ ପ୍ରତିଯୋଗିତା ଉଦ୍‌ଯାପିତ

ମାଲକାନଗିରି: ତିନିଦିନିଆ ରାଜ୍ୟ ସ୍ତରୀୟ ୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ଯୋଗାସନ ପ୍ରତିଯୋଗିତା ଉଦ୍‌ଯାପନି କାର୍ଯ୍ୟକ୍ରମ ମାଲକାନଗିରି ଜିଲ୍ଲା ସ୍ଥିତ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଏମଭି - ୭ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରର ଉଦଯାପନୀ ଦିବସରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରତିଭାଗୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଯୋଗ ପ୍ରତିଯୋଗିତା ପ୍ରଦର୍ଶନ ହୋଇଥିଲା। ପରେ କ୍ରୀଡ଼ା ପତାକା ଅବତରଣ ଓ ଉଦଯାପନୀ ସମାରୋହ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଂଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟ ଅତିଥି ସମାରୀ ଟାଙ୍ଗୁଲ ଅଧ୍ୟକ୍ଷା ଜିଲ୍ଲା ପରିଷଦ, ବରେଣ୍ୟ ଅତିଥି ସୋମେଶ କୁମାର ଉପାଧ୍ୟାୟ ଜିଲ୍ଲାପାଳ, ଜ୍ୟୋତି ପ୍ରକାଶ ପରିଡ଼ା ସହକାରୀ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା, ମଞ୍ଜୁଲତା ଭୋଇ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମାଲକାନଗିରି, ଭାଗୀରଥି ବେହେରା ଅତିରିକ୍ତ ଶିକ୍ଷା ଅଧିକାରୀ ମାଲକାନଗିରି, ଅସିତ୍ ମିସ୍ତ୍ରୀ ବ୍ଲକ ଶିକ୍ଷାଧିକାରୀ କୋରୁକୋଣ୍ଡା, ସୁମିତ ବିଶ୍ୱାସ ବ୍ଲକ ଶିକ୍ଷାଧିକାରୀ ମାଥିଲି, ମମତା ସୟ ବ୍ଲକ ଶିକ୍ଷାଧିକାରୀ ମାଲକାନଗିରି ଓ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଏହି ଯୋଗାସନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଭାଗୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ କିପରି ରାଜ୍ୟ ନୁହେଁ ଦେଶର ନାମ ଉଚ୍ଚା କରିହେବ ସେଥି ପ୍ରତି ଯତ୍ନବାନ ରହିବାକୁ ପରାମର୍ଶ ଦେଇଥିଲେ, ଅହରହ ପ୍ରୟାସ ଜାରି ରଖିଲେ ଶ୍ରମ ନିଶ୍ଚିତ ସାକାର ହୋଇ ପାରିବ ବୋଲି ମୁଖ୍ୟଅତିଥି ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ପ୍ରକାଶ କରିଥିଲେ। ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଭାଗୀରଥି ବେହେରା ଅତିଥି ପରିଚ୍ୟ ପ୍ରଦାନ କରିଥିଲେ। ଅତିଥି ପରିଚୟ ପରେ ଅତିଥି ମାନଙ୍କଦ୍ୱାରା ଜଗତର ନାଥ ପ୍ରଭୂ ଜଗନ୍ନାଥଙ୍କ ପାଖରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରା ଯାଇଥିଲା ! ପରେ ରାଜ୍ୟରୁ ଆସିଥିବା ପ୍ରତିଭାଗୀଙ୍କ ଦ୍ୱାରା ଜିଲ୍ଲା ୱାରୀ ମାର୍ଚ୍ଚପାଷ୍ଟ ହୋଇଥିଲା। ମୁଖ୍ୟଅତିଥି ଜିଲ୍ଲାପାଳଙ୍କ ଦ୍ୱାରା କ୍ରୀଡ଼ା ମଶାଲ ନିର୍ବାପିତ ପରେ ବିଭିନ୍ନ ବର୍ଗର ବିଜେତା ମାନଙ୍କୁ ଟ୍ରଫି ବିତରଣ କରାଯାଇଥିଲା। ପରେ ଜିଲ୍ଲାର ସ୍ଥାନୀୟ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାର ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରଦର୍ଶନ କରା ଯାଇଥିଲା। ମଧ୍ୟାହ୍ନ ଭୋଜନ ପରେ ରାଜ୍ୟରୁ ଆସିଥିବା ସମସ୍ତ ଜିଲ୍ଲା ପ୍ରତିଭାଗୀ, ଗାଇଡ଼ ଶିକ୍ଷକ, ରାଜ୍ୟ ଅଫିସିଆଲ୍ ଟିମ, ଜିଲ୍ଲା ଅଫିସିଆଲ୍ ଟିମକୁ କାର୍ଯ୍ୟକ୍ରମ ର ସଫଳତା ପାଇଁ ଜିଲ୍ଲାପାଳ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ର ସଫଳ ରୂପାୟନ ପାଇଁ, ସହଯୋଗ ପାଇଁ ଜିଲ୍ଲାର ନିୟୋଜିତ ସମସ୍ତ ଶିକ୍ଷକ ତଥା ଜଗନ୍ନାଥପାଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏ ଇଶ୍ୱର ରାଓ ଓ ଶିକ୍ଷା କର୍ମଚାରୀଙ୍କୁ ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ମଞ୍ଜୁଲତା ଭୋଇ ଧନ୍ୟବାଦ ଜଣାଇଥିଲ।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୩୦।୧୧।୨୦୨୫ ■ ରବିବାର

# ହିନ୍ଦୀରେ ଶପଥ

ଦେଶର ୫୩ତମ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ହିନ୍ଦୀରେ ଶପଥ ନେବାରେ ଗଭୀର ନିହିତାର୍ଥ ରହିଛି । ସ୍ୱାଧୀନତା ପରେ ଏ ଭାଷା ସପକ୍ଷରେ ଓ ବିରୋଧରେ ଅନେକ ଆନ୍ଦୋଳନ ହୋଇଆସିଛି ଓ ହିନ୍ଦୀ ନିଜସ୍ୱ ଭାଷାଭାଷୀଙ୍କ ଦ୍ୱାରା, ସାହିତ୍ୟ, ସିନେମା ଓ ସଙ୍ଗୀତ ଜରିଆରେ ଦେଶର କୋଣଅନୁକୋଣରେ କେବଳ ପହଞ୍ଚିଛି ତା' ନୁହେଁ, ବରଂ ଏବେ ତାହା ସେ ରାଜ୍ୟବାସୀଙ୍କ ବୁଝିବାଯୋଗ୍ୟ ହୋଇଗଲାଣି, ଯେଉଁଠି ଏହାକୁ ବିରୋଧ କରି ରାଜନୀତି ସବୁଠାରୁ ଅଧିକ ହୋଇଥିଲା କିନ୍ତୁ ଏକ କୋଣ ଏପରି ରହିଆସିଛି, ଯେଉଁଠି ହିନ୍ଦୀ ପହଞ୍ଚି ପାରିନଥିଲା । ଦେଶର ଉଚ୍ଚନ୍ୟାୟପାଳିକାରେ ହିନ୍ଦୀର ପ୍ରୟୋଗ ବର୍ଜିତ ରହିଆସିଛି । ବହୁତ ବର୍ଷ ତଳର କଥା ନୁହେଁ, ଯେବେ ଗୁଜରାଟ ହାଇକୋର୍ଟ ଅବମାନନାର ଏକ ମକଦ୍ଦମାର ଶୁଣାଣି କଲାବେଳେ ଆରୋପୀ ସାମ୍ବାଦିକଙ୍କୁ ମୌଖିକ ଭାବେ କେବଳ ଇଂରାଜୀରେ ନିଜସ୍ୱ କଥା ରଖିବା ପାଇଁ କହିଥିଲେ, ଯଦିଓ ତାଙ୍କୁ ସାମାନ୍ୟ ସୁବିଧା ଦିଆଯାଇଥିଲା ଯେ ସେ ଗୁଜରାଟୀ ଭାଷାରେ ଲିଖିତ ଭାବେ ନିଜର ପକ୍ଷ ରଖିପାରିବେ । ସୂଚନାଯୋଗ୍ୟ ଯେ, ସମ୍ବିଧାନର ଅନୁଚ୍ଛେଦ ୩୪୮ (୧) (ଅ) ଅନୁଯାୟୀ ବ୍ୟବସ୍ଥା ରହିଛି ଯେ ଯେପର୍ଯ୍ୟନ୍ତ ସଂସଦ ନୂଆ ଆଇନ ପ୍ରଣୟନ କରିନାହିଁ, ସେଯାଏ ସୁପ୍ରିମକୋର୍ଟ ଓ ହାଇକୋର୍ଟମାନଙ୍କର ସବୁ କାର୍ଯ୍ୟ ଇଂରାଜୀରେ ହେବ ।

ଅବଶ୍ୟ, ଅନୁଚ୍ଛେଦ ୩୪୮ (୨)ରେ ଏ ବ୍ୟବସ୍ଥା ମଧ୍ୟ ରହିଛି ଯେ କୌଣସି ରାଜ୍ୟର ରାଜ୍ୟପାଳ, ରାଷ୍ଟ୍ରପତିଙ୍କ ପୂର୍ବ ସହମତି କ୍ରମେ ହାଇକୋର୍ଟଙ୍କ କାର୍ଯ୍ୟପ୍ରଣାଳୀରେ ହିନ୍ଦୀ ବା କୌଣସି ଅନ୍ୟ ସ୍ୱୀକୃତ ଭାଷାର ବ୍ୟବହାର ଲାଗି ଅନୁମତି ପ୍ରଦାନ କରିପାରନ୍ତି । ଉତ୍ତରପ୍ରଦେଶ, ବିହାର, ମଧ୍ୟପ୍ରଦେଶ ଓ ରାଜସ୍ଥାନ ନିଜ ନିଜର ହାଇକୋର୍ଟମାନଙ୍କରେ ହିନ୍ଦୀର ଉପଯୋଗ କରିବାକୁ ଅନୁମତି ଦେଇସାରିଛନ୍ତି, କିନ୍ତୁ ଅଧିକାଂଶ ରାଜ୍ୟରେ ହିନ୍ଦୀକୁ ଏଯାଏ ସେତେ ଗୁରୁତ୍ୱ ଦିଆଯାଇ ନାହିଁ । ଏହା ପଛରେ କାରଣ ରହିଛି ରାଜନୀତି । ଭାଷାଗତ ଅସ୍ଥିରତା ଆଳରେ ରାଜନୈତିକ ଖେଳରେ କ୍ଷମତା ଦୌଡ଼କୁ ବଞ୍ଚାଇ ରଖାଯାଇଛି । ଅ-ହିନ୍ଦୀଭାଷଣ କ୍ଷେତ୍ରର ନେତାମାନଙ୍କ ଗତିବିଧିକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ସେମାନେ ସବୁ ରାଷ୍ଟ୍ରୀୟ ପ୍ରସଙ୍ଗ ହିନ୍ଦୀରେ କହୁଛନ୍ତି କାରଣ ନିଜ ବିଚାର ସପକ୍ଷରେ ବ୍ୟାପକ ଜନମତ ଦରକାର । ଏଇ ରାଜନୀତିକ ଟକରାଳ ଓ ଟଣାଟଣି ରାଷ୍ଟ୍ରୀୟ ସ୍ତରରେ ଗୋଟାକ ପରେ ଗୋଟିଏ କେନ୍ଦ୍ର ସରକାରକୁ ହତୋତ୍ସାହିତ କରିଛି ଓ ଆଇନରେ ସଂଶୋଧନ କରି ହିନ୍ଦୀକୁ ଉଚିତ ସ୍ଥାନ ପ୍ରଦାନ କରାଯାଇ ପାରିନାହିଁ ।

ଦେଶରେ ପ୍ରାୟ ୫୨ କୋଟିରୁ ଅଧିକ ଲୋକ ହିନ୍ଦୀ ଭାଷା କହୁଛନ୍ତି ଓ ତାହାକୁ ବୁଝୁଥିବା ଲୋକସଂଖ୍ୟାର ୮୫ ପ୍ରତିଶତରୁ ଅଧିକ । ତେଣୁ ଉଚ୍ଚନ୍ୟାୟପାଳିକାରେ ମଧ୍ୟ ପରିବର୍ତ୍ତନ ପରିଦୃଶ୍ୟ ହେବା ଦରକାର । ସୁଖଦ ବିଷୟ ହେଉଛି ଦେଶର ଶୀର୍ଷ ଅଦାଲତ ଏ ଦିଗକୁ ବୁଝିଛନ୍ତି । ସେ କାରଣରୁ ୨୦୨୩ ନଭେମ୍ବରରେ ନିଜ ହିନ୍ଦୀ ୱେବ୍ସାଇଟ୍ ଆରମ୍ଭ କରି ସେ ଦିଗରେ ପଦକ୍ଷେପ ଗ୍ରହଣ କଲେ । ଯେଉଁ ଗତିରେ ଏ.ଆଇର ପରିଷ୍କୃତ ରୂପ ସାମନାକୁ ଆସୁଛି ଓ ଗୋଟିଏ ଭାଷା, ଅନ୍ୟ ଭାଷାକୁ ସହଜ -ସମ୍ଭବ ଢଙ୍ଗରେ ଅନୁବାଦ ହେବାରେ ଲାଗିଛି, ତାହା ଫଳରେ ଭାଷାଗତ ଦୁରାଗ୍ରହ ଲାଗି ଲୋକଙ୍କୁ ମତେଇବା ପାଇଁ ଆଉ ସେତେ ସୁଯୋଗ ମିଳିବ ନାହିଁ । ପ୍ରଧାନ ବିଚାରପତିଙ୍କର ହିନ୍ଦୀରେ ଶପଥ ଗ୍ରହଣ ପ୍ରତୀକ ସଦୃଶ ହୋଇଯାଇଛି ଯେ ଶୀର୍ଷ ନ୍ୟାୟପାଳିକାରେ ଏଥିପ୍ରତି ସକାରାତ୍ମକ ବିଚାର ରହିଛି । ଯେଉଁ ଭାଷା ଦେଶର ସ୍ୱାଧୀନତା ସଂଗ୍ରାମ କାଳର ଭାଷା ଥିଲା, ଯେଉଁ ଭାଷା ସବୁ ଭାଷାମାନଙ୍କରୁ ଶବ୍ଦ ସବୁକୁ ସ୍ୱୀକାର କରିନେଉଛି, ଯାହାର ଗୁରୁତ୍ୱ ସମ୍ବିଧାନ ଓ ସଂସଦ ସ୍ୱୀକାର କରିଛି, ତାହାକୁ ଯଦି ଅମୃତକାଳରେ ମଧ୍ୟ ପ୍ରତୀକମାନଙ୍କରେ ନିଜର ପ୍ରାସଙ୍ଗିକତା ଖୋଜିବାରେ ଲାଗିବା, ତେବେ ଏକ ରାଷ୍ଟ୍ର ଭାବେ ଚିନ୍ତା କରିବାକୁ ହେବ ।

ପ୍ରଧାନ ବିଚାରପତିଙ୍କର ଭାଷା ପ୍ରାସଙ୍ଗିକତାର ଏକ ବାର୍ତ୍ତା ହେଉଛି ହିନ୍ଦୀକୁ ଖୋଲା ହୃଦୟରେ ସ୍ୱୀକାର କରିବା ଓ ତାହାକୁ ରାଷ୍ଟ୍ରୀୟ ସ୍ତରରେ ନ୍ୟାୟର ଭାଷା କରିବାର ସମୟ ଆସିଯାଇଛି । ❑❑

# ଗୀତା ଓ ମହାଭାରତ

ଶ୍ରୀମଦ୍ ଭାଗବତ ଗୀତା ହେଉଛି ମହାଭାରତର ଅଂଶ। ଶ୍ରୀ ବ୍ୟାସଦେବ ହେଉଛନ୍ତି ଏହାର ସଙ୍କଳନ କର୍ତ୍ତା। ଶ୍ରୀକୃଷ୍ଣ ନିଜ ଉପଦେଶର ଅଧିକାଂଶ ଶ୍ଳୋକରେ ହିଁ କହିଥିଲେ ବ୍ୟାସଦେବ ତାହା ଅବିକଳ ଲିପିବଦ୍ଧ କରିଛନ୍ତି। ଯେଉଁ ଅଂଶ ସେ ଗଦ୍ୟରେ କହିଥିଲେ, ତାହା ବ୍ୟାସଦେବ ନିଜେ ଶ୍ଳୋକବଦ୍ଧ କହିଦେଇଛନ୍ତି, ତା'ସଙ୍ଗେ ସଙ୍ଗେ ସେ ଅର୍ଜୁନ, ସଞ୍ଜୟ ଏବଂ ଧୃତରାଷ୍ଟ୍ରଙ୍କ ବଚନକୁ ମଧ୍ୟ ନିଜ ଭାଷାରେ ଶ୍ଳୋକବଦ୍ଧ କରିଛନ୍ତି। ଗୀତା ଏକ ପୁଣ୍ୟ ଗ୍ରନ୍ଥ, ଯାହା ଘରେ ଘରେ ପରିଚିତ। ଏହାକୁ ପୂଜା କରିବାର ବିଧି ମଧ୍ୟ ରହିଛି।

ଭଗବାନ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧଭୂମିରେ ଏହି ଗୀତା ଶିକ୍ଷା ଅର୍ଜୁନଙ୍କୁ ଶୁଣାଇଛନ୍ତି। ଗୀତାରେ ପ୍ରକୃତ ଶ୍ରୀକୃଷ୍ଣ କଥିତ ଶ୍ଳୋକ ସଂଖ୍ୟା ୬୨୦, ଅର୍ଜୁନ କଥିତ ଶ୍ଳୋକ ସଂଖ୍ୟା ୫୭, ସଞ୍ଜୟ କଥିତ ଶ୍ଳୋକ ସଂଖ୍ୟା ୬୭ ଏବଂ ଧୃତରାଷ୍ଟ୍ରଙ୍କ ଦ୍ୱାରା ଗୋଟିଏ ଶ୍ଳୋକ କଥିତ। ଏହି ୭୪୫ ଶ୍ଳୋକରେ ସଂପୂର୍ଣ୍ଣ ହୋଇଥିବା ଗୀତା ଗ୍ରନ୍ଥକୁ ଅଠର ଅଧ୍ୟାୟରେ ବିଭକ୍ତ କରି ମହାଭାରତର ଅଂଶ ଭାବେ ଯୋଗ କରିଛନ୍ତି। ଗୀତାର ୧୮ଟି ଅଧ୍ୟାୟ ହେଉଛି ୧୮ଟି ଯୋଗ । ହେ ଅର୍ଜୁନ। କେବଳ କର୍ମ ଉପରେ ତୁମର ଅଧିକାର ରହିଛି, ଫଳ ଉପରେ ନୁହେଁ। ଏଣୁ ଫଳର ଆଶା ନକରି କର୍ମ କର। କର୍ମ ନକରିବା ଲାଗି ମଧ୍ୟ ତୁମ ମନରେ ଆସକ୍ତି ଉତ୍ପନ୍ନ ନହେଉ। ବିଷୟର ଚିନ୍ତନ କରିବା ଦ୍ୱାରା ମନୁଷ୍ୟ ମନରେ ବସ୍ତୁବାଦୀ ଦୁନିଆ ପ୍ରତି ଆସକ୍ତି ଉତ୍ପନ୍ନ ହୋଇଥାଏ। ଯାହା କାମନାକୁ ଜନ୍ମ ଦେଇଥାଏ। ଏଥିରୁ କ୍ରୋଧ ଉତ୍ପନ୍ନ ହୋଇଥାଏ। କ୍ରୋଧରୁ ମୋହ ଏବଂ ମୋହ ସ୍ମୃତିଶକ୍ତିକୁ ଭ୍ରମିତ କରିଥାଏ। ସ୍ମୃତି ଲୋପ ପାଇଗଲେ ଉଚିତ-ଅନୁଚିତ୍ ବିଚାର କରୁଥିବା ବୁଦ୍ଧି ନଷ୍ଟ ହୋଇଯାଇଥାଏ। ବୁଦ୍ଧି ନଷ୍ଟ ହୋଇଗଲେ ସ୍ୱୟଂ ମନୁଷ୍ୟ ନଷ୍ଟ ହୋଇଯାଇଥାଏ। ଯେଉଁ ମୂଢ଼ବୁଦ୍ଧି ଇନ୍ଦ୍ରିୟକୁ ହଟପୂର୍ବକ ନିୟନ୍ତ୍ରଣ କରି ମନରେ ତାର ଚିନ୍ତନ କରିଥାଏ, ସେ ମିଥ୍ୟାଚାରୀ ହୋଇଥାଏ। କିନ୍ତୁ ଯିଏ ଇନ୍ଦ୍ରିୟକୁ ମନ ଦ୍ୱାରା ସଂଯମ କରିଥାଏ ସେ ନିରାସକ୍ତ ହୋଇଥାଏ। ଏହା ହିଁ କର୍ମଯୋଗର ଶ୍ରେଷ୍ଠ ଆଚରଣ। ଯିଏ ଦ୍ୱେଷ ଭାବରୁ ମୁକ୍ତ ହୋଇଥାଏ, ନିସ୍ୱାର୍ଥୀ ହୋଇଥାଏ, ସମସ୍ତଙ୍କୁ ପ୍ରେମ କରିଥାଏ ଏବଂ ଦୟାଳୁ ତଥା ମମତାମୟ ହୋଇଥାଏ, ଅହଂକାର ମୁକ୍ତ ହୋଇଥାଏ, ସୁଖ-ଦୁଃଖରେ ସମାନ ଅନୁଭବ କରିଥାଏ ଏବଂ କ୍ଷମାଶୀଳ ହୋଇଥାଏ। ନିରନ୍ତର ସନ୍ତୁଷ୍ଟ ରହିଥାଏ। ମନ ଏବଂ ଶରୀରକୁ ନିଜ ନିୟନ୍ତ୍ରଣରେ ରଖି ଦୃଢ଼ ସଂକଳ୍ପବଦ୍ଧ ହୋଇଥାଏ, ସେଭଳି ଭକ୍ତ ମୋର ଅତିପ୍ରିୟ। ମନରେ ପ୍ରସନ୍ନତା, ଶାନ୍ତ ଭାବ, ଭଗବାନ ଚିନ୍ତନର ସ୍ୱଭାବ, ମନର ନିଗ୍ରହ ଏବଂ ଅନ୍ତଃକରଣ ଭାବନାର ପବିତ୍ରତାକୁ ମନ ସମ୍ବନ୍ଧୀୟ ତପ କୁହାଯାଏ।

ଡ଼ଃ.ଅରୁନ୍ଧତୀ ଦେବୀ

କଟକ

# ଅହିଂସା ରାସ୍ତାରେ ଆମେ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ହିଂସା ବିରୁଦ୍ଧରେ ସମର୍ପିତ ଚିନ୍ତନର ଦିବସ ପାଳନର ଅବସର ଆସିଛି । ଆଜି ସମଗ୍ର ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଉଦ୍‌ବେଗଜନକ ଭାବେ ହିଂସାତ୍ମକ ଘଟଣା ଛାତି ଥରାଇ ଦେଉଥିବାବେଳେ ଏହା ବିରୁଦ୍ଧରେ ସଚେତନତାତ୍ମକ ଭାବରେ ବିଭିନ୍ନ ଅନୁଷ୍ଠିତ କାର୍ଯ୍ୟକ୍ରମ କିଛିକାଂଶରେ ହିଂସାର ଦାବାନାଳକୁ ପ୍ରଶମିତ କରୁଥିଲେ ବି ବାସ୍ତବରେ ସବୁଠି ଆଜି ଅହିଂସାର ଚିନ୍ତା ଚେତନାର ମୂଲ୍ୟବୋଧ ସତେଯେପରି ବିରାଟ ପ୍ରଶ୍ନବାଚୀ ? ଆମ ଭାରତ ମାଟିରେ ପଡ଼ୋଶୀ ରାଷ୍ଟ୍ରର କିଛି ଅସାମାଜିକ ତତ୍ତ୍ୱଙ୍କ ପ୍ରୋତ୍ସାହନରେ ବିଭିନ୍ନ ସ୍ଥାନରେ ହିଂସାତ୍ମକ ଘଟଣା ବ୍ୟଥିତ କରୁଛି ।

ଦିନକୁ ଦିନ ଯୁବପିଢ଼ି ଏହାର ଶିକାର ହୋଇଯାଉଛନ୍ତି । ବିଭିନ୍ନ ଫୋରମ୍‌ରେ ହିଂସା ବିରୋଧୀ ସଚେତନଧର୍ମୀ କାର୍ଯ୍ୟକ୍ରମ ସମାଜରେ ଶାନ୍ତିର ସହାବସ୍ଥାନ ପରିବେଶ ବି ସୃଷ୍ଟି କରୁଛି । ଉଦାହରଣ ଭାବରେ ପଞ୍ଜାବକୁ ନିଆଯାଇପାରେ । ଦିନ ଥିଲା ପ୍ରତିଦିନ ଏହି ରାଜ୍ୟରେ ହିଂସାତ୍ମକ ଘଟଣା ଘଟିଚାଲିଥିଲା, କିନ୍ତୁ ଆଜି ସେଠି ବେଶ୍ ଶାନ୍ତିପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇପାରିଛି । ସେ ରାଜ୍ୟର ପ୍ରତିଟି ଅଧିବାସୀ ଅହିଂସାର ଅସ୍ତ୍ର ଧରି ନିଜ ରାଜ୍ୟରୁ ହିଂସାର ବାତାବରଣକୁ ହଟାଇଦେବାକୁ ସକ୍ଷମ ହୋଇଥିଲେ । ସରକାର ଓ ପ୍ରଶାସନ ଏହାପାଇଁ ଆନ୍ତରିକ ସ୍ତରରେ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ତାହାର ସୁଫଳ ଆଜି ଶାନ୍ତିର ପଞ୍ଜାବ । ଭାରତରେ ଉଦ୍‌ବେଗଜନକ ଭାବରେ ହିଂସାତ୍ମକ ଘଟଣା ଘଟୁଛି । ଯୁବପିଢ଼ୀ ମିଛ ପ୍ରହେଳିକାର ଶିକାର ହୋଇ ହିଂସାତ୍ମକ ମୁଖିଆଙ୍କ ଚକ୍ରବ୍ୟୂହରେ ଫସି ଯାଉଛନ୍ତି । ବେକାରୀ ସମସ୍ୟା କେତେକ କ୍ଷେତ୍ରରେ ଏହାର କାରଣ ଭାବରେ ଗଣାଯାଏ । ତଥାପି ଖୁସିର କଥା ଆଜିକାଲି ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବିଦ୍ୟାଳୟରେ ପିଲାମାନଙ୍କ ଭିତରେ ହିଂସାବିରୋଧୀ ଦିବସ କେତେକ ସ୍ଥାନରେ ପାଳିତ ହେଉଛି । ସମାଜରୁ ହିଂସାର ଚେରକୁ ମୂଳୋତ୍ପାଟନ କରି ଅହିଂସାର ପରିବେଶ ଓ ଅହିଂସାର କ୍ଷେତ୍ର ପ୍ରତିଷ୍ଠା ପାଇଁ ଯୁବପିଢ଼ୀ ଶପଥ ନେଇଥାନ୍ତି ।

ଗୋଟିଏ ବିକଶିତ ଦେଶର ପ୍ରଗତିରେ ଅର୍ଥନୀତିର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଦେଶରେ ହିଂସାର ବାତାବରଣ ସୃଷ୍ଟି ହେଲେ ଶିଳ୍ପ ସଂସ୍ଥା ସମ୍ଭବ ହୋଇନଥାଏ । ବେରୋଜକାରୀ ଦିନକୁ ଦିନ ବଢ଼ି ଚାଲୁଥିବାବେଳେ ଶିକ୍ଷିତ ବେକାରୀମାନେ ଜୀବନ ହାରି ଦେଉଥିବା ପରି ହୃଦୟ ବିଦାରକ ଘଟଣା ସମାଜର ସବୁ ସ୍ତରର ବ୍ୟକ୍ତିତ୍ୱଙ୍କୁ ବ୍ୟଥିତ କରିଥାଏ । ଦେଶର ପ୍ରଗତିରେ ଅର୍ଥନୀତି ସହିତ ଆଗାମୀ ଭବିଷ୍ୟତ କୁହାଯାଉଥିବା ଯୁବପିଢ଼ୀଙ୍କ ସମ୍ପର୍କ ବି ରହିଛି । ବର୍ତ୍ତମାନ ସୂଚନା ପ୍ରଯୁକ୍ତିର କ୍ଷେତ୍ର ପ୍ରାୟତଃ ଯୁବବର୍ଗଙ୍କ ଭିତରେ ନୂଆ ନୂଆ ଚ୍ୟାଲେଞ୍ଜ ଭିତ୍ତିକ କର୍ମସଂସ୍ଥାନ ସୃଷ୍ଟି କରିଛନ୍ତି । ଯେଉଁଥିରେ ଯୁବପିଢ଼ୀ ହିଁ ସଂସ୍ଥାନର ପ୍ରଗତିକୁ ତ୍ୱରାନ୍ୱିତ କରିଥାନ୍ତି । ଗୋଟିଏ ଅଶାନ୍ତ ରାଷ୍ଟ୍ରରେ ପୋଲିସ ପ୍ରଶାସନ ଠାରୁ ସେନାବାହିନୀ ପରି ସଶସ୍ତ୍ର ବାହିନୀ ଅଧିକ ଦିନ କର୍ମବ୍ୟସ୍ତ ରହିଲେ ସରକାରଙ୍କ ରାଜକୋଷରୁ ହିଁ ଖର୍ଚ୍ଚ ହୋଇଥାଏ ଯାହାକି ଆମ ସମସ୍ତଙ୍କ ବିଭିନ୍ନ ଟିକସ୍‌ରୁ ହିଁ ପୈଠ ହୋଇଥାଏ । ବୌଦ୍ଧ ବିମଣ୍ଡିତ ଉଦୟଗିରି କ୍ଷେତ୍ର ପୁଣ୍ୟପାବନ ଧାମରେ ଅହିଂସାର ମୂର୍ତ୍ତିମନ୍ତ ସ୍ୱରୂପ ଭଗବାନ ବୁଦ୍ଧଙ୍କ ଆତ୍ମିକ ଭାବନାର ପବିତ୍ର ସ୍ମୃତି ଜଡ଼ିତ। ସମାଜର ବିଭିନ୍ନ ସ୍ତରରୁ ଆଜି ହିଂସା ବିରୁଦ୍ଧରେ ସ୍ୱର ଉତ୍ତୋଳନ ହେଉଛି ଆଉ ନିଶ୍ଚିତ ଭାବରେ ପ୍ରେରଣା ଓ ଜାଗରଣ ସୃଷ୍ଟି କରିବ ହିଂସା ରାକ୍ଷସ ବିରୁଦ୍ଧରେ ଲଢ଼ିବାକୁ ।

ନିକଟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଯେଉଁପରି ଭୟାନକ ନିର୍ଯ୍ୟାତନା ମାମଲାର ପ୍ରସଙ୍ଗ ଉଠିଛି ସେଠି ନିର୍ଯ୍ୟାତିତାଙ୍କ କରୁଣ କାହାଣୀ ଅତ୍ୟନ୍ତ ଛାତିଥରା । ଆଜି ସବୁଠି ସବୁକ୍ଷେତ୍ରରେ ଆଉ ସମସ୍ତଙ୍କ ଭିତରେ ହିଂସା ବିରୁଦ୍ଧରେ ସଂଗ୍ରାମ ପାଇଁ ପ୍ରତିଟି ମୁହୂର୍ତ୍ତକୁ ସମର୍ପିତ କରିବାର ଶପଥର ଦିବସ ଭାବେ ପାଳନ ହେଉ । ହିଂସା ବିରୁଦ୍ଧରେ ଜାଗରଣ ନିଶ୍ଚିନ୍ତ ଭାବରେ ଦିନେ ନା ଦିନେ ହିଂସାକୁ ଦୂରେଇବା ପାଇଁ ସମର୍ଥ ହେବ । ଅହିଂସାର ପୂଜାରୀ ଭଗବାନ ବୁଦ୍ଧଙ୍କ ଠାରୁ ଜାତିର ଜନକ ମହାତ୍ମା ଗାନ୍ଧୀ ଆଉ ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଦର୍ଶ, ଦର୍ଶନ, ଚିନ୍ତନ ସାର୍ଥକ ହୋଇପାରନ୍ତା ଯଦି ଆଜି ଆମେ ସମସ୍ତେ ଏହା ବିରୁଦ୍ଧରେ ପ୍ରତି ମୁହୂର୍ତ୍ତରେ ଲଢ଼ିବାପାଇଁ ନିଜକୁ ଆତ୍ମସଚେତନ କରିପାରନ୍ତେ ।

ଯୁଗାବତାର ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣରେ କହିଲେ - ପ୍ରେମକୁ ପ୍ରାର୍ଥନା କର ଆଉ ହିଂସାକୁ ଦୂରରୁ ପରିହାର କର। ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର କହିଲେ ହିଂସା ଜୀବନର ସ୍ଥିତି ଓ ପ୍ରଗତି ପଥରେ ପ୍ରତିବନ୍ଧକ ସୃଷ୍ଟି କରେ। ଏହି ପ୍ରତିବନ୍ଧକ ବିରୁଦ୍ଧରେ ପ୍ରତିବନ୍ଧକ ରଚନା କରିବା ହିଁ ଅହିଂସାର କର୍ମ। ଅଧର୍ମର ପ୍ରତିବିଧାନ ନ କରିଲେ ଧାର୍ମିକ ହୋଇପାରିବ ନାହିଁ। ଅପ୍ରେମକୁ ନିରସ୍ତ ନ କରିଲେ ପ୍ରେମିକ ହୋଇପାରିବ ନାହିଁ। ଯେଉଁମାନେ ସ୍ୱଚ୍ଛାକୃତ ଭାବରେ କ୍ରମାଗତ ଅନ୍ୟାୟ କରନ୍ତି ସେମାନେ ଶୟତାନ ଦ୍ୱାରା ଅଭିଭୂତ, ଯେଉଁମାନେ ତାଙ୍କୁ ସମର୍ଥନ କରନ୍ତି ସେମାନେ ହେଲେ ଅନ୍ୟାୟ ପୋଷଣଦାତା ଓ ଶୟିତାନର ପାଳକ ପିତା। ଆଉ ଯେଉଁମାନେ ନିରପେକ୍ଷ ସେମାନେ ଅନ୍ୟାୟର ବୀଜ ବା ଉଦ୍‌ଭିନ୍ନକାରୀ ମାଧ୍ୟମ ବିଶେଷ। ସକ୍ରିୟ ଭାବରେ ଅସତ୍ ନିରୋଧୀ ନହେଲେ ନିଜର ଅଧୋଗତି ହୁଏ। ଚରିତ୍ରରେ କଳାରଙ୍ଗ ଲାଗେ। ସତ୍ତାପୋଷଣୀ ଚଳନ ଓ ଅସତ୍ ନିରୋଧୀ ପରାକ୍ରମ ଏହି ଦ୍ୱିମୁଖୀ ଅଭିଯାନ ଅବ୍ୟାହତ ରଖିଲେ ହିଁ ନିଜେ ତଥା ସମାଜ ଏବଂ ଦେଶ ଅକ୍ଷତ ରହିପାରେ ଓ ଏହି କଳୁଷିତ ସମାଜର କାଳିମାକୁ ଅପନୋଦନ କରିହୁଏ।

ଅହିଂସାର ସଙ୍ଗେ ଜଡ଼ିତ ଅଛି ହିଂସାକୁ ହିଂସା କରିବା। ହିଂସା ଓ ସନ୍ତ୍ରାସବାଦକୁ ଅବ୍ୟାହତ ଓ ଅକ୍ଷୁର୍ଣ୍ଣ ରଖି ଅହିଂସାର ପ୍ରତିଷ୍ଠା ହେବନାହିଁ। ହିଂସା ପ୍ରତି ଅହିଂସା ହେବା ମାନେ ହିଂସାକୁ ପ୍ରଶ୍ରୟ ଦେଇ ପୁଷ୍ଟକରି ଉଠାଇବା। ଆସନ୍ତୁ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେଉ ଓ ତତ୍‌ସହିତ ଏକ ସମ୍ପ୍ରଦାୟ, ନିରପେକ୍ଷ ରାଷ୍ଟ୍ର ହିସାବରେ ଗଢ଼ିତୋଳିବା ନିମିତ୍ତ ଆମେ ସମସ୍ତେ ଅହିଂସାର ପଥରେ ଆଗେଇ ଆସିବା ଉଚିତ ଓ ଜାତିର ପିତା ମହାତ୍ମାଗାନ୍ଧୀ ଓ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ୱପ୍ନକୁ ସାକାର କରିବା।

କଟକ

ମୋ:୯୪୩୭୦୫୧୯୫୭

# ସୁସ୍ଥତାର ମନ୍ତ୍ର

ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ବର୍ତ୍ତମାନ ଥଣ୍ଡା ଟିକିଏ ବଢ଼ିଛି। କେତେକଙ୍କ କ୍ଷେତ୍ରରେ ତଣ୍ଟି ପାଖରେ ଟିକେ ଦରଜ ହେଉଥାଏ। ମୁଣ୍ଡ ଭରା ଭରା ଲାଗେ। ନା ଜ୍ୱର ନାହିଁ। କାଶ ବି ହେଉନି। କ'ଣ କରୋନା ହୋଇଗଲା କି ? ଏହି ଭୟ ଏବେ ବି ଅନେକଙ୍କ ଭିତରେ। ଭୟାବହ କରୋନାକୁ ମନେ ପକାଇ ଅନେକଙ୍କ ଭିତରେ ଏକ ପ୍ରକାର ଅହେତୁକ ଭୟ ଓ ନାନା ଆଶଙ୍କା ସବୁ ଘୁରି ବୁଲୁଛି। ବାସ୍ତବ ଯଦିଓ ତାହା ନୁହେଁ। କିନ୍ତୁ ଏହି ଭୟ କାରଣରୁ ଅନେକ ଲୋକ ମାନସିକ ଭାବେ ଅସୁସ୍ଥ ହୋଇପଡୁଛନ୍ତି। ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିଗଲେ ଏହା ଶରୀର ପ୍ରତି ମଧ୍ୟ ନକାରାତ୍ମକ ପ୍ରଭାବ ପକାଇବ। ସବୁବେଳେ ଚାପରେ ରହିଲେ ରୋଗ ପ୍ରତିରୋଧକ ଶକ୍ତି କମିଯାଏ ବୋଲି ମଧ୍ୟ ଚିକିତ୍ସା ବିଜ୍ଞାନରେ ଉଲ୍ଲେଖ ରହିଛି। ତେଣୁ ଏଭଳି ପରିସ୍ଥିତିରେ ଆମ ସମସ୍ତଙ୍କୁ ଭୟ ଓ ଚାପମୁକ୍ତ ରହିବାକୁ ହେବ। ଭୟ ଓ ଚାପମୁକ୍ତ ରହିବା ପାଇଁ କହିଦେଲେ ଯେ ଜଣେ ସବୁ ପ୍ରକାର ଭୟ ଓ ଚାପରୁ ନିଜକୁ ମୁକ୍ତ କରିପାରିବ ସେ କଥା ବି ନୁହେଁ। ଚାପମୁକ୍ତ ରହିବା ଏକ ପ୍ରକାର କଳା। ଏହି କଳା ଆମକୁ ଆଜିଠୁ, ଏବେଠୁ ଶିଖିବାକୁ ହେବ। କରୋନା ନ ହୋଇ ମଧ୍ୟ କାଳେ ସଂକ୍ରମିତ ହୋଇଥିବାର ଭୟରୁ ଆମକୁ ଦୂରେଇ ରହିବାକୁ ହେବ।

ଭୂତାଣୁ ଆକ୍ରମଣୁ ବଞ୍ଚିବାକୁ ହେଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ନିହାତି ଆବଶ୍ୟକ। କିନ୍ତୁ ଆମ ଜୀବନଯାପନର ନାନା ସମସ୍ୟା କାରଣରୁ କ୍ରମଶଃ କମିବାରେ ଲାଗିଛି ମଣିଷର ରୋଗ ପ୍ରତିରୋଧକ କ୍ଷମତା। ରୋଗ ପ୍ରତିରୋଧକ ଶକ୍ତି ବଜାୟ ରଖିବା ପାଇଁ କେଉଁ ଅଭ୍ୟାସ ଗୁଡ଼ିକ ଉପରେ ଜୋର ଦେବା ଆବଶ୍ୟକ ଜାଣନ୍ତୁ। ପାଣି ପିଇବାରେ ଅଳସୁଆମି କରନ୍ତୁ ନାହିଁ। ଶରୀରରେ ଜଳର ପରିମାଣ କମିଗଲେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ କମିଯାଏ। ଶରୀରରେ ଜମା ହୋଇଥିବା ଜୀବାଣୁ, ଭୂତାଣୁ ମୂତ୍ର ସହିତ ବାହାରିଯାଆନ୍ତି। କିନ୍ତୁ ପାଣି ପିଇବା କମିଗଲେ ସେଗୁଡ଼ିକ ଶରୀରରୁ ସହଜରେ ବାହାରି ପାରନ୍ତି ନାହିଁ। ଆଉ ଏକ ଅଭ୍ୟାସ ଉପରେ ଗରୁତ୍ୱ ଦେବାକୁ ଭୁଲିବେ ନାହିଁ। ତାହା ହେଉଛି ନିୟମିତ ନିଦ୍ରା। ପ୍ରତିଦିନ ଭିନ୍ନ ଭିନ୍ନ ସମୟରେ ଶୋଇବା ଏବଂ ପର୍ଯ୍ୟାପ୍ତ ମାତ୍ରାରେ ନ ଶୋଇବା ନିଦ୍ରା ଯିବାର ଏହି ଦୁଇଟି ବଦଭ୍ୟାସକୁ ଛାଡ଼ିବାକୁ ହେବ। ଅନିୟମିତ ନିଦ୍ରା ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ନଷ୍ଟ କରେ ବୋଲି ଚିକିତ୍ସକମାନେ କୁହନ୍ତି। ସଠିକ ମାତ୍ରାରେ ନିଦ ନ ହେଲେ ଦୁର୍ବଳ ଅନୁଭବ ହୁଏ। ତେଣୁ ରୋଗ ସହିତ ମୁକାବିଲା କରିବାର କ୍ଷମତା ମଧ୍ୟ ପ୍ରଭାବିତ ହୋଇଥାଏ। ରୋଗ ପ୍ରତିରୋଧକ ଶକ୍ତି କମାଇବାରେ ଧୂମପାନର ଭୂମିକା ସବୁଠୁ ଅଧିକ। ତେଣୁ ଏହି କୁଅଭ୍ୟାସଗୁଡ଼ିକୁ ଆଜି ହିଁ ବିଦାୟ ଜଣାନ୍ତୁ। ଧୂମପାନ କରୁନଥିଲେ ମଧ୍ୟ ଯିଏ ଧୂମପାନ କରିଥିବେ ତାଙ୍କ ସଂସ୍ପର୍ଶରୁ ମଧ୍ୟ ଦୂରେଇ ରହିବାର ଅଭ୍ୟାସ ଗଢ଼ି ତୋଳନ୍ତୁ। ସବୁବେଳେ ଗୋଟିଏ ଜାଗାରେ ବସି ରହିବା ବଦଳରେ ଟିକେ ଚଲାବୁଲା କରିପାରିବେ। ଘର ଭିତରେ ହିଁ ନିଜ କାମ ନିଜେ କରିବାର ଅଭ୍ୟାସ ଆପଣାନ୍ତୁ। ନିଜ ପୋଷାକ ନିଜେ ସଫା କରନ୍ତୁ, ଶୁଖାନ୍ତୁ, ଇସ୍ତ୍ରୀ କରନ୍ତୁ। ଫଳରେ ଲଣ୍ଡ୍ରି ଯିବାର ଅଭ୍ୟାସ କମିବ। ଆଉ ଆପଣ ସେଇ ବାହାନାରେ ଟିକେ କାମ କରିପାରିବେ ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହେବ। ରସପ୍ତାହରେ ଥରେ ଘର ଝାଡ଼ା, ପୋଛା ଆଦି କରନ୍ତୁ। ଦେଖିବେ ଥକ୍କା ଲାଗିବ ନିଶ୍ଚୟ। କିନ୍ତୁ ଆପଣଙ୍କୁ ଶୋଷ ହେବ। ଭୋକ ବି ଭଲ କରି ଲାଗିବ। କାରଣ ଏସବୁ କାମ କଲାବେଳେ ଶରୀରରୁ ଝାଳ ତ ବାହାରିବ ନିଶ୍ଚୟ। ଶେଷରେ ରହିଲା ମନକୁ ହାଲୁକା ରଖିବାର ଅଭ୍ୟାସ ସୃଷ୍ଟି କରିବା। ମାନସିକ ଭାବେ ଚାପମୁକ୍ତ ରହିବାର ଅନେକ ଉପାୟ ଅଛି। ଯେଉଁ ଉପାୟଟି ଆପଣଙ୍କ ପାଇଁ ସହଜ ହେଉଛି ସେଇଟିକୁ ବାଛି ନିଅନ୍ତୁ।

ଖାଦ୍ୟାଭ୍ୟାସରେ ଆଣନ୍ତୁ ପରିବର୍ତ୍ତନ। ତେଣୁ ଏହି ସମୟରେ ଖିଆପିଆ ଉପରେ ନଜର ଦେବା ନିହାତି ଆବଶ୍ୟକ। ବଢ଼ାଇବାକୁ ହେବ ରୋଗ ପ୍ରତିରୋଧକ କ୍ଷମତା। କ'ଣ ଖାଇବେ, କେଉଁ ଖାଦ୍ୟ ଏଡ଼ାଇ ଚାଲିବେ ଏସବୁ କଥା ଭୁଲିଗଲେ ଚଳିବ ନାହିଁ। ତେଣୁ ନିଜ ଶରୀରର ଆବଶ୍ୟକତା ଅନୁସାରେ ଆମକୁ ଡାଏଟ ମାନି ଚଳିବାକୁ ହେବ। ଡାଏଟିଶିଆନ ଓ ନ୍ୟୁଟ୍ରିଶନିଷ୍ଟ ମାନଙ୍କ ଅନୁସାରେ ଯେଉଁ ମାନଙ୍କର ପେଟର ସମସ୍ୟା ରହିଛି ବା ଅତ୍ୟଧିକ ଏସିଡିଟି ଅଛି ସେମାନେ ଲେମ୍ବୁ, ଭିନେଗାର ମିଶିଥିବା ଖାଦ୍ୟ ଏଡାଇ ଚାଲନ୍ତୁ। ଯଦି ଭିଟାମିନ ସି ପାଇଁ ନିହାତି ଲେମ୍ବୁ ଖାଇବାକୁ ପଡୁଥାଏ ତେବେ ଡାଲିରେ ଲେମ୍ବୁ ରସ ମିଶାଇ ଖାଇପାରିବେ। କିନ୍ତୁ ଖାଲି ପେଟରେ ଆଦୌ ନୁହେଁ। ଫଳ, ପନିପରିବା, ଶାଗ ଆଦି ଅଧିକ ପରିମାଣରେ ଖାଇବାକୁ ହେବ। କେବଳ ଭିଟାମିଟ ସପ୍ଲିମେଣ୍ଟ ଭାବରେ ମିଳୁଥିବା ଟାବଲେଟ ଗିଳିଦେଲ ଯେ କାମ ସରିଲା ଏଭଳି ଭାବନାରୁ ନିବୃତ୍ତ ରହିବାକୁ ହେବ। ଏମିତି ଖାଦ୍ୟ ଯେଉଁଥିରେ ଭିଟାମିନ ଏ, ସି, ଡି ଏବଂ ଜିଙ୍କ ରହିଛି ସେଗୁଡ଼ିକ ଖାଇବା ଉପରେ ଜୋର ଦିଅନ୍ତୁ। ଦହି, ଫଳ ଆଦି ଦେଇ ପାନୀୟ ତିଆରି କରି ପିଇପାରିବେ। ବାଦାମ, ବଟର ଆଦି ଅଳ୍ପ ଅଳ୍ପ କରି ଖିଆ ଯାଇପାରିବ। କେବଳ ଅଧିକ ପାଣି ପିଇଦେଲେ ଚଳିବ ନାହିଁ। ଅଦା, ଗୋଲମରିଚ ମିଶା ଚା, ଚିକେନ କିମ୍ବା ଭେଜିଟେବଲ ସୁପ, ଫଳରସ, ପଇଡ଼ ପାଣିକୁ ମଧ୍ୟ ଡାଏଟରେ ବାଧ୍ୟତାମୂଳକ ଭାବରେ ସାମିଲ କରନ୍ତୁ। ଅଧିକ ଦୁର୍ବଳ ଲାଗୁଥିଲେ ମଝିରେ ମଝିରେ ଗ୍ଲୁକୋନ ଡି, ଇଲେକ୍ଟ୍ରୋଲାଇଟ ପାନୀୟ ମଧ୍ୟ ପିଇପାରିବେ। କୋଭିଡ଼ ସଂକ୍ରମିତ ହେବା ପରେ ଅନେକଙ୍କ ସ୍ୱାଦ ବାରିବାର କ୍ଷମତା ଚାଲିଯାଇଥାଏ। ତେଣୁ ଖାଇବାରେ ସମସ୍ୟା ହୋଇଥାଏ। ତେଣୁ ପାଟିକୁ ଭଲ ଲାଗିବ ବୋଲି ଅଧିକ ତେଲମସଲା ଦିଆ ଚଟାପଟ ଖାଦ୍ୟ ଖାଇଦେଲେ ଚଳିବ ବୋଲି ଯଦି କେହି ଭାବୁଥାନ୍ତି ତେବେ ସେହି ଭାବନାରୁ ଦୂରରେ ରୁହନ୍ତୁ। ଅଳ୍ପ ତେଲ ମସଲାରେ ମଧ୍ୟ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ।

ବର୍ତ୍ତମାନ ମଣିଷ ଚାହିଁଲେ ବି ଖୁସି ରହିପାରୁନାହିଁ। ଭୟର ବାତାବରଣ ଭିତରେ ଖୁସି ରହିବା ସମସ୍ତଙ୍କ ପକ୍ଷରେ ସହଜ ହୋଇନପାରେ। ଚିକିତ୍ସା ବିଜ୍ଞାନ ମଧ୍ୟ ଏକଥା ସ୍ୱୀକାର କରିଛି। ଯେ ଖୁସି ରହୁଥିବା ଲୋକମାନେ ଦୀର୍ଘାୟୁ ହୋଇଥାନ୍ତି। ଜାଣନ୍ତି କି ଯୋଗାସନ ମଣିଷକୁ ଖୁସି ରଖିବାରେ ବେଶ ସହାୟକ ହୋଇପାରିବ। ଏକଥା ମନୋବିଦମାନେ ମଧ୍ୟ ଜୋର ଦେଇ କହୁଛନ୍ତି। ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ ଏହା ସ୍ୱୀକାର କରିଛି ଯେ ମଣିଷ ଖୁସିରେ ରହିବାକୁ ଚାହିଁଲେ ଯୋଗର ସହାୟତା ନିଆଯାଇପାରିବ। ତେବେ ସବୁ ଯୋଗମୁଦ୍ରା ନୁହେଁ, ବରଂ କେତୋଟି ନିର୍ଦ୍ଦିଷ୍ଟ ଯୋଗ ମଣିଷକୁ ଖୁସି ରଖିବାରେ ସହାୟକ ହୋଇପାରିବ। ପ୍ରାଣ ଯୋଗକୁ ଖୁସି ଏବଂ ଚାପମୁକ୍ତ ଜୀବନର ମୂଳମନ୍ତ୍ର କୁହାଯାଉଛି। ଏହି ଯୋଗମୁଦ୍ରାକୁ ନିୟମିତ ଅଭ୍ୟାସ କରିବା ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର ହେଉଥିବାର ପ୍ରମାଣ ମିଳିଛି। ତେବେ ଉଚ୍ଚ ରକ୍ତଚାପ ରୋଗୀମାନେ ଏହି ମୁଦ୍ରା ଅଭ୍ୟାସ କରିବା ପୂର୍ବରୁ ଚିକିତ୍ସକଙ୍କ ସହିତ ପରାମର୍ଶ କରିନେବା ଉଚିତ। ସାମଗ୍ରିକ ଭାବେ ସୁସ୍ଥ ରହିବାକୁ ହେଲେ ଯୋଗ ଓ ପ୍ରାଣାୟମ ଅଭ୍ୟାସ ଉପର ଗୁରୁତ୍ୱ ଦିଅନ୍ତୁ। ଜିମ ଯାଇ ବ୍ୟାୟାମ କଲେ ଯେ ସୁସ୍ଥ ରହିବେ ଏମିତି ନୁହେଁ। ନିୟମିତ ଭାବେ ଯୋଗାସନ କରିବା ଦ୍ୱାରା ଆପଣ ସୁସ୍ୱାସ୍ଥ୍ୟର ଅଧିକାରୀ ହୋଇପାରିବେ। ତେବେ ଯୋଗ କରିବା ପୂର୍ବରୁ କେତୋଟି କଥା ମନେ ରଖିବାକୁ ହେବ। ମନଇଚ୍ଛା ଯୋଗାଭ୍ୟାସ କରନ୍ତୁ ନାହିଁ। ୟୁଟ୍ୟୁବ କିମ୍ବା ହ୍ୱାଟସଆପ ଦେଖି ନିଜ ଇଚ୍ଛାନୁସାରେ ଯୋଗାସନ କରିବା ବି ଠିକ ନୁହେଁ। ଯୋଗାଭ୍ୟାସ କରିବା ଆଗରୁ ନିଜ ଶରୀରର ଗଠନ କିପରି ତାହା ବୁଝିବାକୁ ହେବ। ଘର ଭିତରେ ହିଁ ଆପଣ ଏହି ବ୍ୟାୟାମ କରିପାରିବେ। ହାଲୁକା ଗୀତ ଶୁଣି ଶୁଣି ବ୍ୟାୟାମ ଅଭ୍ୟାସ କରନ୍ତୁ। ରିଦିମିକ ଏକ୍ସରସାଇଜ ସହଜରେ କରାଯାଇପାରିବ। ପ୍ରାଣାୟାମ କ୍ଷେତ୍ରରେ ବି ସେହି ଏକା ନିୟମ ଲାଗୁ ହୋଇଥାଏ। ମନଇଚ୍ଛା ନିଃଶ୍ୱାସ ପ୍ରଶ୍ୱାସ ନେବା ଛାଡ଼ିବା କେବେ ବି ପ୍ରାଣାୟାମ ହୋଇନପାରେ। ପ୍ରାଣାୟାମ କରିବାର ମଧ୍ୟ ଏକ ବିଧି ଅଛି। ସେହି ବିଧି ମାନି ପ୍ରାଣାୟାମ କଲେ ଲାଭ ମିଳିବ। ପ୍ରାଣାୟାମ କରିବା ପୂର୍ବରୁ ଡିପ ବ୍ରିଦିଂ ଏକ୍ସରସାଇଜ କରିପାରିବେ। ମନେ ରଖନ୍ତୁ ଗୋଟିଏ ଦିନରେ ଯୋଗ କି ପ୍ରାଣାୟାମ ଏକ୍ସପର୍ଟ ହେବା ଆଦୌ ସମ୍ଭବ ନୁହେଁ। କିନ୍ତୁ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଆପଣ ଆଜିଠାରୁ ହିଁ ଆପଣେଇ ପାରିବେ ବ୍ୟାୟାମ, ଯୋଗ ଓ ପ୍ରାଣାୟାମ। ସାରା ବିଶ୍ୱ ଜାଣି ସାରିଛି ଭାରତୀୟ ଯୋଗର ମହନୀୟତା ବିଷୟରେ। ତେଣୁ ଆପଣ କାହିଁକି ଏହି ଅଭ୍ୟାସର ଲାଭ ଉଠାଇବେ ନାହିଁ ?

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

# ବୈଦିକ ସଂସ୍କୃତିର ସୌରଭ

ଇଂ. ସଚ୍ଚିଦାନନ୍ଦ ନନ୍ଦ

ଅପୌରୁଷେୟ, ବେଦ, ମାନବ ଜାତି ପାଇଁ ଈଶ୍ୱରଙ୍କ ଅମୂଲ୍ୟ ସଂପଦ। ଏହା ପରମାତ୍ମାଙ୍କ ଅମୃତ ବାଣୀ। ଆର୍ଯ୍ୟ ସାହିତ୍ୟର ଅକ୍ଷୟ ଭଣ୍ଡାର। ଏଥିରେ ଥିବା ଈଶ୍ୱର ପ୍ରଦତ୍ତ ଦିବ୍ୟଜ୍ଞାନ ପୃଥିବୀର ଅନ୍ୟ ଗ୍ରନ୍ଥମାନଙ୍କରେ ଦେଖିବାକୁ ମିଳେନାହିଁ। ବେଦର ଶିକ୍ଷା, ବେଦର ଆଦର୍ଶ ଅତୀବ ମହାନ, ଦୈନନ୍ଦିନ ଜୀବନରେ ପାଳନ ସାପେକ୍ଷ। ଏହି ଶିକ୍ଷାକୁ ଯଦି କିଞ୍ଚିତ ପରିମାଣରେ ଜନ ସମକ୍ଷରେ ପହଞ୍ଚାଇ ହୁଏ ତାହା ଜନ ସମାଜ ପାଇଁ ଅଶେଷ ମଙ୍ଗଳଦାୟକ ହେବ। ଏହା ଏକ ଆଧ୍ୟାତ୍ମିକ ସେବା ଭାବେ ପରିଣତ ହେବ। ଏହି ଅବଲମ୍ବନରେ ଅନେକ ଭାରତୀୟ ନିଜ ଜୀବନକୁ ଶୁଦ୍ଧ, ପବିତ୍ର ଓ ଶାସ୍ତ୍ରୀୟ କରି ପ୍ରଭୂତ ଉପକାର ଲାଭ କରିଛନ୍ତି। ଏହା ସର୍ବକାଳୀନ ହୋଇଥିବାରୁ ବର୍ତ୍ତମାନ ମଧ୍ୟ ଏହାର ଅବଲମ୍ବନରେ ଜଣେ ମହାନ ଗୁଣର ଅଧିକାରୀ ହୋଇପାରିବ। ଏହି ଜ୍ଞାନ ପରିବାର କ୍ଷେତ୍ରରେ ଉପଯୋଗ କରି ଯେଉଁମାନ ମହାନ ହୋଇପାରିଥିଲେ ତନ୍ମଧ୍ୟରୁ ଅଗାଧ ଓ ଅସୀମ ପ୍ରତିଭାର ଅଧିକାରୀ, ତାଙ୍କ ସମୟର ସର୍ବୋଚ୍ଚ ଶିକ୍ଷାବିତ୍ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ଭାରତରେ ତଥା ବହୁ ବିଦେଶରେ ନିଜ ପାଣ୍ଡିତ୍ୟର ପରିଚୟ ଦେଇ ଆମ ଦେଶ ସଂସ୍କୃତି ଓ ଭାରତୀୟ ଜ୍ଞାନର ଉପଯୁକ୍ତ ପରିଚୟ ନିଜ କର୍ମ ମାଧ୍ୟମରେ ପ୍ରଦାନ କରିପାରିଥିଲେ। ତାଙ୍କ ବାଲ୍ୟକାଳରୁ ନିଜ ପରିବାରରୁ ସେ ବୈଦିକ ଜ୍ଞାନର ଅଧିକାରୀ ହୋଇଥିଲେ।

ତାଙ୍କ ପିତାମାତା ଏ ବାବଦରେ ତାଙ୍କ ଆଦର୍ଶ ଥିଲେ। ସେ ସମଗ୍ର ପୃଥିବୀ ବାସୀଙ୍କ ଉଦ୍ଦେଶ୍ୟରେ କହୁଥିଲେ - 'ତୁମେ କେତେ ଜ୍ଞାନର ଅଧିକାରୀ ତାହାର ଏକ ମୁକୁଟ କରି ମଥାରେ ପିନ୍ଧି ବୁଲିଲେ ତାହା ଜ୍ଞାନର ସଠିକ ପ୍ରଚାର ହୋଇପାରିବ ନାହିଁ, ତୁମର ଆଚରଣ ଓ ବ୍ୟବହାର ହିଁ ତୁମ ଜ୍ଞାନର ପ୍ରକୃତ ପରିଚୟ।'

ଏହି ଲେଖା ପ୍ରସ୍ତୁତ କରିବା ପୂର୍ବରୁ ବେଦ ପୃଷ୍ଠା ଓଲଟାଇଲାବେଳେ ସେହି କଥା ବେଦରୁ ମଧ୍ୟ ଦେଖିବାକୁ ମିଳିଲା। ଡକ୍ଟର ରାଧାକ୍ରିଷ୍ଣନ ବାଲ୍ୟ କାଳୁ ତାଙ୍କ ପରିବାରରୁ ବୈଦିକ ସଂସ୍କାର ପାଇଥିଲେ ଯେଉଁଥିରେ ତାଙ୍କ ଶୁଦ୍ଧ ଆଚରଣ ଓ ବ୍ୟବହାରରେ ଅତୀବ ସନ୍ତୁଷ୍ଟ ହୋଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ତାଙ୍କ ଡାକି ଆଣି ଦେଶର ସୁନାମ ବଢ଼ାଇବା ଲକ୍ଷ୍ୟରେ ବିଭିନ୍ନ ଦେଶର ରାଷ୍ଟ୍ରଦୂତ କରାଇଥିଲେ। ସେ ନିଜର ବିଦ୍ୟା ଓ ଗୁଣର ପରିଚୟ ଦେଇ ପ୍ରଥମେ

ଉପରାଷ୍ଟ୍ରପତି ଓ ପରେ ରାଷ୍ଟ୍ରପତି ପଦ ଅଳଂକୃତ କରିପାରିଥିଲେ। ସେହି ବେଦଜ୍ଞାନରୁ କିଛି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ କରିବାର ସୁଯୋଗକୁ ସଦ୍ ବ୍ୟବହାର କରାଯାଉଛି। ବେଦ କହନ୍ତି - 'ଯଥା ନଃ ଇଜ୍ଜନୋଜନମୀବଃ।' - ଯଜୁ ୩୩/୮୨ ଅର୍ଥ - ଆମେ ପରସ୍ପର ସହିତ ସୌଜନ୍ୟପୂର୍ଣ୍ଣ ବ୍ୟବହାର କରିବା। ସଜ୍ଜନମାନଙ୍କର ବ୍ୟବହାର, ଉଦାରତା, ସହାୟତା ଏବଂ ସ୍ନେହପୂର୍ଣ୍ଣ ହୋଇଥାଏ। ସଜ୍ଜନଗଣ ନିଜ ସ୍ୱାର୍ଥ ନ ଦେଖି ଅନ୍ୟର ସ୍ୱାର୍ଥ ପ୍ରଥମେ ଦେଖିଥାନ୍ତି। 'ଦ୍ୟସତ୍ କୃଣୋଷ୍ୟଧ୍ୱରମ୍' - ଋଗ୍ ୧/୭୪/୪, ଅର୍ଥ - ସଜ୍ଜନମାନେ ସତ୍ କର୍ମରେ ସାହାଯ୍ୟ କରିଥାନ୍ତି। ଯେଉଁମାନେ ମିଷ୍ଟ ବଚନର ମହତ୍ୱ ବୁଝି ପାରିଛନ୍ତି ସେମାନେ ସବୁଠାରେ ସଫଳ ହୋଇଥାନ୍ତି। ଅନ୍ୟର ନିନ୍ଦା ବା ତ୍ରୁଟି ଶୁଣି ନିଜର ସମୟ ନଷ୍ଟ କରନାହିଁ। 'ଧ୍ରୂୟାସଂ ମଧୁ ସଂଦୃଶଃ' - ଯଜୁ ୩୭, ଅର୍ଥ - ମଧୁରତାର ମୂର୍ତ୍ତିମାନ ପ୍ରତିମା ହୁଅ। କେବଳ ବାଣୀରେ ନୁହେଁ, ବ୍ୟବହାରରେ ମଧ୍ୟ ମଧୁରତାର ସମାବେଶ କର। 'ମିତ୍ରସ୍ୟାହଂ ଚକ୍ଷୁସା ସର୍ବାଣି ଭୂତାନି ସମୀକ୍ଷେ' - ଯଜୁ ୩୬/୧୮, ଅର୍ଥ - ସବୁ ପ୍ରାଣୀମାନଙ୍କୁ ମିତ୍ର ଦୃଷ୍ଟିରେ ଦେଖିବା ଆବଶ୍ୟକ। କୌଣସି ପ୍ରାଣୀକୁ ନୁହେଁ ବରଂ ତାହାର କୁକର୍ମକୁ ଘୃଣା କର। 'ଜିହ୍ୱା ମେ ମଧୁମତ୍ତମା' - ତୈତ୍ତରୀୟ ୧/୪, ଅର୍ଥ - ମୋ ଜିହ୍ୱା ମିଷ୍ଟ ବଚନ କହୁ। କଟୁ କର୍କଶ ଓ କୁବଚନ କହି ବାଣୀକୁ ଦୂଷିତ କରନାହିଁ। 'ମଧୁମନ୍ମେ ନିକ୍ରମଣ ମଧୁମନ୍ମେ ପରାୟଣମ୍' - ଅଥର୍ବ ୧/୩୪/୩, ଅର୍ଥ - ଯିବା ଆସିବା ସମୟରେ ମଧୁରତା ବର୍ଷା କର। ଯେଉଁଠାକୁ ଯାଅ ସେଠାରେ ପ୍ରେମ ବିସ୍ତାର କର। ଯେଉଁଠାରୁ ଆସ ସେଠାରେ ମଧୁର ସ୍ମୃତି ଛାଡ଼ି ଆସ। 'ତେ ହେଲୋ ବରୁଣ ନମୋଭି' - ଋଗବେଦ ୧/୨୪/୬/୧୪, ଅର୍ଥ - ନମ୍ରତା ଦ୍ୱାରା କ୍ରୋଧକୁ ଶାନ୍ତ କର। କ୍ରୋଧୀ ବ୍ୟକ୍ତି ଏକ ପ୍ରକାର ରୋଗୀ। ତା' ଉପରେ ବିରକ୍ତି ହୁଅନାହିଁ, ଦୟା କର। 'ମା ଯୁଷ୍ମହି ମନସା ଦୈବ୍ୟେନ' - ଅଥର୍ବ ୭/୫୨/୨, ଅର୍ଥ - ଦିବ୍ୟ ମନକୁ ଲଢ଼ାଇ ଝଗଡ଼ାରେ ଲିପ୍ତ କରନାହିଁ। ମନର ଦିବ୍ୟ ଭାବର ଉପଯୋଗ ଦ୍ୱେଷ ନୁହେଁ, ପ୍ରେମ ଅଟେ। 'ମା ବିଯୌଷ୍ଟ' - ଅଥର୍ବ ୩/୩୦/୫, ଅର୍ଥ - ବିଭେଦ ବଢ଼ାଅ ନାହିଁ। ଭାଙ୍ଗି ଯାଇଥିବା ଜିନିଷକୁ ତିଆରି କର। ଅଭିମାନ କରିଥିବା ଲୋକର ମାନ ଭଞ୍ଜନ କର। 'ନା ନୋ ଦ୍ୱିକ୍ଷତ କଶ୍ଚନ' - ଅଥର୍ବ ୧୨/୧/୧୮, ଅର୍ଥ - କାହା ପ୍ରତି ଆମର ଶତ୍ରୁତା ନ ରହୁ। ଯେଉଁଠାରେ ଶତ୍ରୁଭାବ ରହେ, ସେଠାରେ ନିଆଁ ଜଳେ। 'ସହଭାକ୍ଷାଃ ସ୍ୟାୟ' - ଅଥର୍ବ ୬/୪୭/୧, ଅର୍ଥ - ମିଳିମିଶି ଭୋଜନ କର। ଅଲଗା ଖାଇବା ନୀଚତାର ଚିହ୍ନ। 'ସତ୍ୟାୟବିବ ସଚାବ ହେ' - ଅଥର୍ବ ୨/୪୨/୧, ଅର୍ଥ - ପରସ୍ପର ମିତ୍ର ଭଳି ରହ। ସାଥି ମାନଙ୍କ ସହ ମିତ୍ର ଭଳି ବ୍ୟବହାର କର।

ବୈଦିକ ନୀତି ଅନୁଯାୟୀ ଜୀବନଯାପନ କଲେ ସର୍ବଶ୍ରେଷ୍ଠ ଫଳ ଲାଭ ହେବ, କାରଣ ବୈଦିକ ଜ୍ଞାନ ହିଁ ଶ୍ରେଷ୍ଠ ଜ୍ଞାନ।

ଭାରତର ପୂର୍ବ ଐତିହ୍ୟ, ଭାରତୀୟ ସଂସ୍କୃତିର ମୂଳାଧାର ବେଦ ଭଗବାନଙ୍କ ଦ୍ୱାରା ଋଷିମାନଙ୍କ ଜରିଆରେ ସମଗ୍ର ମାନବ ଜାତିର ଉଦ୍ଧାରଣ ପାଇଁ ପ୍ରଦତ୍ତ। ତାହାର ପୁନରୁଦ୍ଧାର କରିବା ପାଇଁ ଭଗବାନ ବାବା ଯେଉଁ ସଂକଳ୍ପ କରିଥିଲେ, ଯାହାକୁ ଅଗ୍ରଗତି ଦେଇ ସମ୍ପୂର୍ଣ୍ଣ ଅଜ୍ଞ ଓ ଅଚେତନ ମାନବକୁ ବୈଦିକ ମନ୍ତ୍ରର ସ୍ପର୍ଶ ଦେଇ ସଚେତନ କରିଥିଲେ, ତାହାକୁ ଆଗକୁ ଆଗକୁ ନେବା ପାଇଁ ଆମ୍ଭ ମାନଙ୍କୁ ଦାୟିତ୍ୱ ଦେଇଥିଲେ, ତାହା ସମ୍ଭବ ହୋଇପାରିବ, ଆମେ ବୈଦିକ ଜ୍ଞାନ ଓ ଉପଦେଶର ପ୍ରସାର ଓ ବ୍ୟବହାର କରାଇ ପାରିଲେ। ଭଗବାନଙ୍କ ତୃପ୍ତି ଓ ଆମ ଜୀବନର ଅଗ୍ରଗତି ଲକ୍ଷ୍ୟରେ ଧୀରେ ଧୀରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ। ଆସନ୍ତୁ, ଆମ୍ଭେମାନେ ହାତକୁ ହାତ ମିଳାଇ ଭଗବାନଙ୍କୁ ସଂକଳ୍ପକୁ ସାକାର କରିବା ପାଇଁ ସବୁମନ୍ତେ କରିବାର ପ୍ରୟାସ ଜାରି ରଖିବା।

ଅଲିଶା ବଜାର, କଟକ

ମୋ: ୯୩୩୭୨୪୨୯୫୫

## ସଂପାଦକଙ୍କୁ ପତ୍ର

### ଆତ୍ମନିର୍ଭରଶୀଳ ହୁଅନ୍ତୁ ଯୁବଗୋଷ୍ଠୀ

ମହାଶୟ,

ଯୁବଗୋଷ୍ଠୀଙ୍କ ମଧ୍ୟରେ ସତ୍‌ଚିନ୍ତନ ଓ ଆଦର୍ଶର ବୀଜକୁ ଅଙ୍କୁରୋଦଗମ କରିବାରେ ପରିବାର ତଥା ସମାଜର ଭୂମିକା ଅଗ୍ରଣୀ ହୋଇଥାଏ। ବରିଷ୍ଠଙ୍କ ପ୍ରତି ସମ୍ମାନ ବୋଧ, କନିଷ୍ଠଙ୍କ ପ୍ରତି ସ୍ନେହାଚରଣ, ଦୟା, କ୍ଷମା, ସ୍ନେହ, ପ୍ରୀତି ଆଦି ଦିବ୍ୟ ମାନବୀୟ ଗୁଣାବଳୀ ମନୁଷ୍ୟକୁ ଦେବତ୍ୱରେ ପରିଣତ କରାଇଥାଏ। ଯୁବପିଢ଼ିଙ୍କ ମଧ୍ୟରେ ଏହିସବୁ ସୁଗୁଣ ଉତ୍ପତ୍ତି ହେବାର ଆବଶ୍ୟକତା ରହିଛି। ଆତ୍ମସଂଯମୀ ଓ ଆଦର୍ଶବନ୍ତ ମନୁଷ୍ୟ ହିଁ ଆଜୀବନ ସୁଖରେ କାଳାତିପାତ କରିଥାଏ। ଯୁବପିଢ଼ିଙ୍କର ଏକ ପ୍ରମୁଖ ଶକ୍ତି ହେଉଛି ଆତ୍ମନିର୍ଭରଶୀଳତା। ସ୍ୱାବଲମ୍ବୀ ହେବାଦ୍ୱାରା ସେମାନେ ନିଜର ପରିବାର ପ୍ରତିପୋଷଣ କରିବା ସହ ସ୍ୱାଭିମାନ ସହକାରେ ଜୀବନ ନିର୍ବାହ କରିପାରିବେ। କଥାରେ ଅଛି- 'ଶୂନ୍ୟ ମସ୍ତିଷ୍କ ହିଁ ଭୂତଙ୍କର ନିବାସସ୍ଥଳୀ ହୋଇଥାଏ'। ଅର୍ଥାତ ଜଣେ ନିକମା କର୍ମହୀନ ମନୁଷ୍ୟ ମନରେ ନାନା ଅପଚିନ୍ତାର ଉଦ୍ରେକ ହୋଇଥାଏ। ସମାଜରେ ଯାବତୀୟ ଅପରାଧମୂଳକ କାର୍ଯ୍ୟ ଘଟିବାର ମୁଖ୍ୟ କାରଣ ହେଉଛି ବେକାରୀ ସମସ୍ୟା। ଚୋରି, ଡ଼କାୟତି, ଅନଲାଇନ ଠକେଇ, ବଳାତ୍କାର ଆଦି ନାନା କୁକର୍ମ ମାନ ମୁଖ୍ୟତଃ ଯୁବପିଢ଼ିଙ୍କ ଦ୍ୱାରା ହିଁ ସମ୍ପାଦିତ ହୋଇଥାଏ। ଏଣୁ ଏହି ପରିପ୍ରେକ୍ଷୀରେ ଏହାହିଁ ନିର୍ଦ୍ଧାରିତ ହୁଏ ଯେ ଯୁବଶକ୍ତି ମାନେ ହିଁ ଜାତିର ଉନ୍ନତି ଲାଗି ଅତ୍ୟନ୍ତ ଅପରିହାର୍ଯ୍ୟ ଅଟନ୍ତି। ସେମାନେ ସବୁଠି ସବୁସ୍ଥାନରେ ଖାଲି ନିଜର ଅଧିକାର ସାବ୍ୟସ୍ତ ନକରି ନିଜର ମୌଳିକ କର୍ତ୍ତବ୍ୟ ପ୍ରତି ସଚେତନ ରହିଲେ ଯାଇ ଜାତିର ଉନ୍ନତି ସମ୍ଭବପର ହୋଇପାରିବ।

ଦିଗମ୍ବର ସାହୁ,ଜଗତସିଂହପୁର

କ୍ଷୁଦ୍ର ଗଳ୍ପ

# ରିକ୍ସାବାଲା

ରତ୍ନକାନ୍ତି ମିଶ୍ର

ବସ୍‌ଷ୍ଟାଣ୍ଡରେ ଓହ୍ଲାଇ ମୁଁ ଅଟୋ ସନ୍ଧାନରେ ଥିବା ବେଳେ ପଛରୁ ବୋଉ କାହା ସହିତ କଥା ହେବାର ଶୁଭିଲା। ପଛକୁ ଫେରି ଚାହିଁଲି।

- ମଉସା, ମନ୍ଦିର ଯିବ ?
- ଯିବି ମାଆ।...
- କେତେ ଟଙ୍କା ନେବ ? ପଚାରିଲା ବୋଉ।
- ଶହେ ଟଙ୍କା ନିଏ ହେଲେ ତୁମେ ନବେ ଦେବ, ବସ।
- ମଉସା ନିଜେ ନିଜେ ପଇସା କମ୍ କରି ଦେଉଛ ଯେ ?

- ନା ମାଆ, ଆଜିକାଲି ରିକ୍ସାକୁ କିଏ ପଚାରେ। ଆଉ ସେଥିରେ ଏଇ ଯେଉଁ ବର୍ଷା...ରିକ୍ସା ପାଲ ଚିରିଯାଇଚି, ତେଣୁ ବର୍ଷା ହେଲେ ତ ବେପାର ବନ୍ଦ ଆଉ ଅତି କଷ୍ଟରେ ଦିନକୁ ଜଣେ ଅଧେ ଗରାଖ ମିଳିଲେ ପେଟ ପୂରୁଚି ନହେଲେ ନାଇଁ... ! ଅଣ୍ଟାରେ ଭିଡ଼ିଥିବା ଗାମୁଛା ଖୋଲି ସିଟ୍‌କୁ ପୋଛୁପୋଛୁ କହିଲେ ବୃଦ୍ଧ ଜଣକ। ବୃଦ୍ଧଙ୍କ ଠାରୁ ଏସବୁ ଶୁଣି ମୋତେ ବି ଭାରି କଷ୍ଟ ଲାଗିଲା। ବୋଉ ସହିତ ମୁଁ ଯାଇ ବସିଲି ରିକ୍ସାରେ। ଲୋଚା କୋଚା ଚମ, ନହନହକା ହାତରେ ରିକ୍ସା ଟାଣୁଥିବା ବୃଦ୍ଧଙ୍କ ପ୍ରତି ସ୍ୱତଃ ଦୟା ଭାବ ଜାଗ୍ରତ ହେଲା ମୋ ଭିତରେ। ମନେ ମନେ ଭାବିଲି ତାଙ୍କୁ କିଛି ବେଶୀ ଟଙ୍କା ଦେଇଦେବି।...ଏମିତି ଭାବିବା ଭିତରେ ରିକ୍ସା କିଛିବାଟ ଗଡ଼ିଛି କି ନାହିଁ ଝିପ୍ ଝିପ୍ ବର୍ଷା ଆରମ୍ଭ ହୋଇଗଲା। ବୃଦ୍ଧ ଜଣକ ରିକ୍ସା ସିଟ୍ ତଳୁ ଗୋଟେ ଛତା ବାହାର କରି ମୋ ହାତରେ ଦେଇ କହିଲେ, ନେ ପୁଅ ଏ ବର୍ଷାରେ ଭିଜିଲେ ଦେହ ଖରାପ ହେବ। ଛତାଟା ବି ଥିଲା ଖୁବ୍ ପୁରୁଣା। ଠା ଠା ତାଳି ପକାହେଇ ସିଲେଇ ହୋଇଥିଲା। ବୃଦ୍ଧଙ୍କ ପୁରୁଣା ଦଦରା ରିକ୍ସା ଆଉ ଛତା ଦେଖି ମୁଁ କଳିପାରିଲି ତାଙ୍କର ଜୀବନ ଧାରଣର ମାନ।

- ମଉସା ଘରେ ଆଉ କିଏ କିଏ ଅଛନ୍ତି, ପିଲାମାନେ କ'ଣ କରୁଛନ୍ତି ? ତାଙ୍କ ବିଷୟରେ ଅଧିକ କିଛି ଜାଣିବା ପାଇଁ ଏମିତି ପଚାରିଦେଲି।

ସେ କହିଲେ- ବୁଢ଼ି ଏବେ ସେ ପାରିରେ। ବାରମାସରେ ତେର ଓଷାବ୍ରତ କରୁଥିଲା। କି ଜର ହେଲା କେଜାଣି ଭଲ ହେଲାନି। ଦିନେ ରାତିରେ ତାତି କମିଲାନି। ଆମ୍ବୁଲାନ୍ସ ପାଇଁ କେତେ କାହାକୁ କହିଲି, ହେଲେ ଆମପରି ଗରିବ ଗୁରୁବାଙ୍କ ପାଇଁ ଆମ୍ବୁଲାନ୍ସ କାହିଁକି ଆସିବ ? ଏଇ ରିକ୍ସାରେ ତାକୁ ବସେଇ ଡାକ୍ତରଖାନା ଆଣିଲି। ସେଦିନ ଥିଲା କାର୍ତ୍ତିକ ପୂର୍ଣ୍ଣିମା। ସେ ପୁଣ୍ୟବତୀ ଥିଲା। ଅଧା ବାଟରେ ଆଖି ବୁଜିଦେଲା।.. ରିକ୍ସା ଟାଣୁଥିବା ଅବସ୍ଥାରେ ଧଇଁ ସଇଁ ହୋଇ ଏତିକି କହି ତୁନିପଡ଼ିଲେ ସେ କିଛି ସମୟ।

-ଏକା ଛାଡ଼ି ଚାଲିଗଲା। ପିଲା ଛୁଆ ନଥିଲେ ବୋଲି ଗାଁରେ କିଏ କେତେ କଥା କହୁଥିଲେ। ଗାଁ ଛାଡ଼ି ଏଠିକି ଚାଲିଆସିଲୁ। ମୋତେ କହିଲା କାଳିଆ ବଳିଆ ଆମର ଦୁଇପୁଅ ଆଉ ସୁଭଦ୍ରା ଆମ ଝିଅ। ସକାଳୁ ଉଠି ବାଇଶି ପାହାଚ ନ ଚଢ଼ିଲେ ସେ ଜଳ ସ୍ପର୍ଶ କରେନି। ସେଥିପାଇଁ ବୋଧେ ସେ ଛଳିଆ ମାୟା କରି ଜଲଦି ନେଇଗଲା ବୁଢ଼ିକୁ। ଏସବୁ କଥା କହିଲା ଭିତରେ ବୃଦ୍ଧଙ୍କ କଣ୍ଠରୁ କୋହ ଉଠୁଥିବା ଭଳି ମନେହେଲା। ମୋର ନଜର ପଡ଼ିଲା ବୋଉ ଉପରେ। ସେ କାନିରେ ଲୁହ ପୋଛୁଥିଲା।

-ସରକାରଙ୍କ ତରଫରୁ କ'ଣ ଭତ୍ତା କି କିଛି ସୁବିଧା ମିଳୁଛି ?

-ପୁଅ ଆମ ଗରିବ ଗୁରୁବାଙ୍କ ପାଇଁ ସେ ସବୁ ଆକାଶ କଇଆଁ। ଇଲେକ୍ସନ ହେଲେ ଖାଲି ଆମ ପାଖରେ ଠିଆ ହୋଇ ଫଟୋ ଉଠାନ୍ତି ନେତାମାନେ। ତାପରକୁ କାଶିଆ କିଏ ନା କପିଳା କିଏ ? ଦୀର୍ଘଶ୍ୱାସ ପକେଇ ରିକ୍ସା ଠିଆକଲେ ବୃଦ୍ଧ। ବ୍ୟାଗ୍‌ରୁ ବୋତଲ କାଢ଼ି ପାଣି ଢୋକେ ପିଇଲେ। ପୁଣି ସେ କହିବା ଆରମ୍ଭକଲେ।

-ଗତ ଇଲେକ୍ସନରେ ପୁରୁଣା ଦଳକୁ ଭୋଟ ନଦେଇ ନୂଆ ଦଳକୁ ଭୋଟ ଦେଇଥିଲେ ଆମ ବସ୍ତି ଲୋକେ। ନୂଆ ସରକାର ଆସିଲା। ହେଲେ ଯେଉଁ ଘର ଦେବେ ବୋଲି କହି ଭୋଟ ନେଇଥିଲେ ତାର ଓଲଟା କାମ କଲେ। ଏଇ ଗତମାସ, ବର୍ଷା ଦିନଟାରେ ଆମ ବସ୍ତିକୁ ମେସିନ ଲଗେଇ ଭାଙ୍ଗିଦେଲେ।

-ତାହେଲେ ଏବେ ରହୁଛ କେଉଁଠି ମଉସା ?

-ଏଇ ରିକ୍ସାରେ। ଏଇଠି ଶୋଇପଡ଼େ। ଏଇଠି ବୁଢ଼ି ମରିଛି, ଆଉ ଏଇଠି ମୁଁ ବି ଦିନେ ଆଖି ବୁଜିଦେବି।



-ଆଉ ବର୍ଷା ହେଲେ ? ତୁମ ରିକ୍ସାର ପାଲ ତ ଫୁଟା, ପଚାରିଲା ବୋଉ।

-ବଡ଼ଦାଣ୍ଡରେ କ'ଣ ମୁଣ୍ଡ ଗୁଞ୍ଜିବାକୁ ଜାଗା ଅଭାବ, ଝିଅ ?

ବୃଦ୍ଧଙ୍କ କଥା ଶୁଣି ବୋଉ ଆଖିରୁ ଲୁହ ଏଥର ଧାର ହୋଇ ଗଡ଼ି ଯାଉଥିବାର ଦେଖିଲି। ବୃଦ୍ଧ ବି ତାଙ୍କ ଗାମୁଛାରେ ମୁହଁ ପୋଛିଲେ। ପ୍ରକୃତରେ ସେ କାନ୍ଦୁଥିଲେ ନା ସେ ବର୍ଷା ପାଣି ପୋଛୁଥିଲେ ବୁଝିବା ମୁସ୍କିଲ ଥିଲା। ରିକ୍ସା ଟାଣିବା ବନ୍ଦକରି ବୃଦ୍ଧ ପୁଣି ଟିକିଏ ପାଣି ପିଇଲେ।

-ମଉସା କିଛି ଖାଇଛ କି ନାହିଁ ?

-ବାପା, ଏଇଟା ତୁମ ପାଖରୁ ବଇନି। ସକାଳ ପହରୁ ସେମିତି ବସିଥିଲି। ତମକୁ ଛାଡ଼ି କ'ଣ ଟିକିଏ ଖାଇବି।

ମନ୍ଦିର ପାଖେଇ ଆସିଲା। କଥାବାର୍ତ୍ତା ବି ଶେଷ ହୋଇ ଆସିଲା।

-ଶ୍ରୀମନ୍ଦିରରେ ବାନା ଲଗେଇବା ବଦଳରେ ଆ'ଙ୍କ ରିକ୍ସାରେ ପାଲଗୋଟେ ଲଗେଇଦେଲେ ହୁଅନ୍ତାନି ! ବୋଉ କଣ୍ଠରେ କରୁଣ ସ୍ୱର।

-ହେଲେ ବୋଉ ତୋର ମାନସିକ ଥିଲା.....ଆଉ ଏବେ ମୋ ପାଖରେ ବେଶୀ ଟଙ୍କା ନାହିଁ।

-ତୋ ବାପାଙ୍କ ଦେହ ଭଲ ନଥିଲା ବୋଲି ମାନସିକ କରିଥିଲି। ମୋ ମନ କହୁଛି, ଏମିତି ଲୋକଙ୍କ ପାଇଁ କିଛି କରିପାରିଲେ ଜଗନ୍ନାଥଙ୍କର ବେଶି ଆର୍ଶୀବାଦ ମିଳିବ।

-ହେଲେ ତୋ ଜଗାପାଇଁ ବାନା.. ?

-ଜଗାର ବଡ଼ଦେଉଳ ପାଇଁ ବାନା ନିଅଣ୍ଟ ନା ଭକ୍ତ ଅଭାବ !

-ବୋଉ କଥାରେ ମୁଁ ଆଶ୍ୱସ୍ତ ହେଲି, ଆଉ ରିକ୍ସାରୁ ଓହ୍ଲାଇ ବୃଦ୍ଧଙ୍କ ହାତରେ ଗୁଞ୍ଜିଦେଲି କିଛି ଟଙ୍କା।

-ଆରେ ବାପା, ୟେ କ'ଣ ? ଏତେ ଗୁଡ଼ାଏ ଟଙ୍କା...ବୁଢ଼ା ଲୋକ ମୁଁ...କାଳିଆ ଦୟାରୁ ଦି ଓଳି ପେଟକୁ ମିଳୁଛି ଆଉ କ'ଣ ଦରକାର ମୋର ! ମୋ ବାପାଟା ପରା ଏ ଟଙ୍କା ନେଇଯା।

ମୁଁ କହିଲି -ମଉସା, ବୋଉକୁ ମାଆ ବୋଲି କହୁଛ ଆଉ ଭୁଲିଯାଉଛ ସେ ତୁମ ଝିଅ ବୋଲି। ସେ ଯାହା ଚାହୁଁଛି ସେୟା ହିଁ ମୁଁ କରିଛି। ଶ୍ରଦ୍ଧାରେ ଯେତିକି ପାରିଛି ଦେଇଛି, ରଖ। ଏ ରିକ୍ସାରେ ନୂଆ ପାଲ ଗୋଟେ ଲଗାଅ। ତୁମ ଗରାଖ ଆଉ ହରରାଣ ହେବେନି ଆଉ ତୁମେ ବି କେତେବେଳେ ବିଶ୍ରାମ ଟିକିଏ ନେଇ ପାରିବ।

ଜଗାଦର୍ଶନ ସାରି ଫେରିବା ବେଳକୁ ବୋଉର ଆଗ ନଜର ପଡ଼ିଲା ସେଇ ବୃଦ୍ଧ ରିକ୍ସାବାଲା ଉପରେ। ମୋ ନଜର ପଡ଼ିଲା ବେଳକୁ ସେ ଆମରି ଆଡ଼କୁ ଆସୁଛନ୍ତି ବୋଲି ଜାଣିଲି।

-ବଡ଼ଠାକୁରଙ୍କ ଭଲରେ ଦର୍ଶନ କରି ଆସିଲ ତ ମାଆ। ଚାଲ ବସ୍‌ଷ୍ଟାଣ୍ଡରେ ଛାଡ଼ିଦେବି। ମୋତେ ଋଣୀ କରିଦେଇଛ। କିଛିଟା ହେଲେ ଋଣ ମୁକ୍ତ ହୁଏ। ବୋଉ ଉଦ୍ଦେଶ୍ୟରେ କହିଲେ ସେ। ଋଣମୁକ୍ତ ହେବାକୁ ଦୀର୍ଘ ତିନିଘଣ୍ଟା ଧରି ଖରାରେ ଅପେକ୍ଷା କରି ଠିଆ ହୋଇଥିବା ବୃଦ୍ଧଙ୍କ ସ୍ୱାଭିମାନ କଥା ମୋ ଛାତିରେ ଗାର କାଟିଲା ଭଳି ରହିଥିବ ସବୁଦିନ ପାଇଁ।

ଆଳି, କେନ୍ଦ୍ରାପଡ଼ା
ମୋ- ୮୨୪୯୭୯୯୯୫୧

## ଦୁଃଖନଈ କୂଳେ କରିଚି ଘର

ପ୍ରଶାନ୍ତ କୁମାର ଦାଶ

ଲୁହକୁ କୋହକୁ କରିଚି ନିଜର
ଦୁଃଖନଈକୂଳେ କରିଚି ଘର
ଫୁଲିଉଠେ ନଈ ଭାଙ୍ଗିଯିବ ବନ୍ଧ
ବଞ୍ଚିବାକୁ ଏଠି ଲାଗୁଚି ଡର।

କ୍ଷଣଭଙ୍ଗୁର ଏ ଦିଦିନ ଦୁନିଆ
କ୍ଷଣପ୍ରଭା ସମ ଆଖିକୁ ଦିଶେ
ରାତି ସରିଯିବା ଆଗୁ ଭାଙ୍ଗେ ନିଦ
ସପନ ସବୁ ତ ଲୁହରେ ମିଶେ।

ଗପ ହେଇଯାଏ ଜୀବନର ଦୁଃଖ
ଗୀତ ହେଇଯାଏ ଆଖିର ଲୁହ
ମରମ ଭିତରେ ବିଚ୍ଛେଦର ନିଆଁ
ଜଳି ଜାଳିଦିଏ ସମୟ ସୁଅ।

ସୁଖ ଫଗୁଣର ଭଲ ପାଇବାରେ
ଝଲସି ଉଠଇ କ୍ଷଣିକ ପ୍ରାଣ
ମନ ଆକାଶରେ ଢାଙ୍କିଦେଲେ ମେଘ
ଭାଙ୍ଗିଯାଏ ସବୁ ପାରିବାପଣ।

ଦୁଃଖ ନଈକୂଳେ ବେଦନା ବିଳାପୀ
ଲୁହ ତ ଭିଜାଏ ଦୁଇଟି ଆଖି
ନିଦାଘ ନିଆଁରେ ଶୁଖିଗଲେ ନଈ
ରହେ ଖାଲି ସାଜି ସ୍ମୃତିରସାକ୍ଷୀ।

ବୁନ୍ଦେ ଲୁହ ଆଉ ଟିକେ ମିଠାହସ
ଖାଲି ଆପଣାର ଜୀବନେ ମୋର
ଜହ୍ନ ଆଲୁଅରେ ସୁଖ ଖୋଜିଖୋଜି
ହତାଶ ନିରାଶ ହେବାଟା ସାର।

ଅଦିନ ଝଡ଼ ତ ଭାଙ୍ଗିଦିଏ ଆସି
ହାତେ ଗଢ଼ିଥିବା ସପନ ଘର
ସାଥୀ ବିନା ରାତି ଯାଉଚି ମୋ ବିତି
ଅସହାୟ ହେଇ ଲାଗୁଚି ଡର।

ଦୁଃଖନଈକୂଳେ କରିଚି ଘର
ଦୁଃଖର ଜହର ନିଇତି ପିଇ
ସପନକୁ କରି ଚଲାପଥ ସାଥୀ
ଆଶା ସଞ୍ଚି ମନେ ରହିଛି ଜିଇଁ।



କୁଞ୍ଜର -ସଙ୍ଗଲାଇ
ପିପିଲି -ପୁରୀ
ମୋ: ୬୬୮୮୨୨୧୯୦

## ଶୀତୁଆ ସଞ୍ଜରେ...

ରାମଚନ୍ଦ୍ର ବେହେରା

ଶୀତୁଆ ସଞ୍ଜରେ ହେମାଳ ପବନ
ମନେ ଶିହରଣ ଭରେ
ମନ ଖୋଜି ବୁଲେ ତୁମରି ପରଶ
କାହିଁ ଲୁଚିଗଲ ଦୂରେ
ତୁମରି କୋମଳ ତନୁ
ତାପ ଭରନ୍ତା ମୋ କାଲୁଆ ଦେହରେ
ସାଜି ଅପରାହ୍ନ ଭାନୁ।

ଚିତ୍ରପଟ୍ଟ ପରି ଅତୀତର ସ୍ମୃତି
ପରାଣେ ଉଠଇ ଚେଇଁ
ଗହଳ ଚହଳ ଥିଲା ଏ ଜୀବନ
ତୁମରି ମମତା ପାଇଁ
କାଳ ମରୀଚିକା ସାଜି
ସମ୍ପର୍କ ଖିଅକୁ ମୁକୁଳା କରିଲା
ପାରିଲି ନାହିଁ ମୁଁ ବୁଝି।

ଖୋଜୁ ଖୋଜୁ ତୁମେ ସଞ୍ଜ ନଇଁଯାଏ
ଅନ୍ଧାର ଆସଇ ଘେରି
ରେଜେଇ ଭିତରେ ମନ ଲାଗେନାହିଁ
ନିଃସଙ୍ଗତା ଯାଏ ଭରି

ଦୁଃଖ ଲୁହ ପଡ଼େ ଝରି
ଝରକା ଫାଙ୍କର କୋହଲା ବାଆରେ
ଶରୀର ଉଠଇ ଥରି।

ବିନା କିଛି କହି ଚାଲିଗଲ ତୁମେ
ଆକାଶେ ସାଜିଲ ତାରା
ବେସାହାରା ହୋଇ ଜିଉଁଛି ଜୀବନ
ଖୋଜୁଛି ପୀୟୂଷ ଧାରା
ଆଉ ଥରେ ଆସ ଫେରି
ଶୀତୁଆ ସଞ୍ଜରେ ଦୁଃଖ ଅବସାଦ
ପରାଣୁ ହୋଇବ ଦୂରୀ।

.....................

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬



## କେତୋଟି ଏକପଦୀ

ନିରଞ୍ଜନ ପତି

**ଉପମା**
ଚନ୍ଦ୍ରରେ କଳଙ୍କ ଅଛି ବୋଲି ଜାଣି
କହିବିନି ଚନ୍ଦ୍ରମୁଖୀ,
ଆଖ୍ୟା ଦେବିନାହିଁ ଗୋଟେ ଚାଉଳର
ଚାଉଳର ପୋକ ଦେଖି।
କହିବିନି ତୁମେ ଦେବୀ,
ଦେବୀ ବିସର୍ଜନ ଦୁଃଖକରେ ମନ
ପାରିବିନି ପଦ ସେବି।

**ଅଳଙ୍କାର**
ବେଙ୍ଗି ପିତଳର ହେଉ ଅଳଙ୍କାର
ତୁମେ ପିନ୍ଧି ଦେଲେ ବଢ଼ିବ ମୂଲ,
ସଭିଏଁ କହିବେ ସୁବର୍ଣ୍ଣ କି ହୀରା
କିଏ ହେବ ତୁମ ରୂପର ତୁଲ !
ରୂପ ଗୁଣ ମୂଲ୍ୟବାନ,
ସୁନା ହୀରାର କି ବାସନା ରହିଚି
ଯଶ ପାଶେ ମୂଲ୍ୟହୀନ।

**ଯୌବନ**
ଇଏ କ୍ଷଣସ୍ଥାୟୀ ତାଳ ଗଛଛାଇ
ଚାହୁଁଚାହୁଁ ହେବ ଶେଷ,
ରେ ବାଇଆ ମନ କାହିଁକି ଉଚ୍ଛନ୍ନ
ଅଢ଼େଇ ଦିନକୁ ଦ୍ୱେଷ।
କ୍ଷଣ ଉତ୍ତେଜନା କରେ ଆନମନା
ଏଇ ମାତ୍ର ଅବସୋସ।

**ସମ୍ପର୍କ**
ନିବିଡ଼ ସମ୍ପର୍କ ହୋଇଯାଏ ନର୍କ
ଭୋଗରେ ନ ବଢ଼େ ତ୍ୟାଗରେ ବଢ଼େ,
ଦେବା ନେବା ପାଇଁ ସମ୍ପର୍କ ଗଢ଼ିଲେ
ସରୁ ସୂତା ପରି ଡୋର ଟି ଛିଡ଼େ।



ନଦୀର ଦାଢ଼େ,
ଅତଡ଼ା କହୁଚି ସ୍ଥଳଭାଗ ମୋର
କିଛି କ୍ଷଣେ ନଦୀ ଜଳରେ ପଡ଼େ।

ପ୍ରଗତିନଗର, ଅନୁଗୋଳ
ମୋ-୯୯୩୮୧୩୩୫୫୯

## ସାଉଁଟା ଖରାର ତାତି

ଶୁଭସ୍ମିତା ତ୍ରିପାଠୀ

ଉତୁରା ଭାତହାଣ୍ଡିର ପେଜରେ
ଜଳି ଯାଉଥିବା ହାତ
ତଥାପି ତୋଳୁଥାଏ ବାରିପଟର ବାଲିଛତୁ,
ଦାଣ୍ଡଦୁଆର ପୂର୍ଣ୍ଣ କଳସୀର ବାସିପାଣି
ବଦଳା ନ ହେଉଣୁ ବଦଳିଯାଏ ଆକାଶ,
ସଜନା ଡାଳରେ ଅଣ୍ଟ ଘଷୁଥିବା ପକ୍ଷୀ
ଏବେ ଉପନ୍ୟାସ ଛାତିରେ କାହାର
ଜମାରୁ ଭାଙ୍ଗୁନଥିବା ଅଳସ !

ସାଇତି ହେଲାନି ଜିନିଷଟେ ବୋଲି ତ
ସେଦିନର ସେ ନାରଙ୍ଗୀ ଓଢ଼ଣୀ
ଆଜିର ପୋଛାକନା

ନାଁ ଟିଏ ଦେଇ ହେଲାନି
ଗୋଟେ ପକ୍ଷୀଗୀତର ଯେ
ବାସି ହେଇ ସଢ଼ୁଥିଲା
ଟିକିଟିକି କଟାଫଳ ଓ ପକ୍ଷୀଦାନା

କହିହେଲାନି ଶବ୍ଦଟିଏ ଆକାଶକୁ ବୋଲି
କଇଁ ଛାତିର ଦୁଃଖ ସବୁ କବିତା,
ବାଣ୍ଟିହେଲାନି କଢ଼ମାନଙ୍କୁ
ଭଅଁରର ମୋକ୍ଷରୂପ ବୋଲି
ସୂର୍ଯ୍ୟକିରଣ ଏବେ ସବୁ ଫୁଲଙ୍କ ଡାଳରେ
ଅଡୁଆ ବୁଢ଼ିଆଣି ସୂତା

ଜୋର କରି ଫିଙ୍ଗିହେଲାନି
ମେଞ୍ଚେ ସାଉଁଟାପଣ ବୋଲି
ଗଙ୍ଗଶିଉଳି ଗଛଡାଳରେ
ଡାଳଭର୍ତ୍ତି ସଂବାଳୁଆ,
ଜିଦିକରି ସୁଅରେ ସ୍ଥିରକରି ହେଲାନି
କାଠଡିଆରି ହୁଲିଆଡଙ୍ଗା ଯେ
ବାରିପଟର ଚିନିମିଶା କୂଅପାଣି
ଏବେ ଖୁବ୍ ପାଣିଚିଆ !

କିଏ କହେ ?
ଫୁଲଗଛ ମରିଗଲେ କଥା ସରିଯାଏ
ଏବେ ବି
ଶୁଖିଲା ପାହାଚର ଶିଉଳି ଫୁଲରେ
ବଢ଼ି ଚାଲୁଥାଏ ବେଳକୁ ବେଳ
ବାସ୍ନାହୀନତାର ଗାଢ଼ଗାଢ଼ ତୀବ୍ରତା !

ବ୍ରହ୍ମପୁର, ଗଞ୍ଜାମ
ମୋ: ୮୪୮୦୮୬୭୧୯୦



## ଝରାଫୁଲକୁ କି ପଚାରିଛ କେବେ

ନୀଳମଣି ଚାନ୍ଦ

ଝରାଫୁଲକୁ କି ପଚାରିଛ କେବେ
ତା'ର ହଜିଗଲା ଦିନର ସ୍ମୃତି
ସେ କେଉଁ ଅଳିର ଲଭିଲା ପରଶ
କେତେ ସୁଖଦ ଯେ ସେ ଅନୁଭୂତି।

କେଉଁ ଗୋଧୂଳିରେ ଝଡ଼ିପଡ଼ିଥିଲା
ପାରିଲାନି ଆଉ ଆଲୋକ ଦେଖି
ସମୟ କି ତା'ର ଦିନଲିପିଟିରେ
ଗଲା ଯେତେ ପ୍ରୀତି ଗାଥାଟି ଲେଖି
ତାକୁ ଦେଖିଥିବା ଦର୍ଶକ ମନରେ
ମମତାଟି ଥିଲା କେତେ ତା ପ୍ରତି ?

କେଉଁ ମଧୁମଖୀ ପାଶେ ତା'ର ଆସି
ଗପ ଯେ କହିଲା କେତେ ସେ ହେବ
ସମରଭେ ତା'ର କେତେ ଶିହରଣ
ସମୀର କି ତାର ହିସାବ ଦେବ
ଝରାଫୁଲ କହୁ ଜୀବନ ତାହାର
ଥିଲା ଦୁଃଖ ଅବା ସୁଖଦ ଅତି।

ଗୋଠପାଟଣା, ଭୁବନେଶ୍ୱର
ମୋ-୯୫୮୩୨୦୨୩୫୭



# ବଲାଙ୍ଗିର ଜିଲ୍ଲା କଳାକାର ସଂଘ ତରଫରୁ ହ୍ୟୁମାନ୍ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି



ବଲାଙ୍ଗିର(ପିପିଏସ୍) : ସ୍ଥାନୀୟ ଜେଏସ୍ଏମ୍ କଲେଜ ପରିସରରେ ଜିଲ୍ଲା କଳାକାର ସଂଘ ଆନୁକୂଲ୍ୟରେ ସର୍ଗତଃ ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ବଲାଙ୍ଗିରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଂଚମର ଅଧ୍ୟକ୍ଷ ମୁରଲିଧାରୀ ପତି, ବଲାଙ୍ଗିର ନାଗରିକ କମିଟିର ସଂପାଦକ ମଧୁସୁଦନ ନାୟକ, ସଂଜ୍ୟୋତ କଳାପରିଷଦର ଅଧ୍ୟକ୍ଷା ସଂଗୀତା ଦାଶ, ପଶ୍ଚିମ ଓଡିଶା ପ୍ରଡ୍ୟୁସର ଏସୋସିଏସନର କାର୍ଯ୍ୟକାରୀ କମିଟି ସଦସ୍ୟ ମାଧବ ବାରିକ, ସିନେ କଳାକାର ରାମଶଙ୍କର ଶତପଥୀ, ଜିଲ୍ଲା କଳାକାର ସଂଘର ସଭାପତି ଅବଦୁଲ ଜମାଲ ଖାନ ଓ ବଲାଙ୍ଗିର ରେଲୱେ ୟୁଜର ଏସୋସିଏସନ ର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର ପ୍ରମୁଖ ସର୍ଗତଃ ହ୍ୟୁମାନ ସାଗର ଙ୍କ ସ୍ମୃତିଚାରଣ କରିଥିଲେ । ବରିଷ୍ଠ ନାଗରିକ ମଂଚର ସଭାପତି ପ୍ରଭାକର ମିଶ୍ର ଅମର ଆତ୍ମାର ସ୍ମୃତିଚାରଣ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଏକ ଅଖ୍ୟାତ ପଲ୍ଲିରେ ଜନ୍ମଗ୍ରହଣ କରି ଆକାଶବାଣୀ ସ୍ୱିକୃତିପ୍ରାପ୍ତ କଣ୍ଠଶିଳ୍ପୀ ରବିଚନ୍ଦ୍ର ସାଗରଙ୍କ ସୁପୁତ୍ର ହ୍ୟୁମେନ ସାଗର ନିଜର ସାଧନା ବଳରେ ରାଜ୍ୟ ତଥା ରାଜ୍ୟ ବାହାରେ ସୁନାମ ଅର୍ଜନ କରି ବଲାଙ୍ଗିର ମାଟିକୁ ଗୌରବ ବୋହି ଆଣିଥିଲେ । ନିଜର ସାଧନାପଥରେ ଅନେକ ଘାତ ପ୍ରତିଘାତକୁ ଅତିକ୍ରମ କରି ଜଣେ ସୁନାମଧନ୍ୟ କଣ୍ଠଶିଳ୍ପୀ ରୂପରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ ବୋଲି ବକ୍ତାମାନେ ମତ ରଖିଥିଲେ । ସଫଳତାର କଳେବରରେ ପାଦ ଥାପିଥିବା ସମୟରେ ହିଁ ସେ ଇହଲିଳା ସମ୍ବରଣ କଲେ ବୋଲି ସମସ୍ତ ଦୁଃଖ ପ୍ରକାଶ କରିଥିଲେ ଓ ମତ ରଖିଥିଲେ ଯେ, ହ୍ୟୁମାନ ସାଗରଙ୍କ ଦେହାନ୍ତ ବଲାଙ୍ଗିରର କଳା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । ନିରଞ୍ଜନ ରଥ, ବଲାଙ୍ଗିର ନାଗରିକ କମିଟିର କାର୍ଯ୍ୟକାରୀ କମିଟି ସଦସ୍ୟ ବିନୟ କୁମାର ମିଶ୍ର, ବରିଷ୍ଠ ନାଗରିକ ମଂଚର ପୂର୍ବତନ ସଭାପତି ନାରାୟଣ ଚନ୍ଦ୍ର ପାଢୀ ସମେତ ବହୁ ବୁଦ୍ଧିଜିବି ଓ କଳାକାର ଏଥିରେ ଅଂଶଗ୍ରହଣ କରିଥିଲେ । ସମାଜସେବୀ ପ୍ରସନ୍ନ କୁମାର ମିଶ୍ର ଓ ସୂକ୍ଷ୍ମକଳା କଳାକାର ସଚିଦାନନ୍ଦ ନାୟକ ବିଶେଷ ସହଯୋଗ କରିଥିଲେ ।

# ପୌରାଞ୍ଚଳସ୍ତରୀୟ 'ପରବ' ଉଦ୍‌ଯାପିତ

ଜୟପୁର: ଜୟପୁର ପୌରାଂଚଳସ୍ତରିୟ ପରବ ଆଜି ଦଶହରା ପଡିଆ ଠାରେ ଉଦଯାପିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ଓ ଜୟପୁର ଉପ ଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରି ଆକାବରମ ସସ୍ୟା ରେଡ୍ଡି ଉପସ୍ଥିତ ରହିଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌର ଉପାଧକ୍ଷ ବି. ସୁନିତା, ଏସଡିପିଓ ପାର୍ଥ କଶ୍ୟପ, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟ ସାଚି ଜେନା ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରି ପୁଜା ରାଉତ, ପୌର ଯନ୍ତ୍ରୀ ଅଜୟ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ । ଗତ ୨୫ ତାରିଖରେ ବଲ୍ଲଭ ନାରାୟଣ ମନ୍ଦିର ଶୁଭାରମ୍ଭ ହୋଇଥିବା ବେଳେ ୩ ଦିନ ଧରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଗତ ଦିନରେ ହୋଇଥିବା ବିଭିନ୍ନ ପ୍ରତିଯୋଗତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗିଙ୍କୁ ଉଦଯାପନୀ ଉତ୍ସବରେ ପୁରସ୍କୃତ କରାଯାଇଥିଲା ।

# ଏଏନ୍ଏମ୍‌ଙ୍କୁ ଆକ୍ରମଣ ଘଟଣା
# ଅଭିଯୁକ୍ତ ଯୁବକ ଧରାପଡ଼ିଲା



କନ୍ଧମାଳ : କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ସୋନପୁର ଉପସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମ ବୁଲିଦେଇ ସାହୁଙ୍କୁ ମରଣାନ୍ତକ ଆକ୍ରମଣରେ ଅଟକ ରହିଥିବା ଯୁବକଙ୍କୁ ଦାରିଙ୍ଗବାଡି ପୁଲିସ ଗିରଫ କରିଛି । ଗିରଫ ଯୁବକ ସୋନପୁରର ଗୋବିନ୍ଦ ବେହେରା (୨୬)ବୋଲି ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର ଜୟନ୍ତ କୁମାର ସେଠି କହିଛନ୍ତି । ଯୁବକଙ୍କ ନାମରେ ପୁଲିସ ଭାରତ ନ୍ୟାୟ ସଂହିତା ୨୦୨୩(୩୨୯)୩, (୨୯୬) ଏବଂ (୧୦୯) ଧାରାରେ କେସ୍ ନଂ ୨୨୭/୨୫ରେ ମାମଲା ରୁଜୁ କରିଛି । ଅପରାହ୍ନରେ ପୁଲିସ ଗିରଫ ଯୁବକଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇବା ପରେ ତାକୁ କୋର୍ଟ ଚାଲାଣ କରାଯାଇଥିବାର ସୂଚନ । ମିଳଛି । ସୂଚନାଯୋଗ୍ୟ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ଏଏନଏମ ବୁଲିଦେଇ ନିଜ ସରକାରୀ ବାସଭବନରେ କାର୍ଯ୍ୟ କରୁଥିବା ବେଳେ ଗୋବିନ୍ଦ ପୂର୍ବରୁ ତାଙ୍କ ଘର ବାହାରେ ଲୁଚି ରହିଥିଲେ । ବୁଲିଦେଇ ତାଙ୍କ ଘରର ଫାଟକରେ ଚାବି ପକାଇବାକୁ ଆସିଥିବା ବେଳେ ଗୋବିନ୍ଦ ବାଟୁଳି ଖଡାରେ ବୁଲିଦେଇଙ୍କ ଆଖିକୁ ଆକ୍ରମଣ କରିଥିଲେ । ଫଳରେ ବୁଲିଦେଇଙ୍କ ବାମ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ସେ ଏବେ ଏମ୍ସରେ ଭର୍ତ୍ତି ହୋଇଥିବା ଜଣାପଡିଛି । ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଚାଲିଥିବା ପୁଲିସ କହିଛି । ଘଟଣାକୁ ନେଇ ପୂର୍ବରୁ ଉକ୍ତ ବ୍ଲକର ୨୫ ପଞ୍ଚାୟତର ମହିଳା ସ୍ୱାସ୍ଥ୍ୟକର୍ମୀମାନେ ବୁଲିଦେଇଙ୍କୁ ମାଗଣା ଚିକିତ୍ସା ସହ ସମସ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ସୁରକ୍ଷା ଦେବା ଓ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଦାବି କରିଛନ୍ତି । ଏହାସହ କାର୍ଯ୍ୟବନ୍ଦ ରଖିବା ସହ ପୋଲିସ, ବିଡ଼ିଓ, ତହସିଲଦାର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ରାଜ୍ୟ ବିଭାଗୀୟ ସଚିବ, ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ସେହିପରି ଶୁକ୍ରବାର ସୋନପୁର ପଞ୍ଚାୟତରେ କାର୍ଯ୍ୟରତ ଆଶାକର୍ମୀ ମାନେ ମଧ୍ୟ ବୁଲିଦେଇଙ୍କ ପାଇଁ ବିଭିନ୍ନ ଦାବି ନେଇ ଲିଖିତ ଦାବି ପତ୍ର ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟଙ୍କୁ ଦେବା ସହ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଚିଠି ଲେଖିଥିବା ଜଣାପଡିଛି ।

# ଖଡ଼ିଆଳ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ କ୍ରୀଡା ବାର୍ଷିକ ଉତ୍ସବ ଆଜି ଉଦ୍ଘାଟିତ ହୋଇଯାଇଛି । ଅଧ୍ୟାପକ ଡଃ. ସୁରଞ୍ଜନ ପ୍ରଧାନ, ଅଧ୍ୟାପକ ଅଭିଷେକ ରଥ ଏବଂ ଛାତ୍ରମାନେ ମାଆ ସମଲେଶ୍ୱରୀଙ୍କ ଆଶିଷ ଜ୍ୟୋତି ଆଣି କ୍ରୀଡ଼ା ପଡ଼ିଆରେ ସ୍ଥାପନ କରିଥିଲେ । ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ କ୍ରୀଡା ଉତ୍ସବରେ ଉପ -ସଭାପତି ରଣବୀର ସିଂହ, ସହଯୋଗୀ ଉପସଭାପତି ସନ୍ତୋଷୀ ଶର୍ମା, ଅଧ୍ୟାପକ ମୌସମ ପ୍ରଧାନ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର, ଶାରୀରିକ ଶିକ୍ଷା ବିଭାଗ ଅଧ୍ୟାପକ ଡ଼ ସରୋଜ ପଣ୍ଡା, ଅଧ୍ୟାପିକା ରୀତା ଦାସ, ପରୀକ୍ଷା ନିୟନ୍ତ୍ରକ ସୁନୀଲ ପାଢୀ, ଗୀତାଶ୍ରୀ ପ୍ରିୟମ୍ବଦା, ରାଜଲକ୍ଷ୍ମୀ ରଥ, ବିଷ୍ଣୁଦେବ ସିଂ ମଲ୍ଲିକ, ଶିଳା ତ୍ରିବେଦୀ, ପ୍ରଣତି ପଣ୍ଡା, ବିୟୁଟି ଅଗ୍ରୱାଲ, ଗୁଣବନ୍ତ ସାହୁ, ମେଘନାଦ ସୁନା, ରାଜକୁମାର ରତେଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଖେଳ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ଡଃ. ହରେନ୍ଦ୍ର ପଣ୍ଡା, ପ୍ରାଧ୍ୟାପକ ପ୍ରମୋଦ କୁମାର ସାହୁ, ପୂର୍ବତନ ଛାତ୍ର ଯୋଗ ଦେଇଥିଲେ ।

# କନ୍ଧମାଳରେ ପୁଣି ତଳକୁ ଖସିଲା ପାରଦ

## ଘୁ. ଉଦୟଗିରିରେ ୫.୦୪ ଡିଗ୍ରୀ

କନ୍ଧମାଳ (ହି.ସ.): କନ୍ଧମାଳରେ ୧୫ ଦିନ ପରେ ପୁଣି ତଳକୁ ଖସିଲା ତାପମାତ୍ରା । ଗତ ୧୩ ତାରିଖ ଦିନ ଦାରିଙ୍ଗବାଡ଼ିର ତାପମାତ୍ରା ୭.୫ ଡିଗ୍ରୀ ରହିଥିଲା ଓ ଫୁଲବାଣୀ ୮.୫ ଡିଗ୍ରୀ ଥିଲା । ଏହା ଚଳିତ ବର୍ଷ ର ସର୍ବନିମ୍ନ ତାପମାତ୍ରା ରହିଥିଲା । ଏହାପରେ ପରେ ଲଘୁଚାପର ପ୍ରଭାବରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ହୋଇଥିବା ସହ ଶୀତର ପ୍ରକୋପ ମଧ ସାମାନ୍ୟ କମିଥିଲା । ଲଘୁଚାପର ପ୍ରଭାବ କମିବା ପରେ ଆଜି ଦୀର୍ଘ ୧୫ ଦିନ ପରେ ଜିଲ୍ଲାରେ ବିଭିନ୍ନ ଅଂଚଳରେ ତାପମାତ୍ରା ପୁଣି କମିଛି । ଆଜି ଜିଲ୍ଲାର ଘୁ. ଉଦୟଗିରିର ସର୍ବନିମ୍ନ ତାପମାତ୍ରା ୫.୪ ଡିଗ୍ରୀ ସେଲସିୟସ ରହିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ସେହିପରି ଜିଲ୍ଲାର ଦାରିଙ୍ଗବାଡ଼ିରେ ୮.୫ ଏବଂ ଜିଲ୍ଲା ସଦରମହକୁମା ଫୁଲବାଣୀର ତାପମାତ୍ରା ୮.୫ ଡିଗ୍ରୀ ରହିଛି । ଗତ ୨ ଦିନ ହେଲା କୁହୁଡ଼ିର ପ୍ରଭାବ ମଧ କମିଥିବା ବେଳେ ଦିନରେ ପ୍ରଚଣ୍ଡ ଖରା ସହ ସନ୍ଧ୍ୟା ସମୟ ସକାଳ ୮ଟା ପର୍ଯ୍ୟନ୍ତ ପ୍ରବଳ ଶୀତ ଅନୁଭୂତି ହେଉଛି । ଶୀତର ମଜା ନେବାକୁ ପର୍ଯ୍ୟଟକ ମାନେ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଗୁଡିକରେ ଭିଡ଼ ଜମାଉଛନ୍ତି । ଜିଲ୍ଲାର ଆଭ୍ୟନ୍ତରୀଣ ଅଂଚଳରେ ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ଜାଳି ପାଖରେ ବସିଥିବା ଦେଖିବାକୁ ମିଳୁଛି । କାମଧନ୍ଦା ପାଇଁ ଘରୁ ୧୦ଟା ପରେ ହିଁ ଯିବାକୁ ହେଉଛି ବୋଲି ଶ୍ରମିକମାନେ କହିଛନ୍ତି ।

# ବ୍ଲକସ୍ତରୀୟ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ପରିସରରେ ଖଡ଼ିଆଳ ବ୍ଲକସ୍ତରୀୟ ଭତା ବଂଟନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ସଭାରେ ବିଏସଏସଓ କୁମାର ମାଝୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ପଂଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ପଂଚାୟତ ସମିତି ଉପାଧ୍ୟକ୍ଷ ଗୌତମ ତାଣ୍ଡି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିଳନ କୁମାର ଝାଙ୍କର, ଖାସବାହାଲ ସରପଂଚ କୁନୁ ଚରଣ ବେହେରା, ଭୁଲିଆଶିକୁଆଁ ସମିତିସଭ୍ୟ ଶିଶୁପାଳ ବାଗ ପ୍ରମୁଖ ମଞ୍ଚାସିନ ରହି ନୂତନ ଭାବେ ଭତା ବଂଟନ କରିଥିଲେ । ଖଡ଼ିଆଳ ବ୍ଲକର ୨୬ ଗୋଟି ପଂଚାୟତରେ ମୋଟ ୧୯୪ ଜଣଙ୍କୁ ଭତା ବଂଟନ କରାଯାଇଥିଲା । ଏଥିରେ ବାର୍ଦ୍ଧକ୍ୟ ଭତା ୮୪ ଜଣ, ଭିନ୍ନକ୍ଷମ ଭତା ୫୫ ଜଣ, ବିଧବା ଭତା ୩୫ ଜଣ, ଅବିବାହିତ ଭତା ୧୫ ଜଣ, ସ୍ୱାମୀ ପରିତ୍ୟକ୍ତା ୫ ଜଣଙ୍କୁ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଏସଏସଓ କାର୍ଯ୍ୟାଳୟର କର୍ମଚାରୀ ପ୍ରସନ୍ନ କୁମାର ମେହେର, ବିକାଶ କଛିଆ ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ତମାଖୁ ମୁକ୍ତ ଅଭିଯାନ

ନୂଆପଡ଼ା: ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଯୁବ ସମାଜ ପାଇଁ ଜିଲ୍ଲାସ୍ତରୀୟ ତମାଖୁ ମୁକ୍ତ ଅଭିଯାନ ୩. ର ଶୁଭାରମ୍ଭ କରାଯାଇଥିଲା । ଏଠାରେ ତମାଖୁ ଓ ଏହାର କୁପ୍ରଭାବ ଉପରେ ଆଲୋକପାତ କରାଯାଇଥିଲା । ତମାଖୁ ସେବନ ଅଣସଂକ୍ରାମକ ରୋଗର ପ୍ରମୁଖ କାରଣ ଅଟେ । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ସମସ୍ତ କର୍ମଚାରୀମାନଙ୍କ ସହିତ ଜିଲ୍ଲାର ଅନ୍ୟାନ୍ୟ ସମସ୍ତ ବିଭାଗର କର୍ମକର୍ତାମାନେ ଉପସ୍ଥିତ ରହିଥିଲେ । ତମାଖୁ ସେବନ ଅଭ୍ୟାସ ଛାଡିବା ପାଇଁ ଶପଥ ପାଠ କରାଯାଇଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର କୌଣସି ଅଫିସରେ କେହି ବି ତମାଖୁ ସେବନ କରିବେ ନାହିଁ । ଯଦି କରିବେ, ସେମାନଙ୍କଠାରୁ ଜୋରିମାନା ଆଦାୟ କରାଯିବ । ଏହାପରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମାସିକ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁହାର କମିବା ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା । ଆଇ. ସି. ଡ଼ି. ଏସ୍. ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଭବିଷ୍ୟତରେ କାମ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଆୟୁଷ୍ମାନ ଆରୋଗ୍ୟ କାର୍ଡ ଓ ବୟ ବନ୍ଦନା କାର୍ଡ ବଂଟନ ଉପରେ ମଧ ଆଲୋଚନା କରାଯାଇଥିଲା । ନେତ୍ର ଚିକିତ୍ସା, ଆର. ବି. ଏସ୍. କେ ଉପରେ ମଧ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦ୍ୱାରିକାନାଥ ଶତପଥୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡାକ୍ତର ଲଳିତ ମୋହନ ବିଶି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭେକ୍ଟର ବାହିତ ରୋଗ) ଡାକ୍ତର ଗୁରୁ ପ୍ରସାଦ ଜେନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡାକ୍ତର ମଂଜୁରାଣୀ ସିଂହ, ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ବିଦ୍ୟାଧର ନାଗ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡାକ୍ତର ତନ୍ମୟ ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡାକ୍ତର ଦିଲ୍ଲୀପ କୁମାର ଦାସ ଓ ଜିଲ୍ଲା ପ୍ରକଳ୍ପ ପରିଚାଳକ ସତ୍ୟନାରାୟଣ ତ୍ରିପାଠୀ ଉପସ୍ଥିତ ଥିଲେ ।

# ପୋଷ୍ୟ ସନ୍ତାନ ଗ୍ରହଣ ସଚେତନା ମାସ ପାଳିତ

ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ, ସୁବର୍ଣ୍ଣପୁର ମିଳିତ ସହଯୋଗରେ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ପୌଷ୍ୟ ସନ୍ତାନ ଗ୍ରହଣ ସଚେତନା ମାସ ୨୦୨୫ ପାଳନ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗଦେଇ ପୌଷ୍ୟ ସନ୍ତାନ ଗ୍ରହଣ ଆଇନ ଗତ ବ୍ୟବସ୍ଥା ବିଷୟରେ କହିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନ ପଧାନ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ଦେବାଶିଷ ଦାସ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଅନୁପମା ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟ ଶଙ୍କର ଧରୁଆ ଯୋଗଦେଇ ମତାମତ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ପୌଷ୍ୟ ସନ୍ତାନ ଗ୍ରହଣ ର ବିଭିନ୍ନ ସୋପାନ ତଥା ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ଏକ ସଚେତନତା ରଥ ପ୍ରଥମରେ ଜିଲ୍ଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ, ସମସ୍ତ ସମ୍ବନ୍ଧିତ ଶିଶୁ ବିକାଶ ପ୍ରକଳ୍ପ ଗୁଡ଼ିକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବୃନ୍ଦ, ମହିଳା ସୁପରଭାଇଜର, ଅଙ୍ଗନବାଡି କର୍ମି, ଆଶା କର୍ମି ଯୋଗ ଦେଇଥିଲେ ସା ଅନୁଷ୍ଠାନ, ସଖିଅନୁଷ୍ଠାନ, ଉତ୍କଳ ବାଳାଶ୍ରମ, ଚାଇଲଡ ହେଲ୍ପ ଲାଇନର କର୍ମୀ ଯୋଗ ଦେଇଥିଲେ । ଏହି ଅବସରରେ ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ର ଶାନ୍ତା ବାରିକ ଏବଂ ଅଙ୍ଗନବାରଡ଼ି କର୍ମୀ ଗୀତାଞ୍ଜଳି ସାଇଁଙ୍କୁ ଉତ୍ତମ କାର୍ଯ୍ୟ ପାଇଁ ସମର୍ଦ୍ଧିତ କରାଯାଇ ଥିଲା କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପଂଚାୟତ ଅଧିକାରୀ ତଥା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀ, ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର, ଅଣ ଅନୁଷ୍ଠାନିକ ଅଧିକାରୀ ଗୌତମ ମହାପାତ୍ର, ପୋଲିସ ଅଧିକାରୀ ଉପସ୍ଥିତ ଥିଲେ । ଅନୁଷ୍ଠାନିକ ଅଧିକାରୀ, ବିଜୟ ବୁଦ୍ଧ୍ୱାଳ ଧନ୍ୟବାଦ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଥବିର କଳାସେ, ପ୍ରଶାନ୍ତ ମହାକୁଡ଼, ରୁଦ୍ର ପ୍ରସନ୍ନ ମିଶ୍ର, ଜିତେନ୍ଦ୍ର ମଣ୍ଡଳ, ସରିତା ସୁନା, ମାନିନୀ ମହାନ୍ତି, ମୃତୁଞ୍ଜୟ, ଅନିଲ ମହଲା ସଭାରେ ଉପସ୍ଥିତ ଥିଲେ ।

# ବଇଡ଼ାରେ ଜିଲ୍ଲାସ୍ତରୀୟ ସର୍ଗିଫୁଲ



କନ୍ଧମାଳ : କନ୍ଧମାଳ ଜିଲ୍ଲା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଶିଶୁ ପ୍ରତିଭା ଅନ୍ୱେଷଣ ନିମନ୍ତେ ଜିଲ୍ଲା ସ୍ତରୀୟ ସର୍ଗିଫୁଲ-୨୦୨୫ ମଙ୍ଗଳ ଅଧିକାରୀ ରବି ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବଇଡା ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ରୂପେ ଫୁଲବାଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା କହଁର, ଗଞ୍ଜୁଗୁଡ଼ା ସରପଞ୍ଚ ଆଲୋକ କହଁର, ବାଲିଗୁଡା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଉମେଶ ଚନ୍ଦ୍ର ବେହେରା, ଫୁଲବାଣୀ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସତ୍ୟଜିତ ଦାସ ପ୍ରମୁଖ ଯୋଗ ଦେଇ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗ ପିଲାମାନଙ୍କ ପ୍ରତିଭାର ବିକାଶ ନିମନ୍ତେ ପ୍ରେରଣା ପ୍ରଦାନ କରିବା ସହ, ପ୍ରତିଭାବାନ ଛାତ୍ର ଛାତ୍ରୀଙ୍କ ପ୍ରତିଭାର ପ୍ରଶଂସାଗାନ କରିଥିଲେ । ମୁଖ୍ୟବକ୍ତା ରୂପେ ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ପାତ୍ର ପିଲାମାନଙ୍କୁ ଅଭ୍ୟାସ ବଳରେ ଅସାଧ୍ୟକୁ କିପରି ସାଧନ କରାଯାଇପାରେ ଉକ୍ତ ମନ୍ତ୍ରରେ ଅଭିମନ୍ତ୍ରିତ କରିଥିଲେ । ପରିଶେଷରେ ମୁଖ୍ୟଅତିଥି ଜିଲ୍ଲା ସ୍ତରୀୟ ଭଲିବଲ ଓ ବିଜ୍ଞାନ ମେଳାକୁ ଉଦଘାଟନ କରି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସାଗାନ କରିଥିଲେ । ଶିକ୍ଷକ ସୁଧୀର କୁମାର ସାହୁ ଓ ତ୍ରିଲୋଚନ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଅଶୋକ କୁମାର ଷଡଙ୍ଗୀ ମଞ୍ଚ ପୂଜନ କରିଥିଲେ । ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୈତାରୀ ଦିଗାଲ, ରମେଶ କୁମାର ସାହୁ, ସନ୍ତୋଷ ଭୋଇ, କୈଳାଶ ସିଂ, ରଞ୍ଜନ କୁମାର ପାଢ଼ୀ, ଗୁରୁପ୍ରସାଦ ସାହୁ, ଉମା ଶଙ୍କର ସାମନ୍ତରାୟ, ସରୋଜ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ, କ୍ରୀଡା ଶିକ୍ଷକ କୃଷ୍ଣ ଚନ୍ଦ୍ର ଗୌଡ଼ ଓ ଅନ୍ୟ ସମସ୍ତ ବିଦ୍ୟାଳୟର କ୍ରୀଡା ଶିକ୍ଷକବୃନ୍ଦ ବୃନ୍ଦ ଜିଲ୍ଲା ସ୍ତରୀୟ ଭଲିବଲ ପ୍ରତିଯୋଗିତା ପରିଚାଳନା କରିଥିଲେ କ୍ଷ ପରିଶେଷରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଜୟଲାଲ୍ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସମ୍ବିଧାନ ଦିବସ ପାଳିତ




ବଲାଙ୍ଗିର (ପିପିଏସ୍) : ରାଜ୍ୟ ଆଇନ ସେବା ପ୍ରାଧିକରଣ ର ନିର୍ଦ୍ଦେଶ କ୍ରମେ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଙ୍କ ଅନୁମତି କ୍ରମେ ବଲାଙ୍ଗିର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ, ବଲାଙ୍ଗିର ଠାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଅଛି । ଏହି ଶିବିରରେ ଫ୍ୟାମିଲି କୋର୍ଟ ଜଜ୍ ବିକ୍ରମ କେଶରି ପଟ୍ଟନାୟକ ଯୋଗଦେଇ ସମ୍ବିଧାନ ଦିବସର ମହତ୍ୱ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏଥିରେ ବରିଷ୍ଠ ଆଇନଜୀବୀ ଜୟକୃଷ୍ଣ ସାହୁ ଯୋଗଦେଇ ସମ୍ବିଧାନର ପ୍ରଣୟନ କମିଟି ଉପରେ ଆଲୋକପାତ କରିଥିଲେ । ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପବିତ୍ରାନନ୍ଦ ପ୍ରଧାନ ସମ୍ବିଧାନର ଦାୟିତ୍ୱବୋଧତା ଓ ନୀତି ପାଳନ କରିବା ସହିତ ଏହି ଦିବସର ଇତିହାସ ଓ ସୁସ୍ଥ ସମାଜ ଗଠନରେ ଏହାର ଭୂମିକା ଉପରେ ଅବଗତ କରାଇଥିଲେ । ଏହି ସଭାରେ ପ୍ରୋବେସନର ମାଜିଷ୍ଟ୍ରେଟ ରାଜଶ୍ରୀ ପ୍ରିୟଦର୍ଶିନୀ ସମ୍ବିଧାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ସଂଜୀବ ପ୍ରଧାନ ପରିଚାଳନା କରୁଥିଲେ ଓ ଅଧ୍ୟାପକ ଶ୍ରୀଯୁକ୍ତ ଚଣ୍ଡିପ୍ରସାଦ ଖମାରୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ତଥା କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।

# କାସାଣ୍ଡ୍ରା ନାଟ୍ୟ ମହୋତ୍ସବ

କେନ୍ଦୁଝର : କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ କାସାଣ୍ଡ୍ରା କଲଚରାଲ ସେଂଟର, ମାଧପୁର ପକ୍ଷରୁ ୨୮ ଓ ୨୯ ତାରିଖ ଦୁଇଦିନ ଧରି ସ୍ଥାନୀୟ ଟାଉନ୍ ହଲ୍ ଠାରେ ନାଟ୍ୟ ମହୋତ୍ସବ ଆୟୋଜିତ ହୋଇଛି । ମହୋତ୍ସବ ସଭାପତି ହରିହର ସାହୁଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ସମାଜସେବୀ ବିଶ୍ୱଜିତ ତ୍ରିପାଠୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଭାସ୍କର ମିଶ୍ର ପରିଚାଳନା କରିଥିବାବେଳେ ସଂପାଦକ ରବୀନ୍ଦ୍ର ସେଠୀ ବିବରଣୀ ପାଠ କରୁଥିଲେ । ପ୍ରଥମ ଦିନରେ କାସାଣ୍ଡ୍ରା କଲଚରାଲ ସେଂଟରର ନିଜସ୍ୱ ନାଟକ 'କାହାଣୀ ଦୁଇଟି ଆଖିର' ମଂଚସ୍ଥ ହୋଇଥିବାବେଳେ ବିଶ୍ୱଜିତ୍ ବେଜ ଏହାର ନିର୍ଦ୍ଦେଶନା ଦେଇଥିବାବେଳେ ଡ. ବନବିହାରୀ ପଣ୍ଡା ନାଟକ ରଚନା କରିଛନ୍ତି । ଗୀତିକାର ସୁବ୍ରତ ସ୍ୱାଇଁଙ୍କ ଗୀତରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶ୍ୟାମ ପଣ୍ଡା । ସେହିପରି ଶନିବାର ସମ୍ବଲପୁର ଶ୍ରୀ କଲଚରାଲ ଆସୋସିଏସନ୍‌ର ନାଟକ ସାଧନା ଓ ରଙ୍ଗମଂଚ ପୁରୀର ନାଟକ ବ୍ରେନ ଗେନ୍ ଡଟ୍ କମ୍ ମଂଚସ୍ଥ ହେବ । ନାଟକ ସମ୍ବଲପୁରର ନାଟ୍ୟକାର ଆଶିଷ କୁମାର ସୁନାର ଓ ନିର୍ଦ୍ଦେଶନା ଦେଇଛନ୍ତି ସତ୍ୟରଞ୍ଜନ ବେହେରା । ସେହିପରି ପୁରୀର ରଙ୍ଗଶାଳାର ନାଟକ ବ୍ରେନଗେନ ଡଟ୍ କମ୍‌ରେ ନାଟ୍ୟକାର ଡ. ସଞ୍ଜୟ ହାତୀ ଓ ନିର୍ଦ୍ଦେଶନା ବିକ୍ରମ ସାହୁ ଦେଇଛନ୍ତି ।

# ସମ୍ବଲପୁର ମହାନଗର ନିଗମ କୁଦୋପାଲିର ବିକାଶ ପାଇଁ ପ୍ରସ୍ତୁତି

ସମ୍ବଲପୁର, (ହି.ସ.): ଭାରତର ସ୍ୱାଧୀନତା ସଂଗ୍ରାମ ଐତହ୍ୟର ସଂରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ବମ୍ବେର ସମ୍ମାନଜନକ ଜେ.ଜେ. ସ୍କୁଲ ଅଫ୍ ଆର୍ଟସ୍, ସ୍ୱାଧୀନତା ସଂଗ୍ରାମୀଙ୍କ ସହ ଜଡିତ ପବିତ୍ର ଭୂମି କୁଦୋପାଲିର ସାମଗ୍ରିକ ବିକାଶ ପାଇଁ ସମ୍ବଲପୁର ମହାନଗର ନିଗମ ସହିତ ସହଯୋଗ କରିବ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏହି ସହଯୋଗିତା ଆରମ୍ଭ ହେଉଛି, ଯିଏ ଜେଜେ ସ୍କୁଲ ଅଫ୍ ଆର୍ଟସ୍ କୁ ଏହାର କଳାତ୍ମକ ଦକ୍ଷତା ଏବଂ ଜାତୀୟ ଅଭିଜ୍ଞତା ଆଣିବାକୁ ଉତ୍ସାହିତ କରିଛନ୍ତି । ଏହି କୁଦୋପାଲି ପାଇଁ ଏକ ବିଶିଷ୍ଟ ସ୍ମାରକ ଓ ବିକାଶ ଯୋଜନା ତିଆରି କରିବା ପାଇଁ ସମ୍ବଲପୁର ମହାନଗର ନିଗମକୁ ପ୍ରେରିତ କରିବ । କୁଦୋପାଲିକୁ ସ୍ୱାଧୀନତା ସଂଗ୍ରାମର ଐତିହାସିକ ସ୍ମୃତି, ସ୍ଥାନୀୟ ସଂସ୍କୃତିକ ଐତିହ୍ୟ ଓ ଲୋକଙ୍କ ତ୍ୟାଗ-ସାହସର ପ୍ରତୀକ ଭାବେ ଏକ ବିଶିଷ୍ଟ ହେରିଟେଜ ଇଣ୍ଟରପ୍ରେଟିସନ ସାଇଟ୍ ରୂପେ ବିକଶିତ ହେବ ବୋଲି ଆଶା କରାଯାଇଛି । ଏହି ସହଯୋଗିତା ଅଧୀନରେ , ଉଭୟ ଅନୁଷ୍ଠାନର ଅଧିକାରୀମାନେ ସ୍ଥାନର ଐତିହ୍ୟ ଓ ସଂଗ୍ରାମୀ ମାନଙ୍କ ବୀରତାକୁ ଦର୍ଶାଇବା ପାଇଁ ଥିମାଟିକ ଇନ୍‌ଷ୍ଟଲେଶନ୍, ସାର୍ବଜନିକ ଶିଳ୍ପ କଳାକୃତି, ଆକର୍ଷଣୀୟ ଲ୍ୟାଣ୍ଡସ୍କେପ୍ ଡେଭଲପମେଣ୍ଟ ପର୍ଯ୍ୟଟକ ଓ ଭ୍ରମଣକାରୀମାନଙ୍କ ପାଇଁ ଅନୁକୂଳ ସୁବିଧା ଇତ୍ୟାଦି ଗୁଡିକର ନିର୍ମାଣ ନିମନ୍ତେ ଆଲୋଚନା ଆରମ୍ଭ କରିବେ । ଏହି ପ୍ରୟାସ ମାଧ୍ୟମରେ କୁଦୋପାଲିକୁ ଦେଶ ମାନଚିତ୍ରରେ ରାଷ୍ଟ୍ରୀୟ ସ୍ତରର ପ୍ରେରଣାଦାୟକ କେନ୍ଦ୍ର ଭାବେ ଗଢ଼ି ତୋଳାଯିବା ସହ, ପଶ୍ଚିମ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମରେ ଅବଦାନକୁ ନୂଆ ପରିଚୟ ଦେବାର ଲକ୍ଷ୍ୟ ରହିଛି । ଆଗାମୀ ଦିନରେ ଏହି ପ୍ରକଳ୍ପ ପାଇଁ ବିସ୍ତୃତ ସ୍ଥଳ ସମୀକ୍ଷା ଐତିହାସିକ ତଥ୍ୟ ସଂଗ୍ରହ ଓ କନସେପ୍ଟ ଫେଜ୍ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି ।

# ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂଙ୍କ ସ୍ମୃତି ଦିବସ

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ଜମନକିରା ସ୍ଥିତ ଆଦିବାସୀ ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଏହାର ସଭାପତି ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆଦିବାସୀ ଭବନ ପରିସରରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂ ଙ୍କ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରୀ ନାୟକ ଭାଷଣ ଦେଇ ଭି ପି ସିଂ ରାଜା ପରିବାର ର ସଦସ୍ୟ ହୋଇ ଥିଲେ ମଧ୍ୟ ସେ ସାମାଜିକ ନ୍ୟାୟର ପ୍ରତୀକ ଥିଲେ ବୋଲି କହିଥିଲେ । ସେ ତାଙ୍କ ବକ୍ତବ୍ୟରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ,ଭାରତର ଅର୍ଥମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବରେ ବିଭିନ୍ନ ଦେଶ ହିତକର ପଦକ୍ଷେପ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ ।

# ଇସ୍ପାତ ଏକ୍ସପ୍ରେସ୍ ଦରରେ ସୁପରଫାଷ୍ଟ ହେଲେ ଗତି ମନ୍ଥର
# କେନ୍ଦ୍ର ରେଳମନ୍ତ୍ରୀ ପଦକ୍ଷେପ ନେବାକୁ ଦାବି

ବଲାଙ୍ଗିର(ପିପିଏସ୍) : ଇସ୍ପାତ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ ଟିଟିଲାଗଡ କଣ୍ଟାବାଞ୍ଜିରୁ ବାହରି ହାଓ୍ୱାଡା ତଥା କୋଲକତାକୁ ପ୍ରତିଦିନ ସେବା ପ୍ରଦାନ କରିଥାଏ । ହଜାର ହଜାର ଯାତ୍ରି ଏହି ଟ୍ରେନରେ ନିୟମିତ ଭାବେ ଯିବାଆସିବା କରିଥାନ୍ତି । ଦିନ ଥିଲା ଏହି ଟ୍ରେନ ସମୟାନୁବର୍ତ୍ତିତା ପାଇଁ ରେଳଯାତ୍ରୀଙ୍କ ବିଶ୍ୱାସଭାଜନ ହୋଇପାରିଥିଲା । ଟିଟିଲାଗଡ, ବଲାଙ୍ଗିର, ବରପାଲି, ବରଗଡ, ସମ୍ବଲପୁର, ଝାରସୁଗୁଡା, ବ୍ରଜରାଜନଗର, ରାଉରକେଲା ଇତ୍ୟାଦି ପଶ୍ଚିମ ଓଡିଶାର ପ୍ରମୁଖ ସହରମାନଙ୍କୁ ପ୍ରତ୍ୟହ ସମୟାନୁସାରେ ସଂଯୋଗ ସ୍ଥାପନ କରିବା ସହ କୋଲକତା ସହ ସଂଯୋଗ ସ୍ଥାପନ କରୁଥିଲା କିନ୍ତୁ ଏହି ସମୟାନୁବର୍ତ୍ତିତା ବତର୍ତ୍ତମାନ ଇତିହାସ ହୋଇଯାଇଛି । ପ୍ରାୟ ଦୁଇ ବର୍ଷ ହେବ ଏହି ଟ୍ରେନ ନିୟମିତ ଭାବରେ ବିଳମ୍ବରେ ଚଳାଚଳ କରୁଛି । ସମଗ୍ର ପଶ୍ଚିମ ଓଡିଶାରେ ଏହାକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଯୋର ଧରିଛି । ଏହି ବିଳମ୍ବ ଜନିତ କାରଣ ଜାଣିବା ପାଇଁ ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମି ହେମନ୍ତ କୁମାର ପଣ୍ଡା ପୂର୍ବତଟ ରେଲେଓ୍ୱକୁ ତଥ୍ୟ ଦେବା ପାଇଁ ଅନୁରୋଧ କରିଥିଲେ । ଦୈନିକ କେତେ ବିଳମ୍ବ ଓ ବିଳମ୍ବର କାରଣକୁ ନେଇ ତଥ୍ୟ ପ୍ରଦାନ କରିବାକୁ ପୂର୍ବତଟ ରେଳ ଟାଳଟୁଳ ନିତୀକୁ ଆଦରି ଏହି ତଥ୍ୟକୁ ସଂକଳିତ ଭାବେ ରଖାଯାଇ ନଥିବା ଉଲ୍ଲେଖ କରିଛି । ଯାତ୍ରା ପାଇଁ ରିଜର୍ଭେସନ କରିଥିବା ଯାତ୍ରୀଙ୍କ ଠାରୁ ସୁପରଫାଷ୍ଟ ସରଚାର୍ଜ ବାବଦକୁ ଗତ ୬ ମାସରେ ତଥା ୧/୫/୨୦୨୫ ରୁ ୩୧/୧୦/୨୦୨୫ ପର୍ଯ୍ୟନ୍ତ ଟିଟିଲାଗଡ-ହାଓ୍ୟାଡା ୧୨୮୭୨ନଂ ଟ୍ରେନରୁ ୨୨ ଲକ୍ଷ ୮୧ ହଜାର ଟଙ୍କା ଓ କଣ୍ଟାବାଞ୍ଜି- ହାଓ୍ୟାଡା ୨୨୮୬୨ନଂ ଟ୍ରେନରୁ ୨୬ ଲକ୍ଷ ୬୫ ହଜାର ଟଙ୍କା ଆଦାୟ କରାଯାଇଥିବା ତଥ୍ୟ ଇଷ୍ଟକୋଷ୍ଟ ରେଲେଓ୍ୱର ସମ୍ବଲପୁର ଜନ ସୂଚନା ଅଧିକାରୀ ପୋନା ଭେଙ୍କଟେଶ ସୂଚନା କର୍ମି ପଣ୍ଡାଙ୍କୁ ପ୍ରଦାନ କରିଛନ୍ତି । ଏହି ତଥ୍ୟରୁ ଜଣାପଡିଛି ଯେ, ଇସ୍ପାତ ଏକ୍ସପ୍ରେସରେ ଯାତ୍ରା କରିଥିବା ରେଳ ଯାତ୍ରୀଙ୍କ ଠାରୁ ଗତ ୬ ମାସରେ କେବଳ ସୁପରଫାଷ୍ଟ ସରଚାର୍ଜ ବାବଦକୁ ୪୯ ଲକ୍ଷ ୪୬ ହଜାର ଟଙ୍କା ରେଳ ବିଭାଗ ନେଇଛି । ଅର୍ଥାତ୍ ଦୈନିକ ପ୍ରାୟ ୨୮ ହଜାର ଟଙ୍କା ସୁପରଫାଷ୍ଟ ସରଚାର୍ଜ ବାବଦକୁ ରେଳ ବିଭାଗ ନେଉଥିଲେ ମଧ୍ୟ ଏହି ଟ୍ରେନ ଆଉ ସୁପରଫାଷ୍ଟ ସେବା ଦେଉ ନଥିବା ପଣ୍ଡା କହିଛନ୍ତି । ଏହି ଟ୍ରେନ ଦରରେ ସୁପରଫାଷ୍ଟ କିନ୍ତୁ ଗତିରେ ମନ୍ଥର ବୋଲି ପଣ୍ଡା କହିଛନ୍ତି । ଇସ୍ପାତ ଏକ୍ସପ୍ରେସରେ ଯାତ୍ରୀଙ୍କ ଠାରୁ ସୁପରଫାଷ୍ଟ ସରଚାର୍ଜ ନିଆଯାଇ ଯାତ୍ରୀଙ୍କୁ ଶୋଷଣ କରାଯାଉଛି ବୋଲି ପଣ୍ଡା କହିଛନ୍ତି । ବିଳମ୍ବ ଜନିତ କାରଣକୁ ଦୂର କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ରେଳ ବିଭାଗ ନିର୍ଦ୍ଦିଷ୍ଟ ତଥ୍ୟ ପ୍ରଦାନ ନକରି ନିରବ ରହିଛି ବୋଲି ପଣ୍ଡା କହିଛନ୍ତି । ବିଳମ୍ବ ଜନିତ କାରଣକୁ ଦୂର କରିବା ପାଇଁ ରେଳ ବିଭାଗର ଉଦାସୀନତା ଅତ୍ୟନ୍ତ ଚିନ୍ତାଜନକ ବୋଲି ପଣ୍ଡା କହିଛନ୍ତି । ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏଦିଗରେ ପଦକ୍ଷେପ ନେବାକୁ ପଣ୍ଡା ଦାବୀ କରିଛନ୍ତି ।

# ଅଧ୍ୟାପକ ବିଶ୍ୱରଂଜନଙ୍କୁ 'ସାତକଡ଼ି ହୋତା ସାହିତ୍ୟ ଓ ସାମ୍ବାଦିକତା' ସମ୍ମାନ

**ଭୁବନେଶ୍ୱର (ପିପିଏସ୍):** ସାହିତ୍ୟିକ ଓ ସାମ୍ବାଦିକ ସାତକଡ଼ି ହୋତାଙ୍କ ଜନ୍ମତିଥିରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଲେଖକ ସମବାୟ ସମିତିର ଆନୁକୂଲ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜୀବନବ୍ୟାପୀ ଅବଦାନ ପାଇଁ ଅଧ୍ୟାପକ ବିଶ୍ୱରଂଜନଙ୍କୁ 'ସାତକଡ଼ି ହୋତା ସାହିତ୍ୟ ଓ ସାମ୍ବାଦିକତା ସମ୍ମାନ-୨୦୨୫' ପ୍ରଦାନ କରାଯାଇଛି । 'ନିତିଦିନ' ସମ୍ପାଦକ ମନୋଜ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସ୍କୃତି ସଚିବ ଦେବପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇ ହୋତାଙ୍କ ଅବଦାନ ସ୍ମରଣ କରିଛନ୍ତି । ମୁଖ୍ୟବକ୍ତା ଭାବେ ବରିଷ୍ଠ ସ୍ତମ୍ଭକାର ଦାଶ ବେନହୁର ଯୋଗଦେଇ କହିଛନ୍ତି, ସାହିତ୍ୟ-ସାମ୍ବାଦିକତା ପରସ୍ପର ପରିପୂରକ । ସମ୍ବର୍ଦ୍ଧିତ ହେବା ପରେ ବିଶ୍ୱରଂଜନ କହିଛନ୍ତି ଯେ ହୋତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଲମ ଚଳାଉଛନ୍ତି । ଏହି କାର୍ଯ୍ୟକ୍ରମରେ ଏକାଡେମୀ ସଚିବ ଡ.ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ଦେଇଥିଲେ । ଓଡ଼ିଶା ଲେଖକ ସମବାୟ ସମିତିର ସଭାପତି ପୀତବାସ ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମିତିର ନିର୍ଦ୍ଦେଶକ ଡ. ଝାଡ଼େଶ୍ୱର ପ୍ରଧାନଙ୍କ ପୁସ୍ତକ 'ଜାଗୃତି ଓ ଅନ୍ୟାନ୍ୟ ନାଟକ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସମିତିର ସମ୍ପାଦକ ସୁକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସାତକଡ଼ି ହୋତାଙ୍କ କନ୍ୟା ଓ ପୁତ୍ର ଉପସ୍ଥିତ ରହିଥିଲେ ।

# ମୋବାଇଲ୍ ଚୋର ଦୋଷୀ ସାବ୍ୟସ୍ତ

**ଭୁବନେଶ୍ୱର (ପିପିଏସ୍):** ଖଣ୍ଡଗିରି ଥାନା ଅଞ୍ଚଳର ଏକ ମୋବାଇଲ ଚୋରି ମାମଲାର ରାୟ ପ୍ରକାଶ ପାଇଛି । ଭୁବନେଶ୍ୱର ସ୍ଥିତ ଜେଏମଏଫସି ୫ମର ବିଚାରପତି ଇତିଶ୍ରୀ ମହାପାତ୍ର ଆସାମୀ ମନୋଜ ବେହେରା ଓରଫ ଚାଣ୍ଡାଳକୁ ଦୋଷୀ ସାବ୍ୟସ୍ତ କରିଛନ୍ତି ।

ପୁଲିସ ସୂଚନାନୁସାରେ, ଗତ ଏପ୍ରିଲ ମାସ ୧୫ ତାରିଖ ରାତିରେ କସମୋପଲିସ ନିକଟସ୍ଥ ମଧୁସୂଦନ ସମବାୟ ନଗରରେ ରହୁଥିବା ତଥାଗତ ମହାରଣା ଘରେ ଶୋଇଥିବା ସମୟରେ ଚାଣ୍ଡାଳ ସୁଯୋଗ ଦେଖି ସେମାନଙ୍କ ମୋବାଇଲ୍ ଚୋରି କରି ନେଇଥିଲା । ଏନେଇ ତଥାଗତ ଅଭିଯୋଗ କରିବା ପରେ ଖଣ୍ଡଗିରି ଥାନା ପୁଲିସ କେସ୍ ନଂ - ୨୩୭ ରେ ଦଫା ୩୦୫(ଏ) ବିଏନ୍ଏସ୍ ଲଗାଇ ମାମଲା ରୁଜୁ କରିଥିଲା । ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ରାମଚନ୍ଦ୍ର ବିଶ୍ୱାଳ ଅଭିଯୁକ୍ତ ଚାଣ୍ଡାଳକୁ ଗିରଫ କରିବା ସହିତ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ ।



ଅଦାଲତ ୪ ଜଣ ସାକ୍ଷୀଙ୍କ ବୟାନ ଓ ୧୨ଟି ଦସ୍ତାବିଜ ଆଧାରରେ ଉପରୋକ୍ତ ମାମଲାର ବିଚାର କରି ଆସାମୀ ଚାଣ୍ଡାଳକୁ ଦଫା ୩୦୫(ଏ) ବିଏନଏସ ଅନୁଯାୟୀ ୭ ମାସର ସଶ୍ରମ କରାଦଣ୍ଡ ସହିତ ୨ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ଏକ ମାସର କାରାଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି । ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ ।

# 'ରାଗୋତ୍ସବ'ରେ ହିନ୍ଦୁସ୍ତାନୀ ସଙ୍ଗୀତର ମୂର୍ଚ୍ଛନା

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ବାର୍ଷିକ ସଙ୍ଗୀତ ମହୋତ୍ସବ 'ରାଗୋତ୍ସବ'ର ଗୁରୁବାର ରବିନ୍ଦ୍ର ମଣ୍ଡପରେ ଥିଲା ଦିତୀୟ ସନ୍ଧ୍ୟା । ଏହି ଅବସରରେ ପ୍ରଥମ ଉପସ୍ଥାପନାରେ ରୂପକ କୁମାର ପରିଡ଼ାଙ୍କ ଓଡ଼ିଶା ଭୋକାଲ ରେସିଟାଲ ପରିବେଷଣରୁ ଆରମ୍ଭ ହୋଇଥିଲା । ଏଥିରେ ରାମଚନ୍ଦ୍ର ବେହେରା ମର୍ଦ୍ଦଳ, ଆକାଶ ବିଶ୍ୱାଳ ହାରମୋନିୟମ, ଅମିତ୍ କୁମାର ପଣ୍ଡା ତାନପୁରା ଏବଂ ସୌମ୍ୟ ରଞ୍ଜନ ସେଠୀ ବଂଶୀ ବାଦନରେ ରେ ସହଯୋଗ କରିଥିଲେ । ସେହିପରି ଦ୍ୱିତୀୟ ଉପସ୍ଥାପନାରେ ଡ.ଚନ୍ଦ୍ରିମା ମଜୁମଦାରଙ୍କ ଦ୍ୱାରା ହିନ୍ଦୁସ୍ତାନୀ ସରୋଦ ରେସିଟାଲ ପରିବେଷିତ ହୋଇଥିଲା । ଏଥିରେ ତାଙ୍କୁ କୁଳମଣି ସାହୁ ତାବଲାରେ ସହଯୋଗ କରିଥିଲେ ।

# ୧୨ ପାଲା ଗାୟକଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବର ଉଦ୍ଯାପନୀ ସମାରୋହ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଉତ୍ସବର ଉଦ୍ଯାପନୀ ସନ୍ଧ୍ୟାରେ ପାଲାଗବେଷକ ଡ. ସନ୍ତୋଷ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସନ୍ଧ୍ୟାରେ ଭଦ୍ରକ ଜିଲ୍ଲାର ଡ. କଳାକର ନାୟକ ଓ ସାଥୀ, କଟକ ଜିଲ୍ଲାର ଅସୀମା ବରାଳ ଓ ସାଥୀ, ଦୁଷ୍ମନ୍ତ ବେହେରା ଓ ସାଥୀ, ପୁରୀ ଜିଲ୍ଲାର ବସନ୍ତ କୁମାର ମହାରଣା ଓ ସାଥୀ ଏବଂ କେନ୍ଦୁଝର ଜିଲ୍ଲାର ତୁଳସୀ ଚରଣ ମହାନ୍ତ ଓ ସାଥୀ ପାଲା ପରିବେଷଣ କରିଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ସତ୍ୟ ନାୟକ ଓ ସାଥୀ ଦାସକାଠିଆ ପରିବେଷଣ କରିଥିଲେ । ଏହି ଅବସରରେ ୧୨ ଜଣ ପାଲା ଗାୟକ ଓ ଗାୟିକାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀ ଶ୍ରୀ ନିଳାଚଳ ନିଖିଳ ଉତ୍କଳ ପାଲା ଗାୟକ ସଂଘର ସଭାପତି ଗାୟକ ମଦନ ମୋହନ ଜେନା, ସମ୍ପାଦକ ଗାୟକ ବସନ୍ତ କୁମାର ରାଉତ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପରିଚାଳନା କରିଥିଲେ ।

# କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଘାଟିତ




**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ଆନୁକୂଲ୍ୟରେ ରାଜ୍ୟ ମୁଖ୍ୟାଳୟ ପରିସରରେ କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟର ୧୪ଟି ଜିଲ୍ଲାର ପ୍ରାଥମିକ ବିଦ୍ୟାଳୟରୁ ୬୦୦ରୁ ଊର୍ଦ୍ଧ୍ୱ ଜଣ କବ୍ ସ୍କାଉଟ, ବୁଲ୍‌ବୁଲ୍ ଗାଇଡ୍ ସେମାନଙ୍କର ୟୁନିଟ୍ ଲିଡରମାନଙ୍କ ତତ୍ତ୍ୱାବଧାନରେ ଉକ୍ତ ଉତ୍ସବରେ ଯୋଗଦାନ କରିଛନ୍ତି । ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିସନର ଡ. କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗ ଦେଇଥିଲେ । ରାଜ୍ୟ ଯୁଗ୍ମ ସମ୍ପାଦକ ଅନାମିକା ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ କବ୍ ବୁଲ୍‌ବୁଲ୍‌ମାନଙ୍କୁ ସଭାପତି ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଅତନୁ ସବ୍ୟସାଚୀ ନାୟକ ଶୁଭେଚ୍ଛା ଜଣାଇଛନ୍ତି ।

# ବୀରେନ୍ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓ ସମ୍ବିଧାନ ଦିବସ

**ଭୁବନେଶ୍ୱର (ପିପିଏସ୍):** ସୂଚନା ଓ ଲୋକସଂପର୍କ ବିଭାଗ ଓ ବୀରେନ୍ ମିତ୍ର ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ବୁଧବାର ସୂଚନା ଭବନଠାରେ ବୀରେନ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଏବଂ ସମ୍ବିଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାତୀୟ ମାନବାଧିକାର କମିସନ ସଦସ୍ୟ, ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ଡ. ବିଆର୍ ଷଡ଼ଙ୍ଗୀ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗଦେଇ ବୀରେନଙ୍କ ପ୍ରତିଭା ଓ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କର ଜଣେ ଘନିଷ୍ଠ ସହଯୋଗୀ ଭାବେ ସ୍ୱର୍ଗତ ବୀରେନ ମିତ୍ର ନବ ଓ ସ୍ୱପ୍ନ ଚରିତାର୍ଥ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି କାନୁନଗୋ ପ୍ରକାଶ କରିଥିଲେ । ସେହିପରି ପୂର୍ବତନ ସାଂସଦ ବ୍ରଜକିଶୋର ତ୍ରିପାଠୀ, ଫାଉଣ୍ଡେସନର ସଭାପତି ପିୟଦର୍ଶୀ ମିଶ୍ର ଯୋଗ ଦେଇଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଦେଇଥିଲା ବେଳ ଫାଉଣ୍ଡେସନର ସଂପାଦକ ଅମିତ ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜଧାନୀ ଉପକଣ୍ଠରେ ବାର୍‌ହା ଆତଙ୍କ, ଲୋକେ ଭୟଭୀତ

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ବାର୍‌ହାଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ପରିଣାମ ସ୍ୱରୂପ ବାର୍‌ହାମାନେ ଜଙ୍ଗଲ ଛାଡ଼ି ରାଜଧାନୀ ଉପକଣ୍ଠବର୍ତ୍ତୀ ଗ୍ରାମାଞ୍ଚଳକୁ ପଶି ଆସୁଛନ୍ତି । ରାତି ତ ରାତି ଦିନ ଦୁଇପ୍ରହରରେ ମଧ ବାର୍‌ହାମାନେ ବିଭିନ୍ନ ଗ୍ରାମରେ ବୁଲୁଥିବା ଦେଖିବାକୁ ମିଳୁଛି ଏବଂ ସେମାନେ ଫସଲ ନଷ୍ଟ କରୁଥିବା ଜଣାପଡ଼ିଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି ।



ରାଜଧାନୀ ସହରଠାରୁ ଅନତି ଦୂରକୁ ଲାଗି ରହିଛି ଚନ୍ଦକା-ଡମପଡ଼ା ସଂରକ୍ଷିତ ଜଙ୍ଗଲ । ଉପକଣ୍ଠବର୍ତ୍ତୀ ଜଙ୍ଗଲ ଚାରିପଟେ ରହିଛି ମଦନପୁର, ଦେଉଳିଆ ପାଟଣା, କାଇମାଟିଆ, ପାଇକରାପୁର, ମେଣ୍ଢାଶାଳ, ଗିରିଙ୍ଗାପୁଟ, ଅନ୍ଧାରୁଆ, ଛତାବର, କଣ୍ଟାବାଡ଼ ଚନ୍ଦକା ଆଦି ଗ୍ରାମ । ଏକଦା ଏହି ଜଙ୍ଗଲରେ ବାଘଭାଲୁ ଆଦି ମାଂସାସୀ ପ୍ରାଣୀମାନଙ୍କୁ ଦେଖିବାକୁ ମିଳିଥିଲା । କିନ୍ତୁ ମାଂସାସୀ ପ୍ରାଣୀଙ୍କ ସଂଖ୍ୟା ହ୍ରାସ ଏବଂ କଠୋର ବନ୍ୟପ୍ରାଣୀ ଆଇନ ତଥା ବନବିଭାଗର ୨୪ ଘଣ୍ଟିଆ ପଇଁତରା ଯୋଗୁଁ ଏହି ଅଞ୍ଚଳରେ ପୂର୍ବରୁ କାଁ ଭାଁ ବାରହା ଦେଖା ଦେଉଥିବା ବେଳେ ଏବେ ସେମାନଙ୍କ ସଂଖ୍ୟା ଢେର୍ ବଢ଼ିଛି । ଅପରପକ୍ଷେ ଗୋଟିଏ ବାରହା ଏକକାଳୀନ ୭/୮ ଛୁଆ ଦେଉଥିବାରୁ ବାରହା ବଂଶ ହଠାତ୍ ବୃଦ୍ଧି ପାଇଛି । ଏହାର କୁପ୍ରଭାବ ଉପକଣ୍ଠବାସୀଙ୍କ ଉପରେ ପଡ଼ିଛି । ବାର୍‌ହା ପଲ ଏବେ ଗାଁ ଦାଣ୍ଡରେ ପଇଁତରା ମାରୁଛନ୍ତି । କାହା ବାଡ଼ିରେ ପସି ଫସଲ ନଷ୍ଟ କରୁଛନ୍ତି ତ କାହା କ୍ଷେତରେ ପଶି ଧାନ ଚାଷକୁ ନଷ୍ଟ କରି ପକାଉଛନ୍ତି । ପରିସ୍ଥିତି ଏମିତି ହେଲାଣି ଯେ, ଦିନବେଳେ ମଧ ଗାଁ ମେଳନ ପଡ଼ିଆ ଠାରୁ ଆରମ୍ଭ କରି ଗାଁ ଭିତରେ ବୁଲୁଛନ୍ତି । ପଲ ପଲ ବାରହା ରାସ୍ତା ଅତିକ୍ରମ କରିବାରୁ ଲୋକମାନେ ଦୁର୍ଘଟଣାର ମଧ ଶିକାର ହେଉଛନ୍ତି । ବାରହାଙ୍କ ଏଭଳି ଉତ୍ପାତ ଯୋଗୁଁ ଉପକଣ୍ଠର ଗ୍ରାମବାସୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି । ଜଙ୍ଗଲୀ ବାରହାଙ୍କ ଆତଙ୍କ ଏବେ ଚାଷୀମାନଙ୍କ ନିଦ ହଜାଇ ଦେଇଛି । ପାଚିଲା ଧାନ କିଆରି ଅମଳ ବେଳେ ଦାଉ ସାଧୁଛି । ବାରହା ଧାନ କ୍ଷେତରେ ପଶି ଫସଲ ନଷ୍ଟ କରିଦେଉଥିବା ବେଳେ ନିଜର ପରିଶ୍ରମର ଫଳକୁ ଘରକୁ ଆଣିବା ପାଇଁ ଚାଷୀମାନେ ରାତି ଅନିଦ୍ରା ହେଉଛନ୍ତି । ହାତରେ ବାଡ଼ି ଓ ଟର୍ଚ୍ଚ ଧରି ରାତିସାରା ଫସଲକୁ ଜଗି ରହୁଛନ୍ତି । ବାରହା କବଳରୁ ବର୍ଷକର ଆହାର ରକ୍ଷା କରିବାକୁ ଯାଇ ଧାନ ବିଲ ପାଖରେ ଟିଣ ବାଡ଼ ଦେଉଛନ୍ତି । କେବଳ ବାର୍‌ହା ଦ୍ୱାରା ଫସଲ ନଷ୍ଟ ହେଉନାହିଁ ବାର୍‌ହା ଆକ୍ରମଣରେ ବିଭିନ୍ନ ସମୟରେ ଉପକଣ୍ଠବର୍ତ୍ତୀ ଅଞ୍ଚଳବାସୀ ଆହତ ହେଉଥିବା ନଜିର୍ ରହିଛି । ନିକଟରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପାଇକରାପୁର ଥୋଡ଼ିଆ ବନ୍ଧ ନିକଟରୁ ଉଦ୍ଧାର କରାଯାଇଥିଲା । ଏହି ବ୍ୟକ୍ତିଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ ବାର୍‌ହା ଆକ୍ରମଣ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି । ସ୍ଥାନୀୟ ଅଞ୍ଚଳବାସୀ ବାର୍‌ହା ଦେଖି ଭୟଭିତ ହେବାର ବହୁ ନଜିର୍ ରହିଛି । ଅନେକ ଲୋକ ସଞ୍ଜ ହେଲେ ଘରୁ ବାହାରୁ ନାହାନ୍ତି ।

# ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ସହାୟତା ରାଶି ପ୍ରଦାନ

**ଭୁବନେଶ୍ୱର (ପିପିଏସ୍):** କାମଧେନୁ ଯୋଜନା ମାଧ୍ୟମରେ ଆଗାମୀ ପାଞ୍ଚ ବର୍ଷରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ଦୁଇଗୁଣ କରାଯିବ ବୋଲି କହିଛନ୍ତି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ଓୟୁଏଟିର କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଜାତୀୟ ଦୁଗ୍ଧ ଦିବସ କାର୍ଯ୍ୟକ୍ରମକୁ ଉଦଘାଟନ କରି ମନ୍ତ୍ରୀ ଶ୍ରୀ ମଲ୍ଲିକ ରାଜ୍ୟରେ ସମବାୟ ସମିତି ମାଧ୍ୟମରେ ଗୋପାଳକଙ୍କ ଉନ୍ନତି ଶିଖର ଛୁଇଁପାରିବା ବିଷୟରେ ମତବ୍ୟକ୍ତ କରିଥିଲେ । ଜାତୀୟ ଦୁଗ୍ଧ ଦିବସ ଅବସରରେ ମନ୍ତ୍ରୀଙ୍କ ଓମଫେଡ୍‌ର ନୂତନ ଉତ୍ପାଦ ଯଥା: ପିଇବା ପାଣି, ଟେଟ୍ରା ପ୍ୟାକ୍ ଲସି, ଚକୋଲେଟ୍ ମିଲ୍କ ସେକ୍ ଏବଂ ପ୍ରୋଟିନ ଯୋଗର୍ଟ ଇତ୍ୟାଦିର ବଜାର ପ୍ରବେଶ ହୋଇଛି । କାର୍ଯ୍ୟକ୍ରମରେ ୧୬ ଜଣ ଗୋପାଳକଙ୍କୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ସହାୟତା ରାଶି ପ୍ରଦାନ କରାଯାଇଥିଲା । ରାଜ୍ୟର ୮୩ ଗୋଟି ପଞ୍ଜିକୃତ ଗୋଶାଳାକୁ ବୁଲା ଓ ଅସହାୟ ଗୋରୁଙ୍କ ଖାଦ୍ୟ ଓ ରକ୍ଷଣାବେକ୍ଷଣ ପାଇଁ ୧୧ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ସହ ରାଜ୍ୟର ୨୪ ଗୋଟି ପୌରସଂସ୍ଥାକୁ ବୁଲା ପ୍ରାଣୀଙ୍କ ଉଦ୍ଧାର ପାଇଁ ଆବଶ୍ୟକ ଗାଡି କ୍ରୟ କରିବାକୁ ୬ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲମ, ପ୍ରାଣୀ ପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ଓମଫେଡ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ଉପସ୍ଥିତ ଥିଲେ ।

# ପୂଜ୍ୟପୂଜାକୁ ଆଗେଇ ନେବା ଆମ ସମସ୍ତଙ୍କର କର୍ତ୍ତବ୍ୟ

ଭୁବନେଶ୍ୱର, ୨୭।୧୧(ସମିସ): ଓଡିଶା ନାଗରିକ ମହାମଞ୍ଚ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମିଳିତ ଆନୁକୂଲ୍ୟରେ ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ, ପାଇକ ସଂଗଠନର ପ୍ରତିଷ୍ଠାତା ସ୍ୱର୍ଗତ ହଟନାଥ ମଙ୍ଗରାଜଙ୍କ ୧୦୫ ତମ ଜନ୍ମ ବାର୍ଷିକ ଓ ଓଡ଼ିଶା ନାଗରିକ ମହାମଞ୍ଚ, ଅଧ୍ୟକ୍ଷ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ବରିଷ୍ଠ ସାମ୍ବାଦିକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀଙ୍କ ୬୮ ତମ ଜନ୍ମଦିବସ ଗଙ୍ଗନଗରସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । ଓଡ଼ିଶା ନାଗରିକ ମହାମଞ୍ଚର ଉପସଭାପତି ଡ. ପ୍ରଦୀପ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟ ଓ



ମୁଖପାତ୍ର ଅରବିନ୍ଦ ତ୍ରିପାଠୀଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାଷାପ୍ରାଣ ମୋହନ ଦଳସିଂରାୟ, ସତ୍ୟବାଦୀ ବଳିୟାରସିଂ, ଶିକ୍ଷାବିତ ସୁନୀଲ କୁମାର ମିଶ୍ର, ବିଜୟ ପରିଡା, ସମିତା ମହାରଣା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ନାରାୟଣ ଖୁଣ୍ଟିଆ, ବିଜୟ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

# ବିଧାନସଭାରେ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ

**ଭୁବନେଶ୍ୱର (ପିପିଏସ୍):** ଓଡିଶା ବିଧାନସଭାରେ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ କରାଇଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଶାସକ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଶାସକ ଦଳ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଦାସ, ବିଧାୟକ ଜୟନାରାୟଣ ମିଶ୍ର, ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବିଭିନ୍ନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ କରିଥିଲେ ।

# ଓଡ଼ିଶାକୁ ବିଶ୍ୱ ମାନ୍ୟତା ଦେଲା ମାଳିପୁଟ୍ ମେଲୋଡିଜ୍

**ଭୁବନେଶ୍ୱର (ପିପିଏସ୍):** ଆଇଏଫଏଫଆଇ ୨୦୨୫: ସାରା ବିଶ୍ୱ ଓଡ଼ିଶାର ଏକ ଅସ୍ପଷ୍ଟ ଗାଁର ଏକ ଚଳଚ୍ଚିତ୍ର ଦେଖୁଛି । ଗାଁ ଲୋକେ ଏକାଠି ଏକ ଚଳଚ୍ଚିତ୍ର ତିଆରି କରିଥିଲେ, ଯେଉଁଥିରେ କାକା-ଭଣଜା, ଭାଉଜ, ଭାଉଜ ଏବଂ ଅନ୍ୟାନ୍ୟ ସମ୍ପର୍କୀୟମାନେ ଅଭିନୟ କରିଥିଲେ ।

'ପ୍ରତ୍ୟେକ ଘାଟରେ ପାଣି ବଦଳେ, ପ୍ରତି ମାଇଲରେ ଭାଷା ବଦଳେ...' ଏବଂ ଏହି ଧାଡିକୁ ଯୋଡିବା ପାଇଁ, 'ପ୍ରତ୍ୟେକ ଗାଁରେ, ଲୋକ ଯେତେ ଅଛନ୍ତି ସେତେ କାହାଣୀ ଅଛି ।' ଏହି ଉକ୍ତି ଓଡ଼ିଆ ସଂକଳନ ଚଳଚ୍ଚିତ୍ର 'ମାଳିପୁଟ ମେଲୋଡିଜ୍' ସହିତ ସମ୍ପୂର୍ଣ୍ଣ ଫିଟ୍ ହୁଏ । ଏହା ସମଗ୍ର ଗାଁକୁ ଏକାଠି କରି ତିଆରି କରାଯାଇଥିବା ଏକ ଚଳଚ୍ଚିତ୍ର । ଏହି ଚଳଚ୍ଚିତ୍ରର ଚରିତ୍ରମାନେ ପ୍ରକୃତରେ ସମ୍ପର୍କୀୟ । ପ୍ରଯୋଜକ କୌଶିକ ଦାସ ଏବଂ ନିର୍ଦ୍ଦେଶକ ବିଶାଳ ପଟ୍ଟନାୟକ ଚଳଚ୍ଚିତ୍ରର ସୃଷ୍ଟିର କାହାଣୀ ବର୍ଣ୍ଣନା କରିଥିଲେ ।




୪ଶହରୁ ଅଧିକ ଚଳଚ୍ଚିତ୍ର ମଧ୍ୟରୁ ମନୋନୀତ, 'ମାଳିପୁଟ ମେଲୋଡିଜ୍' ହେଉଛି ଆଇଏଫ୍ଏଫ୍ଆଇ ଗୋଆ ୨୦୨୫ରେ ଭାରତୀୟ ପାନୋରାମା ପାଇଁ ମନୋନୀତ ଏକମାତ୍ର ଓଡ଼ିଆ ଫିଚର ଫିଲ୍ମ । ଏହାକୁ ଆନୁଷ୍ଠାନିକ ଭାବରେ ଭାରତର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ କରାଯାଇଥିଲା । ଏହା ୪ଶହରୁ ଅଧିକ ଚଳଚ୍ଚିତ୍ର ମଧ୍ୟରୁ ମନୋନୀତ ୨୫ ଟି ଶ୍ରେଷ୍ଠ ଚଳଚ୍ଚିତ୍ର (ମୁଖ୍ୟଧାରାର ସିନେମାରୁ ପାଞ୍ଚଟି ସମେତ) ମଧ୍ୟରେ ଥିଲା । ବିଶ୍ୱାସ ହେଉ ନାହିଁ ତଥାପି, ୨୦ ପ୍ରତିଶତ କଳାକାର ନାଟକ କଳାକାର ଅଛନ୍ତି, ଦୀର୍ଘ ଦିନ ଧରି ତାଙ୍କୁ ତାଲିମ ଦିଆଯାଇଥିଲା । କୌଶିକ ଦାସ କୁହନ୍ତି ଯେ 'ମାଳିପୁଟ ମେଲୋଡିଜ୍' ଏକ ଫିଚର ସଂକଳନ ଚଳଚ୍ଚିତ୍ର । ଏହା ଓଡ଼ିଶାର କୋରାପୁଟ ଜିଲ୍ଲାର ଏକ ଛୋଟ ଆଦିବାସୀ ଗାଁର କାହାଣୀ । ଏହି ଚଳଚ୍ଚିତ୍ରଟି ଏହି ଗ୍ରାମ ଏବଂ କୋରାପୁଟର ଅନ୍ୟ କିଛି ସ୍ଥାନରେ ସୁଟିଂ କରାଯାଇଥିଲା । ଚଳଚ୍ଚିତ୍ରର ଅନେକ ମନୋରମ ପ୍ରାକୃତିକ ଦୃଶ୍ୟ ଦେଖି ବିଶ୍ୱାସ କରିବା କଷ୍ଟକର ହୋଇପାରେ । ନିର୍ଦ୍ଦେଶକ ବିଶାଳ ଜେପୋର (ଓଡ଼ିଶା) ସ୍କ୍ରିନିଂରେ ପ୍ରଶ୍ନୋତ୍ତର ଅଧିବେଶନରେ ବ୍ୟାଖ୍ୟା କରିଥିଲେ, 'ଏହି ଚଳଚ୍ଚିତ୍ରର ୫୦ପ୍ରତିଶତ ଚରିତ୍ର ଜଣାଶୁଣା ଲୋକ । କେତେକ ମାମୁ, ମାଉସୀ, ଭାଇଭଉଣୀ, ଭାଉଜ, ଭଉଣୀ ଇତ୍ୟାଦି । ଯେତେବେଳେ ସମସ୍ତେ ଜାଣିଲେ ଯେ ମୁଁ ଚଳଚ୍ଚିତ୍ର ତିଆରି କରୁଛି, ସେମାନେ ସମସ୍ତେ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସେମାନଙ୍କୁ ସୁଯୋଗ ଦେବା ଉଚିତ ମନେ କରି ମୁଁ ସମସ୍ତଙ୍କୁ ଗୋଟିଏ ଗୋଟିଏ ଚରିତ୍ରରେ ଅଭିନୟ କରିବା ପାଇଁ ସୁଯୋଗ ଦେଇଥିଲି । ପ୍ରଯୋଜକ କୌଶିକ ଦାସ କୁହନ୍ତି, ସମସ୍ତଙ୍କର ଅଭିନୟ କରିବା କଷ୍ଟକର ଥିଲା କାରଣ କେହି କେବେ କ୍ୟାମେରା ସାମ୍ନାରେ କାମ କରିନଥିଲେ । ତେଣୁ, ସମସ୍ତଙ୍କୁ ତାଲିମ ଦିଆଯାଇଥିଲା । ଖର୍ଚ୍ଚ ପ୍ରାୟ ୫୦ଲକ୍ଷ ଟଙ୍କା ହୋଇଥିଲା । ଫିଲ୍ମଟି ଏକ ଗାଁରେ ସୁଟିଂ ହୋଇଥିଲା ଏବଂ ସମସ୍ତ ଅଭିନେତା ମୋତେ ଜଣାଶୁଣା ଥିଲେ । ମୁଁ ଏପର୍ଯ୍ୟନ୍ତ ସାତରୁ ଅଧିକ ଚଳଚ୍ଚିତ୍ର ତିଆରି କରିଛି । ବର୍ତ୍ତମାନ ଆହୁରି କିଛି ଉପରେ କାମ ଚାଲିଛି । ଆମେ ଏହି ଉପାୟରେ ଗ୍ରାମାଞ୍ଚଳର କାହାଣୀଗୁଡ଼ିକୁ ଆଣି ବିଶ୍ୱକୁ ଏକ ସିନେମାଟିକ୍ ଭାରତ ଦେଖାଇବାକୁ ଚେଷ୍ଟା କରୁଛୁ ।

# ଏସ୍‌ଟିଏଫ୍ ନେଲା ବାଘଛାଲ ଜବତ ମାମଲା

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀରୁ କଲରାପତରିଆ ବାଘଛାଲ ଜବତ ହେବା ମାମଲା କ୍ରାଇମବ୍ରାଞ୍ଚ ହାତକୁ ଯାଇଛି । ମଙ୍ଗଳବାର କ୍ରାଇମବ୍ରାଞ୍ଚର ଏସଟିଏଫ୍ ନିଜଆଡୁ ମାମଲା ରୁଜୁ କରିଛି । ଏସଟିଏଫ୍ ଡିଏସପି ସରିତା ବେଉରିଆଙ୍କୁ ମାମଲାର ତଦନ୍ତ ଭାର ଦିଆଯାଇଛି । ଏହି ଘଟଣାରେ କମିସନରେଟ ପୁଲିସର ସତନ୍ତ୍ର ଅପରାଧିକ ଶାଖା (ଏସସିୟୁ) ରୋହିତ ମହାପାତ୍ର, ମନଜିତ ସାବତ ଓ ସମ୍ଭୁ ବିଷୋୟୀ ଗିରଫ କରିବା ସହ ବାଘଛାଲ ଜବତ କରିଥିଲା । ଏସଟିଏଫ୍ ହାତକୁ ମାମଲା ଯିବା ପରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ଲାଗି ଅଡୁଆ ବଢ଼ିଛି । ସୂଚନା ମୁତାବକ, ରୋହିତ, ମନଜିତ ଓ ସମ୍ଭୁ ବାଘଛାଲ ରଖିଥିବା ଖବରପାଇ ଏସସିୟୁ ଟିମ୍ ଖୋଳତାଡ଼ ଆରମ୍ଭ କରିଥିଲା । ବାଘଛାଲ କିଣିବା ଲାଗି ଛଦ୍ମବେଶରେ ସମ୍ଭୁ ଓ ମନଜିତ ସହ ଡିଲ୍ କରିଥିଲା । ବାଘଛାଲ ଜବତ କରିବା ସହ ସେମାନଙ୍କ ତଥ୍ୟ ମୁତାବକ ମୁଖ୍ୟ କାର୍ପେଟଦାର ରୋହିତକୁ କାବୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା ।

ରୋହିତର ବାପା ଦିଲ୍ଲୀରେ କାର୍ଯ୍ୟରତ ଆଇଏଏସ୍ ଅଧିକାରୀ ହୋଇଥିବାବେଳେ ସେଠାକାର ଜଣେ ବ୍ୟବସାୟୀ ବାଘଛାଲ ଆଣିବାକୁ ରୋହିତକୁ କହିଥିଲେ ବୋଲି ତଦନ୍ତରୁ ପୁଲିସ ଜାଣିବାକୁ ପାଇଥିଲା । ବରାଦ ପାଇବା ପରେ ରାଉରକେଲାର ଜଣେ ଦଲାଲ ମାଧ୍ୟମରେ କର୍ଣ୍ଣାଟକରୁ କଲରାପତରିଆ ବାଘଛାଲ ମଗାଇଥିଲା ରୋହିତ । ସମ୍ଭୁକୁ ପଠାଇ ରାଉରକେଲାରୁ ବାଘଛାଲକୁ ଭୁବନେଶ୍ୱର ଆଣିଥିଲା । ଏଠାରେ ଡିଲ୍ ଚାଲିଥିବା ବେଳେ ପୁଲିସ ହାବୁଡ଼ରେ ପଡ଼ିଥିଲା । ଘଟଣାରେ ଆନ୍ତଃରାଜ୍ୟ ଲିଙ୍କ୍ ସାମ୍ନାକୁ ଆସିବା ପରେ ନିଜ ଆଡୁ ମାମଲା ରୁଜୁ କରିଛି ଏସଟିଏଫ୍ । କର୍ଣ୍ଣାଟକ ଲିଙ୍କ୍ ଖୋଜିବା ଲାଗି ନିଜ ଆଡୁ ମାମଲା ରୁଜୁ କରିଛି ।

# 'ପ୍ରାଚୀନ ଓଡ଼ିଆ ସାହିତ୍ୟରେ ରୁଦ୍ର ସୁଧାନିଧି' ଶୀର୍ଷକ ଆଲୋଚନାଚକ୍ର

**ଭୁବନେଶ୍ୱର (ପିପିଏସ୍):** ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଲକ୍ଷ୍ମୀସାଗର ଆନୁକୂଲ୍ୟରେ 'ପ୍ରାଚୀନ ଓଡ଼ିଆ ସାହିତ୍ୟର ଅନୁପମ ବିଭବ: ରୁଦ୍ର ସୁଧାନିଧି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବୁଧବାର କେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବକ୍ତା ଭାବେ ବରିଷ୍ଠ ଗବେଷକ ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଠୋଇ ଯୋଗଦାନ କରି ପ୍ରାଚୀନ ଓଡ଼ିଆ ସାହିତ୍ୟର ଅନୁପମ ବିଭବ: ରୁଦ୍ର ସୁଧାନିଧି ସମ୍ପର୍କରେ ଆଲୋଚନା କରିବା ସହ ତନ୍ମଧ୍ୟରେ ବ୍ୟବହୃତ ପ୍ରାଚୀନ ଓଡ଼ିଆ ଭାଷାର ଶାସ୍ତ୍ରୀୟତା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ. ସଞ୍ଜୟ କୁମାର ବାଗ ସଭାପତିତ୍ୱ କରିଥିବା ବେଳେ ଉତ୍କର୍ଷ କେନ୍ଦ୍ରର ଗବେଷକ ଡ. ମନସା ଶ୍ରୀଚନ୍ଦନ, ଡ. ମିତାଲି ମଧୁସ୍ମିତା ମହାନ୍ତି, ଡ. ଜ୍ୟୋତିପ୍ରଭା ମହାନ୍ତି, ଡ. ହିମାଦ୍ରି ତନୟା ମିଶ୍ର, ରୂପଶ୍ରୀ ଧରଙ୍କ ସମେତ ବହୁ ଶିକ୍ଷାବିତ୍ ଓ ଗବେଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ବରିଷ୍ଠ ଗବେଷକ ଡ. ଅମ୍ବରୀଶ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଏମ୍‌ସିର ଜିରୋ ଓ୍ୱେଷ୍ଟ ପ୍ରୟାସ: ପ୍ରତିଦିନ ପଶୁଙ୍କୁ ବଣ୍ଟାଯିବ ୧୫ ଟନ୍ ବଳକା ଖାଦ୍ୟ

**ଭୁବନେଶ୍ୱର (ପିପିଏସ୍):** ଏକ ସ୍ୱଚ୍ଛ, ସବୁଜ ଏବଂ ଦୀର୍ଘ ସ୍ଥାୟୀ ସହର ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ସାରା ସହରରେ ଜୈବିକ ବର୍ଜ୍ୟବସ୍ତୁର ବିକେନ୍ଦ୍ରୀକରଣ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ଘୁଷୁରୀ ପାଳନ-ଆଧାରିତ ଓଦା ବର୍ଜ୍ୟବସ୍ତୁ ବ୍ୟବହାରକାରୀଙ୍କ ସମେତ ସାତଟି ଜୈବିକ ବର୍ଜ୍ୟବସ୍ତୁ ସଂଗ୍ରହ ଅଂଶୀଦାରଙ୍କୁ ତାଲିକାଭୁକ୍ତ କରିଛି । ଏହି ପଦକ୍ଷେପ ବିଏମ୍‌ସି ବର୍ଜ୍ୟ ଭାର କମିବ । କମିଶନର ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ କ୍ରମେ ବିଏମ୍‌ସି ଏପରି ପଦକ୍ଷେପ ନେଇଛି । ସହରରୁ ସଂଗୃହିତ ଓଦା ବର୍ଜ୍ୟବସ୍ତୁର ଏକ ସତନ୍ତ୍ର ଅଙ୍ଗ ବଳକା ଖାଦ୍ୟ । ତେବେ ଏହାକୁ ସଦୁପଯୋଗ କରିବାପାଇଁ ଭୁବନେଶ୍ୱର ବାହାରୁ ବିଭିନ୍ନ ଜିଲ୍ଲାର ସାତଗୋଟି ଘୁଷୁରି ପାଳନ ସଂସ୍ଥା ସହିତ ସଂଯୋଗ ସ୍ଥାପନ ପୂର୍ବକ ସେମାନଙ୍କ ସହିତ ସତନ୍ତ୍ର ଚୁକ୍ତି କରିଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ । ସହର ରଣନୀତି ଅଧୀନରେ, ପୃଥକ ଖାଦ୍ୟ ଏବଂ ଓଦା ବର୍ଜ୍ୟବସ୍ତୁକୁ ସିଧାସଳଖ ପୁନଃ ଉପଯୋଗ ପାଇଁ ପାଇଁ ପଠାଯାଉଛି । ତେବେ, ବର୍ତ୍ତମାନର ଆକଳନ ଅନୁଯାୟୀ ସହରରୁ ଦୈନିକ ୧୫ଟନ ବଳକା ଖାଦ୍ୟ ବାହାରୁଛି । ଏହି ପଦକ୍ଷେପ ଅଧୀନରେ, ଜୈବିକ ଅଳିଆ (ଓଦା ବର୍ଜ୍ୟବସ୍ତୁ) ହୋଟେଲ, ରେଷ୍ଟୁରାଣ୍ଟ, ଛାତ୍ରାବାସ ଏବଂ ବଡ଼ ପ୍ରତିଷ୍ଠାନ ଭଳି ବଲ୍କ ବର୍ଜ୍ୟବସ୍ତୁ ସୃଷ୍ଟିକାରୀ ଅନୁଷ୍ଠାନଗୁଡ଼ିକୁ ଡିଜିଟାଲ୍ ଟ୍ୟାଗ୍ କରାଯାଇଛି । ସମସ୍ତ ଜୋନରେ ଅଧିକାରପ୍ରାପ୍ତ ଜୈବିକ ଅଳିଆ ସଂଗ୍ରହକାରୀଙ୍କୁ ଆବଣ୍ଟିତ କରାଯାଇଛି । ପ୍ରତ୍ୟେକ ଚିହ୍ନଟ ଘୁଷୁରୀ ପାଳନ ୟୁନିଟ୍ ୫,୦୦୦ ଟଙ୍କାର ବାର୍ଷିକ ଲାଇସେନ୍ସ ଫି ମାଧ୍ୟମରେ ତାଲିକାଭୁକ୍ତ ହୋଇଛନ୍ତି । ଯାହା ପରେ ସେମାନେ ସ୍ୱୀକୃତିପ୍ରାପ୍ତ ଜୈବିକ ଅଳିଆ ସଂଗ୍ରହ ଅଂଶୀଦାର ହେବା ପାଇଁ ବିଏମ୍‌ସି ସହିତ ଏକ ସିଧାସଳଖ ବୁଝାମଣାପତ୍ରରେ ସ୍ୱାକ୍ଷରିତ କରିଛନ୍ତି । ଏହି ପଦକ୍ଷେପ ଭୁବନେଶ୍ୱରର ଏକ ବୃତ୍ତାକାର ଅର୍ଥନୀତି ଆଡ଼କୁ ପରିବର୍ତ୍ତନକୁ ସୁଦୃଢ଼ କରେ, ଯେଉଁଠାରେ ଖାଦ୍ୟ ଅପଚୟକୁ ନଷ୍ଟ କରାଯିବା ପରିବର୍ତ୍ତେ ପଶୁ ଖାଦ୍ୟ ଭାବରେ ପୁନଃ ଉପଯୋଗ ହେବ । ଯାହା ମିଥେନ ନିର୍ଗମନ ହ୍ରାସ, ସହରରୁ ବର୍ଜ୍ୟବସ୍ତୁ ବୋଝ ହ୍ରାସ ଏବଂ ପରିବେଶଗତ ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ । ଏହି ପଦକ୍ଷେପ ସହିତ, ବିଏମ୍‌ସି ଜାତୀୟ ବର୍ଜ୍ୟବସ୍ତୁ ପରିଚାଳନା ଲକ୍ଷ୍ୟ ଏବଂ ବିଶ୍ୱ ଜଳବାୟୁ-ପ୍ରତିରୋଧୀ ସହର ମାନଦଣ୍ଡ ସହିତ ସମନ୍ୱୟ ରଖି ନବସୃଜନ-ଚାଳିତ ପରିମଳ ସଂସ୍କାର ଏବଂ ଦୀର୍ଘ ସ୍ଥାୟୀ ସହରାଞ୍ଚଳ ବିକାଶ ପ୍ରତିବଦ୍ଧତା ମୂଲ୍ୟବୋଧର ପ୍ରସାର ଦିଗରେ ଅଣ୍ଟା ଭିଡିଛି । ଅତିରିକ୍ତ କମିଶନର କୈଳାଶ ଚନ୍ଦ୍ର ଦାସ ଏବଂ ଡେପୁଟି କମିଶନର ଏନ୍ ଗଣେଶ ବାବୁ ଏହି ପ୍ରକ୍ରିୟା ପରିଚାଳନା ଦାୟିତ୍ୱରେ ରହିଛନ୍ତି ।








# ଫୁଲ ଧରିଲେ ରାଜେଶ ଗୁପ୍ତା

ନୂଆଦିଲ୍ଲୀ: ଦିଲ୍ଲୀ ମହାନଗର ନିଗମ (ଗରଘ୍ବକ୍ସକ୍ଟକ୍ତ୍ରକ୍ଷସଘ୍ବବଭ ଉକ୍ଟକ୍ସକ୍ତ୍ରକ୍ଟକ୍ସବ-ଘ୍ବସକ୍ଟଭ କ୍ବଲ ଉରକ୍ଷଷସ)ର ୧୨ଟି ୱାର୍ଡରେ ଉପନିର୍ବାଚନ ପୂର୍ବରୁ ଆମ ଆଦମୀ ପାର୍ଟି (ଇଇଚ)କୁ ଏକ ବଡ଼ ଝଟକା ଲାଗିଛି। ଶୁକ୍ରବାର ଦିନ ବିଧିବଦ୍ଧ ଭାବରେ ବିଜେପି ମୁଖ୍ୟାଳୟରେ ଆନୁଷ୍ଠାନିକ ଭାବରେ ଦଳରେ ବୀରେନ୍ଦ୍ର ଗୁପ୍ତା ଯୋଗ ଦେଇଛନ୍ତି। ସେ ଦୀର୍ଘ ୧୦ ବର୍ଷ ଧରି ଆପରେ ଉପାଧ୍ୟକ୍ଷ, ଜାତୀୟ ମୁଖପାତ୍ର ସହ ଆପର କର୍ଣ୍ଣାଟକ ପ୍ରଭାରୀ ଭାବରେ କାର୍ଯ୍ୟରତ ଥିଲେ। କିନ୍ତୁ ଦଳରେ ତାଙ୍କର କୌଣସି ମୁଲ୍ୟ ନ ଥିବା ଯୁକ୍ତିକୁ ଉପସ୍ଥାପନ କରି ସେ ଆପ୍ କୁ ପରିତ୍ୟାଗ କରିଛନ୍ତି। ଏହାସହ ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବିରୁଦ୍ଧରେ ଚାଞ୍ଚଲ୍ୟକର ଅଭିଯୋଗ ଆଣିଛନ୍ତି। ରାଜେଶ ଗୁପ୍ତା ଦୀର୍ଘ ୧୦ ବର୍ଷ ଧରି ଦଳରେ କାର୍ଯ୍ୟରତ ଥିଲେ। କିନ୍ତୁ ଦଳରେ ତାଙ୍କର କୌଣସି ମୁଲ୍ୟ ନ ଥିବାର ସେ ଅନୁଭବ କରି ବିଜେପିରେ ସାମିଲ ହୋଇଛନ୍ତି। ବିଜେପିରେ ମିଶିବା ପରେ ସେ କହିଛନ୍ତି ଯେ ,ମୁଁ ଦୀର୍ଘ ୧୦ ବର୍ଷ ଧରି ଆପ ପାଇଁ ନିରନ୍ତର କାମ କରିଥିଲି କିନ୍ତୁ, ଏହାର ପ୍ରତିବଦଳରେ ମୁଁ ଦଳରୁ କିଛି ପାଇଲି ନାହିଁ। ରାଜେଶ ଗୁପ୍ତା ଆହୁରି ମଧ୍ୟ କହିଛନ୍ତି ଯେ,ଅରବିନ୍ଦ କେଜରିୱାଲ ମୋ ଫୋନ ଉଠାନ୍ତି ନାହିଁ ଏବଂ ରାଜ୍ୟ ସଭାପତି ସୌରଭ ଭରଦ୍ୱାଜ ମୋ ସହିତ କଥା ମଧ୍ୟ ହୁଅନ୍ତି ନାହିଁ।

# ଡାକ୍ତରଙ୍କ ପ୍ରେସକ୍ରିପସନ୍ ବିନା ମିଳିବନି କଫ୍ ସିରପ୍

ନୂଆଦିଲ୍ଲୀ : ମଧ୍ୟ ପ୍ରଦେଶରେ ଗତ କିଛି ଦିନ ତଳେ କଫ ସିରପ ଖାଇବା ପରେ ଅନେକ ପିଲାଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲା ରାଜ୍ୟ ଏବଂ ସାରା ଦେଶରେ ବ୍ୟାପକ ଅସନ୍ତୋଷ ସୃଷ୍ଟି କରିଥିଲା। କେନ୍ଦ୍ର ସରକାର ଏହି ବିଷୟକୁ ବହୁତ ଗମ୍ଭୀରତାର ସହ ନେଇଛନ୍ତି ଏବଂ ଏହି ଦିଗରେ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଏହା ଅନୁସାରେ, ସାରା ଦେଶରେ ଔଷଧ ବିକ୍ରେତା ଡାକ୍ତରଙ୍କ ପ୍ରେସକ୍ରିପସନ୍ ବିନା କଫ ସିରପ୍ ବିକ୍ରି କରିପାରିବେ ନାହିଁ। ସରକାରଙ୍କ ସର୍ବୋଚ୍ଚ ନିୟାମକ ପ୍ରାଧିକରଣ, ଔଷଧ ପରାମର୍ଶଦାତା କମିଟି, ଏହାର ୬୭ ତମ ବୈଠକରେ କଫ ସିରପର ଅନିୟନ୍ତ୍ରିତ ବିକ୍ରୟକୁ ରୋକିବା ପାଇଁ ନିଷ୍ପତ୍ତି ନେଇଛି, ଯାହା ଫଳରେ ଏହା ସାରା ଦେଶରେ ସହଜରେ ଉପଲବ୍ଧ ହେବନି।



ସରକାରଙ୍କ ଲକ୍ଷ୍ୟ ହେଉଛି ଲୋକମାନଙ୍କୁ ଓଭର-ଦି-କାଉଣ୍ଟର ପରିବର୍ତ୍ତେ ଡାକ୍ତରଙ୍କ ପ୍ରେସକ୍ରିପସନ୍ ସହିତ ଔଷଧ କିଣିବାକୁ ଉତ୍ସାହିତ କରିବା।

ଏପର୍ଯ୍ୟନ୍ତ ଅଧିକାଂଶ କଫ୍ ସିରପ୍ 'ଓଭର ଦ କାଉଣ୍ଟର' ବିକ୍ରି କରାଯାଉଥିଲା, କିନ୍ତୁ କେନ୍ଦ୍ର ସରକାରଙ୍କ ନୂଆ ନିଷ୍ପତ୍ତି ପରେ ଏବେ ଲଗାମ ଲଗାଇ ଦିଆଯାଇଛି। ସରକାରଙ୍କ ଶୀର୍ଷ ନିୟାମକ ଔଷଧ ପରାମର୍ଶ କମିଟି ୬୭ ତମ ବୈ?ଠକରେ ଏହି ନିଷ୍ପତ୍ତିକୁ ମଞ୍ଜୁରୀ ପ୍ରଦାନ କରିଛି। ଏହା ଅନୁସାରେ, ଏପର୍ଯ୍ୟନ୍ତ କଫ୍ ସିରପ୍କୁ ସେହି ଔଷଧ ଶ୍ରେଣୀରୁ ବାହାର କରାଯାଇଛି, ଯାହାକୁ ଓଭର ଦ କାଉଣ୍ଟର କାଟାଗୋରୀରୁ ବାହାରେ ରଖାଯାଇଛି। ଦେଶ ଓ ଦେଶ ବାହାରେ କଫ ସିରପ୍ ଖାଇବା ପରେ ଶିଶୁଙ୍କ ମୃତ୍ୟୁର ଅନେକ ଘଟଣା ସାମନାକୁ ଆସିଥିଲା। ଏହି ମୃତ୍ୟୁଗୁଡ଼ିକ ଅନ୍ତର୍ଜାତୀୟ ସ୍ତରରେ ଭାରତର ଛବିକୁ ମଧ୍ୟ ଖରାପ କରିଛି, ଯାହା ଫଳରେ ସରକାରଙ୍କୁ ଏହି ପଦକ୍ଷେପ ନେବାକୁ ପଡିଛି। ଏହା ସହ ସରକାରଙ୍କ ଚେଷ୍ଟା ଏହା ରହିଛି ଯେ, ବିକ୍ରେତାଙ୍କୁ ସିଧା ଔଷଧ କିଣନ୍ତୁ ଓ ଡାକ୍ତରଙ୍କ ପ୍ରେସକ୍ରିପସନ୍ ଆଧାରରେ ହିଁ ଔଷଧ ନି?ନ୍ତୁ। ଏହାର ବହୁ ଲାଭ ରହିଛି। ନିଶ ପାଇଁ ଔଷଧ ବ୍ୟବହାର ଉପରେ ରୋକ ଲାଗିହେବ। ସେଭଳି ଡାକ୍ତରଙ୍କ ପ୍ରେସକ୍ରିପସନ୍ ବିନା ବହୁ ଲୋକ ଆଣ୍ଟିବାଓଟିକ୍ ବ୍ୟବହାର କରନ୍ତି। ଏହି କାରଣରୁ ପରେ ତାଙ୍କ ଉପରେ ଆଣ୍ଟିବାଓଟିକ୍ସର ପ୍ରଭାବ ପଡିନଥାଏ।

# ଦକ୍ଷିଣ ସିରିଆ ଉପରେ ଇସ୍ରାଏଲର ଆକ୍ରମଣ,୧୩ ମୃତ

ନୂଆଦିଲ୍ଲୀ : ଗାଜା ପରେ ଏବେ ଦକ୍ଷିଣ ସିରିଆର ଗାଁକୁ ଟାର୍ଗେଟ କରିଛି ଇସ୍ରାଏଲ । ଗାଁରେ ରାତିର ଅନ୍ଧାରରେ ତଲାସୀ ଅଭିଯାନ ବେଳେ ଗୁଳିକାଣ୍ଡରେ ୧୩ ଜଣଙ୍କର ମୃତ୍ୟୁ ହୋଇଛି। ସିରିଆର ନ୍ୟୁଜ ଏଜେନ୍ସି 'ସାନା' ଏନେଇ ସୂଚନା ଦେଇଛି। ସିରିଆ ବୈ?ଦେଶିକ ମନ୍ତ୍ରଣାଳୟ ଇସ୍ରାଏଲର ଏହି ଅପରେସନକୁ ନିନ୍ଦା କରିଛି। ସିରିଆ ପ୍ରଶାସନ ଏହାକୁ 'ଯୁଦ୍ଧ ଅପରାଧ' ବୋଲି କହିଛି। ଇସ୍ରାଏଲ ପୁଣିଥରେ ପୁରା ଅଞ୍ଚଳକୁ ଅଶାନ୍ତ କରିବା ଓ ହିଂସାର ନିଆଁକୁ ବଢାଇବାର ଚେଷ୍ଟା କରୁଛି। ଆକ୍ରମଣରେ ଆହତ ହୋଇଥିବା ଇୟାଦ ତାହିର କହିଛନ୍ତି, ଆମେ ରାତିରେ ଶୋଇଥିଲୁ ଓ ସକାଳେ ନିଦ ଭାଙ୍ଗିବା ପରେ ଭୟଙ୍କର ଗୁଳିକାଣ୍ଡ ଚାଲିଥିଲା। ଆମେ ବାହାରକୁ ଆସିବା ମାତ୍ରେ ଦେଖିଥିଲୁ ଗାଁରେ ଇସ୍ରାଏଲ ସେନାର ଅଭିଯାନ ଚାଲିଛି। ଚାରିପଟେ ସେ?ନିକ ଓ ଟ୍ୟାଙ୍କ ମୁତୟନ କରାଯାଇଥିଲା। ଏହାପରେ ହୋଇଥିଲା ଆଖିବୁଜା ଗୁଳିମାନ।ହସ୍ପିଟାଲରେ ଭର୍ତ୍ତି ଅହମ୍ମଦ କମାଲ ଏଏଫପିକୁ କହିଛନ୍ତି ସେ ନିଜେ ନିଜର ରକ୍ଷା ପାଇଁ ଫାୟାରିଂ କରିଥିଲେ। ଗୁଳିକାଣ୍ଡରେ ତାଙ୍କ ଭାଇର ମୃତ୍ୟୁ ହୋଇଥିବା ବେଳେ ସେ ଗୁରୁତର ଆହତ ହୋଇଥିଲେ। ଇସ୍ରାଏଲୀ ସେନାର କହିବା ଅନୁସାରେ, ଗାଁରେ ଥିବା ଇସଲାମିକ ଗୋଷ୍ଠୀର



ହିଂସ୍ର ଆତଙ୍କୀଙ୍କୁ ଧରାଯାଇଥିଲା। ଏହି ଇସଲାମିକ୍ ସଂଗଠନ ମଧ୍ୟ ହମାସ ଓ ହୁତି ସହ ମିଶି ଇସ୍ରାଏଲ ବିରୋଧରେ ଷଡଯନ୍ତ୍ର କରିଥିଲା। ଆଇଡିଏଫ୍ର ସୂଚନା ଅନୁସାରେ, ତା'ର ୬ ସୈନିକ ଏହି ସମୟରେ ଆହତ ହୋଇଛନ୍ତି। ସେନାର ଦାବି ଅନୁସାରେ, ଏହି ଅଭିଯାନରେ ବହୁ ଆତଙ୍କୀ ନିହତ ହୋଇଛନ୍ତି। ସେଭଳି ଅଞ୍ଚଳରେ ମଧ୍ୟ ଏବେ ବି ଜବାନ ମୁତୟନ ହୋଇଛନ୍ତି। ଉଲ୍ଲେଖନୀୟ ଯେ, ବଶଦ ଅଲ୍ ଅସଦ ସରକାର ଭାଙ୍ଗିବା ପରେ ଓ ନୂଆ ଇସଲାମିକ୍ ସରକାର ଗଠନ ପରେ ଶତାଧିକ ଥର ଇସ୍ରାଏଲ ସିରିଆ ଉପରେ ଆକ୍ରମଣ କରିସାରିଛି। ଇସ୍ରାଏଲ ବଫର ଜୋନ୍ରେ ମଧ୍ୟ ନିଜ ସୈନିକଙ୍କୁ ମୁତୟନ କରିଛି।

# ୧୧ ନକ୍ସଲଙ୍କ ଆତ୍ମସମର୍ପଣ

ନୂଆଦିଲ୍ଲୀ : ମହାରାଷ୍ଟ୍ର ଗୋନ୍ଦିଆ ଜିଲାରେ ୧୧ ନକ୍ସଲବାଦୀଙ୍କୁ ପୁଲିସ ମୁଖ୍ୟାଳୟରେ ପହଞ୍ଚି ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତଙ୍କ ଉପରେ ସମୁଦାୟ ୮୯ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ପୁଲିସ ସୂଚନା ଅନୁସାରେ ଏମାନେ ମହାରାଷ୍ଟ୍ର-ମଧ୍ୟପ୍ରଦେଶ-ଛତିଶଗଡ (ଏମଏମସି) ଜୋନର ସବୁଠାରୁ ସକ୍ରିୟ ଦଳରେ ସାମିଲ ଥିଲେ। ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ମଧ୍ୟରେ ଅନନ୍ତ ଓରଫ ବିନୋଦ ସୈୟାନା ମଧ୍ୟ ସାମିଲ ଅଛି। ତେଲଙ୍ଗାନାର କରିମନଗର ଜିଲାର ୪୦ ବର୍ଷୀୟ ବିନୋଦ ଉପରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସେ ନିଜ ଏକେ-୪୭ ରାଇଫଲ ମଧ୍ୟ ଜମା କରିଛି। ଏତେ ସଂଖ୍ୟାରେ ନକ୍ସଲଙ୍କ ଆତ୍ମସମର୍ପଣ ଫଳରେ ଦଳର ଶକ୍ତି ହ୍ରାସ ପାଇଥିବା ପୁଲିସ ସୂଚନା ଦେଇଛି। ଗଡଚିରୋଲି ରେଞ୍ଜର ଡିଆଇଜି ଅଙ୍କିତ ଗୋୟଲ କହିଛନ୍ତି ଯେ ଏହି ଦଳ ଅନେକ ସମୟ ଧରି ଏମଏମସି ଜୋନରେ ସକ୍ରିୟ ଥିଲା; କିନ୍ତୁ ଏବେ ଏହାର ଅଧିକାଂଶ ସଦସ୍ୟ ଆତ୍ମସମର୍ପଣ କରିସାରିଛନ୍ତି ଏବଂ ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ପ୍ରସ୍ତୁତ ଅଛନ୍ତି। ଅକ୍ଟୋବରରେ ନକ୍ସଲ କମାଣ୍ଡର ଭୂପତି ଓରଫ ସୋନୁ ନିଜ ୬୦ ସାଥୀଙ୍କ ସହ ଆତ୍ମସମର୍ପଣ କରିଥିଲା।

# ଦକ୍ଷିଣ ଆଫ୍ରିକାକୁ ଚେତାବନୀ ଦେଲେ ଟ୍ରମ୍ପ୍



ୱାଶିଂଟନ୍ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦକ୍ଷିଣ ଆଫ୍ରିକା ସମ୍ପର୍କରେ ବିବାଦୀୟ ବୟାନ ଦେଇଛନ୍ତି। ଟ୍ରମ୍ପ ଟୁଇଟରରେ ଲେଖିଛନ୍ତି ଯେ, ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଏ୨୦ ସମ୍ମିଳନୀରେ ଆମେରିକା ଅଂଶଗ୍ରହଣ କରିନାହିଁ। କାରଣ ସେଠାକାର ସରକାର 'ଶ୍ୱେତ ଲୋକଙ୍କ ଉପରେ ହେଉଥିବା ଅତ୍ୟାଚାର'କୁ ଗମ୍ଭୀରତାର ସହ ନେଉନାହାଁନ୍ତି। ଟ୍ରମ୍ପ ଦାବି କରିଛନ୍ତି, ଆଫ୍ରିକୀୟ ଏବଂ ୟୁରୋପୀୟ ବଂଶୋଦ୍ଭବଙ୍କ ଉପରେ ଆକ୍ରମଣ କରାଯାଉଛି ଏବଂ ସେମାନଙ୍କ ଜମି ଛଡ଼ାଇ ନିଆଯାଇଛି। ଦକ୍ଷିଣ ଆଫ୍ରିକା ସରକାର ଏହି ପ୍ରସଙ୍ଗରେ କୌଣସି ପଦକ୍ଷେପ ନେଉନାହିଁ। ଏ୨୦ ସମ୍ମିଳନୀ ପରେ ଦକ୍ଷିଣ ଆଫ୍ରିକା ସମାପନ ଉତ୍ସବରେ ଉପସ୍ଥିତ ରହିବା ସତ୍ତ୍ୱେ ଆନୁଷ୍ଠାନିକ ଭାବରେ ଆମେରିକାର ଜଣେ ବରିଷ୍ଠ ଦୂତାବାସ ଅଧିକାରୀଙ୍କୁ ଏ୨୦ ରାଷ୍ଟ୍ରପତି ପଦ ହସ୍ତାନ୍ତର କରିନାହିଁ। ସେ ଚେତାବନୀ ଦେଇଛନ୍ତି ଯେ, ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଦକ୍ଷିଣ ଆଫ୍ରିକାକୁ ଆସନ୍ତା ବର୍ଷ ମିଆମିରେ ହେବାକୁ ଥିବା ୨୦୨୬ ଏ୨୦ ସମ୍ମିଳନୀକୁ ନିମନ୍ତ୍ରଣ କରାଯିବ ନାହିଁ। ଆମେରିକା ଦକ୍ଷିଣ ଆଫ୍ରିକାକୁ ସମସ୍ତ ଆର୍ଥିକ ସହାୟତା ତୁରନ୍ତ ସ୍ଥଗିତ କରିବ। ଟ୍ରମ୍ପ ଆମେରିକୀୟ ଗଣମାଧ୍ୟମ ଉପରେ ମଧ୍ୟ ଆକ୍ରମଣ କରିଛନ୍ତି, କହିଛନ୍ତି ଯେ ନକଲି ଖବର ଗଣମାଧ୍ୟମ ଏହି ପ୍ରସଙ୍ଗରେ ନୀରବ ରହିଛି ଏବଂ ଦକ୍ଷିଣ ଆଫ୍ରିକାରେ ହେଉଥିବା କଥିତ ଅତ୍ୟାଚାର ବିଷୟରେ ରିପୋର୍ଟ କରୁନାହିଁ। ଦକ୍ଷିଣ ଆଫ୍ରିକା ଚଳିତ ବର୍ଷ ଜୋହାନ୍ସବର୍ଗରେ ଏ୨୦ ଶିଖର ସମ୍ମିଳନୀ ୨୦୨୫ ଆୟୋଜନ କରିଥିଲା। ଏଥିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିୟା ମେଲୋନି, ବ୍ରିଟିଶ ପ୍ରଧାନମନ୍ତ୍ରୀ କାଇର ଷ୍ଟାରମରଙ୍କ ସହିତ କାନାଡା, ଅଷ୍ଟ୍ରେଲିଆ, ଜାପାନ, ଦକ୍ଷିଣ କୋରିଆ, ନେଦରଲାଣ୍ଡ, ଜାମାଇକା ଏବଂ ଅନ୍ୟାନ୍ୟ ଅନେକ ଦେଶର ଶୀର୍ଷ ନେତାମାନେ ଯୋଗ ଦେଇଥିଲେ। ଏଥର ଆମେରିକା ଶିଖର ସମ୍ମିଳନୀକୁ ବର୍ଜନ କରିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏ୨୦ରେ ଅଂଶଗ୍ରହଣ କରି ନ ଥିଲେ ଏବଂ ଆମେରିକା ପ୍ରତିନିଧିମଣ୍ଡଳ ମଧ୍ୟ ଯୋଗ ଦେଇ ନ ଥିଲେ।

# ଆସିମ ମୁନିରଙ୍କ ବିରୋଧରେ ବିଦ୍ରୋହ ଆରମ୍ଭ କଲେ ଇମ୍ରାନଙ୍କ ୩ ଭଉଣୀ

ଇସ୍ଲାମାବାଦ: ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ହତ୍ୟା ରହସ୍ୟକୁ ନେଇ ପାକିସ୍ତାନରେ ଏବେ ଶୀତଳଯୁଦ୍ଧ ଆରମ୍ଭ ହୋଇଯାଇଛି। ଜେଲ ଭିତରେ ଇମ୍ରାନଙ୍କୁ ହତ୍ୟା କରାଯାଇଥିବା ନେଇ ଆଫଗାନିସ୍ତାନ ଗଣମାଧ୍ୟମ ଦାବି କରିବା ପରଠାରୁ ଦେଶରେ ଅପ୍ରୀତିକର ପରିସ୍ଥିତି ଉପୁଜିଛି। ସେପଟେ ଜେଲ୍



କର୍ତ୍ତୃପକ୍ଷ ଇମ୍ରାନଙ୍କ ପରିବାରକୁ ତାଙ୍କ ସହିତ ଭେଟିବାକୁ ସୁଯୋଗ ଦେଉ ନ ଥିବାରୁ ଏହାକୁ ନେଇ ସସପେନ୍ସ ବଢ଼ିଯାଇଛି। ଗତ ନଭେମ୍ବର ୫ରେ ଇମ୍ରାନ ସାମାଜିକ ଗଣମାଧ୍ୟମରେ ଶେଷ ଥର ଲାଗି କରିଥିବା ଏକ ପୋଷ୍ଟରେ ତାଙ୍କର କୌଣସି କ୍ଷତି ହେଲେ ସେଥିପାଇଁ ମୁନିର ଦାୟୀ ରହିବେ ବୋଲି ଲେଖିଥିଲେ। ତେଣୁ ବର୍ତ୍ତମାନ ତାଙ୍କ ହତ୍ୟା ଖବର ପ୍ରଚାରିତ ହେବା ପରେ ମୁନିରଙ୍କ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ଏହାକୁ କେନ୍ଦ୍ର କରି ଇମ୍ରାନଙ୍କ ୩ ଭଉଣୀ ଏବଂ ପୁଅ ମୁନିର ବିରୋଦରେ ବିଦ୍ରୋହ ଆରମ୍ଭ କରିଦେଇଛନ୍ତି। ଯାହାକୁ ସମର୍ଥନ କରି ରାସ୍ତାକୁ ଓହାଇଛନ୍ତି ଦେଶର ଜନସାଧାରଣ ଏବଂ ଇମ୍ରାନଙ୍କ ରାଜନୈତିକ ଦଳ ପିଟିଆଇ। ଇମ୍ରାନଙ୍କୁ ଅଡିୟାଲା ଜେଲରେ ବନ୍ଦୀ କରି ରଖାଯାଇଥିଲା। ଏବେ ତାଙ୍କର ୩ ଭଉଣୀ ଇମ୍ରାନଙ୍କୁ ଭେଟିବାକୁ ଜିଦରେ ଅଟଳ ରହିଛନ୍ତି। ସେପଟେ ପିଟିଆଇ ନେତା, କର୍ମୀ ଏବଂ ଜନସାଧାରଣ ଜେଲ ବାହାରେ ଧାରଣା ଦେଇଛନ୍ତି। ଇମ୍ରାନଙ୍କ ପୁଅ କାସିମ ଇମ୍ରାନ ଜୀବିତ ଥିବା ନେଇ ପ୍ରମାଣ ମାଗିଛନ୍ତି। ପାକିସ୍ତାନ ସେନା ମୁଖ୍ୟ ଆସିମ ମୁନୀର ସ୍ଥଳସେନା, ନୌସେନା, ବାୟୁସେନା ଏବଂ ପରମାଣୁ ଅସ୍ତ୍ର ଉପରେ ନିଜର ନିୟନ୍ତ୍ରଣ ରଖିଥିବା ପ୍ରଥମ ପ୍ରତିରକ୍ଷା ମୁଖ୍ୟ ପାଲଟିଯାଇଛନ୍ତି। ପାକିସ୍ତାନର ସାମ୍ବିଧାନିକ ସଂଶୋଧନ ତାଙ୍କୁ ମୁସରଫଙ୍କ ପରେ ସବୁଠୁ ୨ୟ ଶକ୍ତିଶାଳୀ ଜେନେରାଲ ଭାବେ ଦାୟିତ୍ୱ ଦେଇଛି। ମୁନିର ପାକିସ୍ତାନର ସବୁଠୁ ଶକ୍ତିଶାଳୀ ବ୍ୟକ୍ତି ହେବା ପରଠାରୁ ତାଙ୍କ ବିରୋଦରେ ସବୁଠୁ ବଡ଼ ବିଦ୍ରୋହ ବି ଆରମ୍ଭ ହୋଇଯାଇଛି।

## ତାମିଲନାଡୁ ମୁହାଁ ବାତ୍ୟା ଡିଟୱା

ନୂଆଦିଲ୍ଲୀ: ଦକ୍ଷିଣ ଭାରତରେ ବାତ୍ୟା ଡିଟୱା ପ୍ରଭାବରେ ପ୍ରବଳ ବର୍ଷା ଏବଂ ବନ୍ୟା ହୋଇଥିବା ସୂଚନା । ବାତ୍ୟା ପ୍ରଭାବରେ ଶ୍ରୀଲଙ୍କାରେ ୧୨୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦୦ ରୁ ଅଧିକ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି । ଡିଟୱା ନଭେମ୍ବର ୩୦ ସୁଦ୍ଧା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରି ଉତ୍ତର ତାମିଲନାଡୁ, ପୁଡୁଚେରୀ ଏବଂ ସଂଲଗ୍ନ ଦକ୍ଷିଣ ଆନ୍ଧ୍ର ଉପକୂଳ ନିକଟରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଉପରେ ପହଞ୍ଚିବାର ସମ୍ଭାବନା ରହିଛି, ବୋଲି ଭାରତ ପାଣିପାଗ ବିଭାଗ (ଆଇଏମଡି) କହିଛି । ଆଗାମୀ ୪୮ ଘଣ୍ଟା ମଧ୍ୟରେ ବାତ୍ୟା ପ୍ରଭାବରେ ଅତି ପ୍ରବଳ ବର୍ଷା ଏବଂ ପ୍ରବଳ ପବନ ହେବାର ଆଇଏମଡି ପୂର୍ବାନୁମାନ କରିଛି । ଏହାକୁ ଦୃଷ୍ଟିରେ ରଖି ତାମିଲନାଡୁ ସରକାର ଅନେକ ଜିଲାକୁ ରେଡ ଆଲର୍ଟ ଜାରି କରିଛନ୍ତି । ଚେନ୍ନଇ ବିମାନବନ୍ଦର କର୍ତ୍ତୃପକ୍ଷ ୫୪ଟି ନିର୍ଦ୍ଧାରିତ ବିମାନ ଉଡ଼ାଣ ବାତିଲ କରିଛନ୍ତି । ତାମିଲନାଡୁରେ ପ୍ରବଳ ବର୍ଷା ସତର୍କତା ଯୋଗୁଁ ଅନେକ ସ୍କୁଲ ବନ୍ଦ ରଖାଯାଇଛି ।

# ଗଣବିବାହ ସମ୍ମିଳନୀରେ ବିବାହ କରିବେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ପୁଅ

ଭୋପାଳ : ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ପୁଣି ଥରେ ସରଳତାର ଉଦାହରଣ ସୃଷ୍ଟି କରିଛନ୍ତି। ପ୍ରକୃତରେ ମୋହନ ଯାଦବ ତାଙ୍କ ସାନ ପୁଅ ଡକ୍ଟର ଅଭିମନ୍ୟୁ ଯାଦବଙ୍କୁ ଏକ ଗଣ ବିବାହ ସମ୍ମିଳନୀରେ ବିବାହ କରାଇବାକୁ ଯାଉଛନ୍ତି। ଏହି କାର୍ଯ୍ୟକ୍ରମ ନଭେମ୍ବର ୩୦ରେ ଉଜ୍ଜୟିନୀରେ ଅନୁଷ୍ଠିତ ହେବ। ଯେଉଁଠାରେ ମୁଖ୍ୟମନ୍ତ୍ରୀଙ୍କ ପୁଅଙ୍କ ସମେତ ମୋଟ୍ ୨୧ ଦମ୍ପତି ସମ୍ମିଳନୀରେ ବିବାହ କରିବେ।

ଉଜ୍ଜୟିନୀରେ ଏହି ଗଣ ବିବାହ ଉତ୍ସବ ପାଇଁ ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଛି। ଅତିଥିମାନଙ୍କୁ ସରଳ ନିମନ୍ତ୍ରଣ ପଠାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ପୁଅ ଅଭିମନ୍ୟୁଙ୍କୁ ଗଣବିବାହ ସମ୍ମିଳନୀରେ ବିବାହ କରିବାର ନିଷ୍ପତ୍ତିକୁ ବ୍ୟାପକ ପ୍ରଶଂସା କରାଯାଉଛି। ସାଧାରଣତଃ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ କିମ୍ବା ସାମାଜିକ ଏବଂ ଧାର୍ମିକ ସଂଗଠନ ଦ୍ୱାରା ମନୋନୀତ ଦମ୍ପତିଙ୍କ ପାଇଁ ଗଣ ବିବାହ ଆୟୋଜନ କରାଯାଏ। ଏହା ବିଶ୍ୱାସ କରାଯାଏ ଯେ, ମୁଖ୍ୟମନ୍ତ୍ରୀ ତାଙ୍କ ପୁଅକୁ ଏକ ଗଣବିବାହ ସମ୍ମିଳନୀରେ ବିବାହ କରାଇ ସମାଜକୁ ସମାନତା ଏବଂ ଅନ୍ତର୍ଭୁକ୍ତିର ବାର୍ତ୍ତା ଦେଇଛନ୍ତି। ଏହି ବିବାହ ଉତ୍ସବ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ



ଯାଦବ ଅତିଥିମାନଙ୍କୁ କୌଣସି ଉପହାର ନ ଆଣିବାକୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ସାନ ପୁଅ ଅଭିମନ୍ୟୁ ଜଣେ ଡାକ୍ତର ଏବଂ ଭୋପାଳରେ ରୁହନ୍ତି। ତାଙ୍କ ବୋହୂ ଇଶିତା ମଧ୍ୟ ଜଣେ ଡାକ୍ତର ଏବଂ ଖାରଗୋନର ବାସିନ୍ଦା। ଅଭିମନ୍ୟୁ ଏବଂ ଇଶିତାଙ୍କ ନିର୍ବନ୍ଧ ଏକ ସରଳ ଉତ୍ସବରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ କେବଳ ନିକଟତମ ପରିବାର ସଦସ୍ୟମାନେ ଯୋଗ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ପୁଅର ବିବାହ ଭଳି କାର୍ଯ୍ୟକ୍ରମ ପାଇଁ ଏକ ନିର୍ଦ୍ଦିଷ୍ଟ ଆବେଦନ ପ୍ରକ୍ରିୟା ଅଛି। ଏହି ଗଣବିବାହ ଉତ୍ସବ ରାଜ୍ୟ ସରକାରଗୁଡ଼ିକ ଦ୍ୱାରା ଆୟୋଜିତ ହୋଇଥାଏ। ବର ଏବଂ କନ୍ୟା ନିର୍ଦ୍ଧାରିତ ତାରିଖର ୧୫ ଦିନ ପୂର୍ବରୁ ସମ୍ପୃକ୍ତ ସହରାଞ୍ଚଳ ସଂସ୍ଥା କିମ୍ବା ଜିଲା ପଞ୍ଚାୟତରେ ଆବେଦନ କରିବାକୁ ପଡ଼ିବ। ରାଜ୍ୟ ସରକାରଙ୍କ ଗଣବିବାହ ଉତ୍ସବ ୱେବ୍ସାଇଟ୍ ଭିଜିଟ୍ କରି ମଧ୍ୟ ଆବେଦନ କରାଯାଇପାରିବ। ଆବେଦନ ସହିତ କିଛି ଡକ୍ୟୁମେଣ୍ଟ ରହିବା ଆବଶ୍ୟକ। ଯେଉଁଥିରେ ସଂଖ୍ୟାଲଘୁ ନୁହେଁ ବୋଲି ପ୍ରମାଣପତ୍ର, ଆଧାର କାର୍ଡ, ପରିଚୟପତ୍ର, ବୟସ ପ୍ରମାଣପତ୍ର ଏବଂ ଫଟୋଗ୍ରାଫ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ଆବେଦନ ଦାଖଲ ହେବା ପରେ, ଏକ ଚୟନ କମିଟି ଯୋଗ୍ୟତା ନିର୍ଣ୍ଣୟ କରେ ଏବଂ କାର୍ଯ୍ୟକ୍ରମ ପୂର୍ବରୁ ଅନୁମୋଦନ ନିର୍ଦ୍ଦେଶ ଜାରି କରେ। ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ତାରିଖରେ ଗଣବିବାହ ଉତ୍ସବ ଅନୁଷ୍ଠିତ ହୁଏ ଏବଂ ହିତାଧିକାରୀମାନଙ୍କୁ ଏହି ତାରିଖରେ ବିବାହ କରିବାର ସୁଯୋଗ ଦିଆଯାଏ।




## କନିଷ୍ଠ ପୁରୁଷ ହକି ବିଶ୍ୱକପ୍: ବଡ଼ ବିଜୟରୁ ବିଶ୍ୱକପ୍ ଅଭିଯାନ

# ରୋଶନ, ଅନ୍‌ମୋଲ୍ ଦେଲେ ୩ ଗୋଲ୍

ଚେନ୍ନାଇ: ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା କନିଷ୍ଠ ହକି ବିଶ୍ୱକପ୍‌ରେ ଆୟୋଜକ ଭାରତ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚ୍‌ରେ ଚିଲିକୁ ଏକତରଫା ଭାବେ ୭-୦ ଗୋଲ୍‌ରେ ହରାଇ ଦେଇଛି। ଭାରତୀୟ ଦଳର ଏହି ଗୋଲ୍ ବର୍ଷାରେ ଓଡ଼ିଆ ତାରକା ରୋଶନ ମିଞ୍ଜ୍ (୧୬, ୨୧ ମିନିଟ୍) ଓ ଅନମୋଲ୍ ଏକ୍କା (୪୮ ମିନିଟ୍) ତିନିଟି ଗୋଲ୍ ଦେଇ ପ୍ରମୁଖ ଭୂମିକା ତୁଲାଇଛନ୍ତି। ପୁଣି ଅଲିମ୍ପିଆନ୍ ତଥା ପୂର୍ବତନ ଭାରତୀୟ ରକ୍ଷଣଭାଗ ଖେଳାଳି ବୀରେନ୍ଦ୍ର ଲାକ୍ରାଙ୍କ ପ୍ରଶିକ୍ଷଣରେ ଭାରତ ଜିତିବା ଉଲ୍ଲେଖନୀୟ ରହିଛି। ଚେନ୍ନାଇର ମେୟର ରାଧାକ୍ରିଷ୍ଣ ଷ୍ଟାଡ଼ିୟମରେ ଖେଳାଯାଇଥିବା ଗ୍ରୁପ-ବି ମ୍ୟାଚରେ ଭାରତ ୭-୦ ଗୋଲରେ ଚିଲିକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଭାରତ ପକ୍ଷରୁ ୧୬ ମିନିଟ୍‌ରେ ରୋଶନ କୁଜୁର ପ୍ରଥମ ଓ ୨୧ ମିନିଟ୍‌ରେ ଦ୍ୱିତୀୟ ଗୋଲ ଦେଇଥିଲେ। ୨୫ ମିନିଟ୍‌ରେ ଭାରତ ପକ୍ଷରୁ ଦିଲରାଜ ସିଂହ ତୃତୀୟ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୩-୦ ଗୋଲରେ ଆଗୁଆ ରହିଥିଲା। ତୃତୀୟ କ୍ୱାର୍ଟର ତଥା ଖେଳର ୩୪ ମିନିଟ୍‌ରେ ଭାରତ ପକ୍ଷରୁ ଦିଲରାଜ ସିଂହ ଚତୁର୍ଥ, ୩୫ ମିନିଟ୍‌ରେ ଅଜିତ ଯାଦବ ପଞ୍ଚମ ଗୋଲ ଦେଇଥିଲେ। ତୃତୀୟ କ୍ୱାର୍ଟର ସୁଦ୍ଧା ଭାରତ ୫-୦ ଗୋଲରେ ଆଗୁଆ ରହିଥିଲା। ୪୮ ମିନିଟ୍‌ରେ ଭାରତ ପକ୍ଷରୁ ଅନମୋଲ ଏକ୍କା ଷଷ୍ଠ ଓ ୬୦ ମିନିଟ୍‌ରେ ରୋହିତ ସପ୍ତମ ଗୋଲ ଦେଇ ଦଳକୁ ୭-୦ରେ ବିଜୟ କରାଇଥିଲେ।




ଏହି ବିଜୟ ସହ ଭାରତ ୩ ପଏଣ୍ଟ ପାଇଛି। ଭାରତ ଦ୍ୱିତୀୟ ମ୍ୟାଚ ୨୯ରେ ଓମାନ ସହ ଖେଳିବ। ଗ୍ରୁପ-ବି ର ଦ୍ୱିତୀୟ ମ୍ୟାଚରେ ସ୍ୱିଜରଲାଣ୍ଡ ୪-୦ ଗୋଲରେ ଓମାନକୁ ପରାସ୍ତ କରିଛି। ସ୍ୱିଜରଲାଣ୍ଡ ପକ୍ଷରୁ ବାୟୋଚ ୧୫, ରିବାଉଡୁ ୨୩, କ୍ରାକନର ୩୩ ଓ ବ୍ରୁନଲୋଡ ୫୮ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ମଦୁରାଇରେ ଗ୍ରୁପ-ଏ ର ପ୍ରଥମ ମ୍ୟାଚରେ ଜର୍ମାନୀ ୪-୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଜର୍ମାନୀ ପକ୍ଷରୁ ଜୋଷ୍ଟୁସ ୱାରାଗେ ୧୯ ଓ ୫୬ ମିନିଟ୍‌ରେ ୨ଟି, ବେନ୍ ହାସବୁଚ ୪୩ ଓ ଗ୍ଲାଣ୍ଡର ପଲ ୪୪ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଦ୍ୱିତୀୟ ମ୍ୟାଚରେ ଆର୍ୟଲାଣ୍ଡ ୪-୩ ଗୋଲରେ କାନାଡାକୁ ପରାସ୍ତ କରିଛି। ଆର୍ୟଲାଣ୍ଡ ପକ୍ଷରୁ ରୋଏ ୧୩ ଓ ୩୩ ମିନିଟ୍‌ରେ ୨ଟି, ୱିଲିୟମ୍‌ସ ୩୫ ଓ ଥମ୍‌ସନ ୪୧ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। କାନାଡା ପକ୍ଷରୁ ଡି ସୁଜା ୪୮ ଓ ୫୩ ମିନିଟ୍‌ରେ ୨ଟି ଓ ବୁଲାର ୨୬ ମିନିଟ୍‌ରେ ଗୋଟିଏ ଗୋଲ ଦେଇଥିଲେ। ତାମିଲନାଡୁର ଚେନ୍ନଇ ଓ ମଦୁରାଇରେ ଖେଳାଯାଉଛି। ଏଥିରେ ୨୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ଡିସେମ୍ବର ୧୦ରେ ଫାଇନାଲ ଖେଳାଯିବ। ଗ୍ରୁପ୍-ସି ମ୍ୟାଚରେ ଆର୍ଜେଣ୍ଟିନା ୪-୧ ଗୋଲରେ ଜାପାନକୁ ଓ ନ୍ୟୁଜିଲାଣ୍ଡ ୫-୩ ଗୋଲରେ ଚୀନକୁ ପରାସ୍ତ କରିଛି। ଗ୍ରୁପ-ଡି ମ୍ୟାଚରେ ସ୍ପେନ ୮-୦ ଗୋଲରେ ଇଜିପ୍ଟକୁ ଓ ବେଲଜିୟମ ୧୨-୧ ଗୋଲରେ ନାମ୍ବିଆକୁ ପରାସ୍ତ କରିଛି।

ଭାରତ ପାଇଁ ଅନ୍ୟ ତିନିଟି ଗୋଲ୍ ଦିଲ୍‌ରାଜ ସିଂହ (୨୫, ୩୪ ମିନିଟ୍), ଅଜିତ ଯାଦବ (୩୫ ମିନିଟ୍) ଏବଂ ଅଧିନାୟକ ରୋହିତ (୬୦) ଦେଇଛନ୍ତି। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପୂରା ନିୟନ୍ତ୍ରଣରେ ରଖିଥିବା ଭାରତ ଏହି ମ୍ୟାଚ୍‌ରେ ପ୍ରଥମାର୍ଦ୍ଧ ସୁଦ୍ଧା ୩-୦ରେ ଆଗୁଆ ଥିଲା। ଦ୍ୱିତୀୟାର୍ଦ୍ଧରେ ଆଉ ୪ଟି ଗୋଲ୍ ଦେଇ ସହଜ ବିଜୟରେ ମୁଣ୍ଡି ମାରିଥିଲା। ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ଶନିବାର ଓମାନକୁ ଭେଟିବ। ଶୁକ୍ରବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରୁ ଉଦ୍‌ଘାଟନୀ ମୁକାବିଲାକୁ ୭ ଥର ବିଜେତା ଜର୍ମାନୀ ୪-୦ରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା। ପରବର୍ତ୍ତୀ ଦୁଇ ମ୍ୟାଚ୍‌ରେ ସ୍ପେନ୍ ୮-୦ରେ ଇଜିପ୍ଟକୁ ଏବଂ ସ୍ୱିଜରଲାଣ୍ଡ୍ ୪-୦ରେ ଓମାନକୁ ଧରାଶାୟୀ କରିଥିଲା।

## ମହିଳା ପ୍ରିମିୟର ଲିଗ୍: ଦୀପ୍ତି ସବୁଠାରୁ ଦାମୀ

ନୂଆଦିଲ୍ଲୀ : ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୪ର୍ଥ ସଂସ୍କରଣ ୨୦୨୬ ଜାନୁଆରୀ ୯ରୁ ଖେଳାଯିବ। ଏଥିପାଇଁ ଦିଲ୍ଲୀରେ ମେଗା ଖେଳାଳି ନିଲାମ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି ନିଲାମରେ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ସବୁଠାରୁ ମହଙ୍ଗା ଖେଳାଳି ଭାବେ ବିକ୍ରି ହୋଇଛନ୍ତି। ୟୁପି ୱାରିଅର୍ଜ ଦୀପ୍ତିଙ୍କୁ ୩ କୋଟି ୨୦ ଲକ୍ଷ ଟଙ୍କାରେ ପୁନର୍ବାର ଦଳରେ ସାମିଲ କରିଛି। ନିଲାମ ସମୟରେ ଏକ ବଡ଼ ଡ୍ରାମା ଦେଖିବାକୁ ମିଳିଥିଲା। ପ୍ରାରମ୍ଭରେ ଦିଲ୍ଲୀ କ୍ୟାପିଟାଲ୍‌ସ ଦୀପ୍ତିଙ୍କୁ ୫୦ ଲକ୍ଷ ଟଙ୍କାରେ କିଣିଥିଲା। କିନ୍ତୁ ୟୁପି ୱାରିଅର୍ଜ ତୁରନ୍ତ ନିଜର ରାଇଟ୍ ଟୁ ମ୍ୟାଚ୍ କାର୍ଡ ବିକଳ୍ପ ବ୍ୟବହାର କରିଥିଲା। ଦିଲ୍ଲୀ ପୁଣି ଥରେ ନିଜର ଦାବି ଅର୍ଥ ବଢ଼ାଇଥିଲା। କିନ୍ତୁ ୟୁପି ଆଗକୁ ଯାଇ ୩ କୋଟି ୨୦ ଲକ୍ଷ ଟଙ୍କାରେ ଦୀପ୍ତିଙ୍କୁ କିଣି ପାରିଥିଲା।

ଏଥିସହିତ ଦୀପ୍ତି ଡବ୍ଲ୍ୟୁପିଏଲ୍ ଇତିହାସରେ ଦ୍ୱିତୀୟ ସର୍ବାଧିକ ଦାମୀ ଖେଳାଳି ବିବେଚିତ ହୋଇଛନ୍ତି। ୨୦୨୩ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସ୍ମୃତି ମାନ୍ଧାନାଙ୍କୁ ୩ କୋଟି ୪୦ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ଯାହା ଡବ୍ଲ୍ୟୁପିଏଲର ସବୁଠାରୁ ଦାମୀ ଖେଳାଳି ରହିଛନ୍ତି। ନିଲାମ ହୋଇଥିବା ଅନ୍ୟ ପ୍ରମୁଖ ଖେଳାଳିଙ୍କ ମଧ୍ୟରେ ନ୍ୟୁଜିଲାଣ୍ଡର ଆମେଲିଆ କେରଙ୍କୁ ମୁମ୍ବଇ ଇଣ୍ଡିଆନ୍‌ସ ୩ କୋଟି ଟଙ୍କାରେ, ଶିଖା ପାଣ୍ଡେଙ୍କୁ ୟୁପି ୱାରିଅର୍ଜ ୨ କୋଟି ୪୦ ଲକ୍ଷ ଟଙ୍କାରେ, ନ୍ୟୁଜିଲାଣ୍ଡର ସୋଫି ଡିଭାଇନଙ୍କୁ ଗୁଜରାଟ ଜ୍ୟାଣ୍ଟ୍‌ସ ୨ କୋଟିରେ, ଅଷ୍ଟ୍ରେଲିଆର ମେଗ୍ ଲାନିଙ୍ଗଙ୍କୁ ୟୁପି ୱାରିଅର୍ଜ ୧ କୋଟି ୯୦ ଲକ୍ଷ ଟଙ୍କାରେ, ଫିବି ଲିଚ୍‌ଫିଲ୍‌ଡଙ୍କୁ ୟୁପି ୱାରିଅର୍ଜ ୧ କୋଟି ୨୦ ଲକ୍ଷ ଟଙ୍କାରେ, ଦକ୍ଷିଣ ଆଫ୍ରିକା ଅଧିନାୟିକା ଲୌରା ଓଲଭାର୍ଟଙ୍କୁ ଦିଲ୍ଲୀ କ୍ୟାପିଟାଲ୍‌ସ ୧ କୋଟି ୧୦ ଲକ୍ଷ ଟଙ୍କାରେ, ଦିଲ୍ଲୀ କ୍ୟାପିଟାଲ୍‌ସ ୱେଷ୍ଟଇଣ୍ଡିଜ୍‌ର ଚିନେଲ ହେନରୀଙ୍କୁ ୧ କୋଟି ୩୦ ଲକ୍ଷରେ, ଶ୍ରୀ ଚରଣୀଙ୍କୁ ୧ କୋଟି ୩୦ ଲକ୍ଷ ଓ ଆଶା ଶୋଭନାଙ୍କୁ ୟୁପି ୱାରିଅର୍ଜ ୧ କୋଟି ୧୦ ଲକ୍ଷ ଟଙ୍କାରେ କିଣିଛି। ଅଷ୍ଟ୍ରେଲିଆର ତାରକା ଖେଳାଳି ଆଲିସା ହିଲି, ଆଲାନା କିଙ୍ଗ୍, ଇଂଲଣ୍ଡର ଏମି ଜୋନ୍‌ସ, ଭାରତର ଏସ୍. ମେଘନା, ପ୍ରତୀକା ରାୱଲ, ଇଂଲଣ୍ଡର ହିଦର ନାଇଟ୍‌ଙ୍କୁ କୌଣସି ଦଳ କିଣିନାହାନ୍ତି। ସମସ୍ତ ୫ଟି ଫ୍ରାଞ୍ଚାଇଜି ନିଲାମରେ ସାମିଲ ହୋଇଥିଲେ। ମୋଟ୍ ୨୭୦ ଜଣ ଖେଳାଳି ନାମ ପଞ୍ଜୀକରଣ ହୋଇଥିଲା; ଯେଉଁଥିରେ ୮୩ ଜଣ ଅନ୍ତର୍ଜାତୀୟ ଖେଳାଳି ଥିଲେ। ଏହି ନିଲାମରେ ୬୭ ଖେଳାଳି ବିକ୍ରି ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୨୩ ଜଣ ବିଦେଶୀ ଖେଳାଳି ରହିଛନ୍ତି। ଏଥିପାଇଁ ମୋଟ୍ ୪୦ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟ କରା ଯାଇଥିଲା।



## ପଲାଶଙ୍କ ସହ ନାମ ଯୋଡ଼ାଯିବାରୁ ସ୍ପଷ୍ଟୀକରଣ ଦେଲେ ନନ୍ଦିକା



ନୂଆଦିଲ୍ଲୀ: ନଭେମ୍ବର ୨୩ ପରଠୁ ଚର୍ଚ୍ଚାରେ ଭାରତୀୟ ମହିଳା କ୍ରିକେଟର ସ୍ମୃତି ମନ୍ଧାନା ଓ ସଙ୍ଗୀତକାର ପଲାଶ ମୁଛଲ। ଦୁହିଁଙ୍କ ବିବାହ ଅଟକିବା ପରଠୁ କେବେ ଦୁହେଁ ବିବାହ କରିବେ, ସେହି ଦିନକୁ ଅନାଇ ବସିଛନ୍ତି ପ୍ରଶଂସକ। ବିବାହ ପାଇଁ କୋରିଓଗ୍ରାଫର ଥିବା ନନ୍ଦିକା ଦିୱେଦିଙ୍କ ସହ ପଲାଶଙ୍କ ସମ୍ପର୍କ ଥିବା ନେଇ ଜଣାପଡ଼ିବା ପରେ ସ୍ମୃତି ବିବାହ ଭାଙ୍ଗି ଦେଇଥିବା ଚର୍ଚ୍ଚା ହେଉଛି। ଏହି ଚର୍ଚ୍ଚା ମଧ୍ୟରେ ପ୍ରତିକ୍ରିୟା ରଖିଛନ୍ତି ନନ୍ଦିକା। ସେ ନିଜର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭାବପୂର୍ଣ୍ଣ ନୋଟ ଲେଖି ନିଜର ପକ୍ଷ ରଖିଛନ୍ତି।

ଏହି ନୋଟରେ ସେ ପଲାଶ ଏବଂ ସ୍ମୃତିଙ୍କ ବିବାହ ଅଟକିବା ପଛରେ ତାଙ୍କର କୌଣସି ସଂପୃକ୍ତି ନଥିବା କଥାକୁ ସ୍ପଷ୍ଟ କରିଛନ୍ତି। ସେ କରିଥିବା ପୋଷ୍ଟରେ ଲେଖାଯାଇଛି ଯେ, 'ଗତ କିଛି ଦିନ ହେବ ଅନ୍ୟମାନଙ୍କ ବ୍ୟକ୍ତିଗତ ପ୍ରସଙ୍ଗରେ ମୋର ସମ୍ପୃକ୍ତି ଥିବା ଚର୍ଚ୍ଚା ହେଉଛି। ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ, ଏଥିରେ କୌଣସି ସତ୍ୟତା ନାହିଁ। ମୋର କେ ?ଣସି ସମ୍ପୃକ୍ତି ନଥାଇ ବି ଏଭଳି ମୋ ନାମକୁ ଯୋଡାଯିବା ଖବର ମୋତେ ଆଘାତ ଦେଇଛି। ରେଡିଟ୍ ଭଳି ପ୍ଲାଟଫର୍ମରୁ ସୂଚନା ନେଇ ଗଣମାଧ୍ୟମ ଖବର ପ୍ରକାଶ କରୁଛି, ଯେଉଁ ପ୍ଲାଟଫର୍ମରେ ଯିଏ ଯାହା ଇଚ୍ଛା ତାହା ଲେଖିଦିଏ। ବହୁତ ଦିନ ଚୁପ୍ ରହିଲି। ଆଉ ନୁହେଁ। କିଛି ଦୋଷ ନକରି ଏଭଳି ଆରୋପକୁ ମୁଁ ସହ୍ୟ କରିପାରୁନି। ଏଭଳି ଚର୍ଚ୍ଚା ହେବା ପରଠାରୁ ମୋ ପରିବାର ମାନସିକ ଚାପରେ ରହୁଛନ୍ତି। ବହୁତ ସଂଘର୍ଷ କରି ମୁଁ ମୁମ୍ବାଇ ଆସିଛି ଏବଂ ସଫଳ ହୋଇଛି। ଏଭଳି ମିଥ୍ୟା ଚର୍ଚ୍ଚା କରି ମୋର ଭାବମୂର୍ତ୍ତି ଖରାପ କରନ୍ତୁ ନାହିଁ। ଏହି ବିବାଦରେ ମୋତେ ଟାଣନ୍ତୁ ନାହିଁ। ଧୀରେ ଧୀରେ ସବୁ ସତ ସାମ୍ନାକୁ ଆସିବ।'


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୨୩-୨୯ ନଭେମ୍ବର ୨୦୨୫ ମହା ବିଜୟ




**ଜାତୀୟ:** ଭୂତଙ୍କ ପର୍ବତ ପ୍ରେତଶିଳା
**ଅନ୍ତର୍ଜାତୀୟ:** କେତେ ଦୁର୍ବଳ ଆର୍ଥିକ ଚୁକ୍ତିନାମା
**ବିଶେଷ ପ୍ରସଙ୍ଗ:** 'ଡମ୍ବରୁ ଗଡ଼'
**ନାରୀ:** : ଶୀତଦିନ ପାଇଁ ଆଲମଣ୍ଡ ପ୍ୟାକ୍
**କ୍ଷୁଦ୍ରଗଳ୍ପ:** ବନଦେବୀଙ୍କ କୃପା
**ଚଳଚ୍ଚିତ୍ର:** ପଡ଼ିବ କି ହାତଗଣ୍ଠି, ଚଳଚ୍ଚିତ୍ର: ଏମାନେ ଚଲାଉଛନ୍ତି ବିଗ୍‌ବସ୍
**ଖେଳ:** ଡାକା ଯିବାକୁ ମନାକଲେ ମୁଖ୍ୟ କୋଚ୍
**ମୀନାବଜାର:** ଏଇମିତି ଆସୁଥା, ଚର୍ଚ୍ଚାରେ: ଗୁମ୍ଫାରେ ଅଭିନେତ୍ରୀ, ବିଜ୍ଞାନ: ଏହି ଗଛକୁ ଡରନ୍ତି ସାପ, ପର୍ଯ୍ୟଟନ: ଇତିହାସର ମୂକସାକ୍ଷୀ ଧଉଳି, ଧର୍ମ: ଗାୟତ୍ରୀ ଛନ୍ଦର ଦିବ୍ୟ ମାହାତ୍ମ୍ୟ, କବିତା: ଶୀତ ମାଉସୀ, ଜାଣନ୍ତି କି ? : 'ଖେଳପଡ଼ିଆରୁ କ୍ୟାବିନେଟ୍', ସାସ୍ଥ୍ୟ: ଅରୁଗୁଣ ଫଳ ଖାଉଥିଲେ ସାବଧାନ !, ରାଜସ୍ଥାନ ଆସିବେ ଜାଡ଼େଜା ?, ବାସ୍ତୁ: ଗଙ୍ଗାଜଳ ରଖିବାର ସଠିକ୍ ସ୍ଥାନ ଏହିଭଳି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


## ବାରବାଟୀ ଟ୍ୱେଣ୍ଟି-୨୦ ଆଉ ୯ ଦିନ: ଷ୍ଟାଡିୟମ ଅନୁଧ୍ୟାନ କଲେ ଆଇଆଇଟି ଅଧିକାରୀ

କଟକ : ବାରବାଟୀ ଷ୍ଟାଡ଼ିୟମରେ ଆସନ୍ତା ଡିସେମ୍ବର ୯ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟ୍ୱେଣ୍ଟି୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ ଖେଳାଯିବ। ଉକ୍ତ ଅନ୍ତର୍ଜାତୀୟ ମ୍ୟାଚ ପୂର୍ବରୁ ବାରବାଟୀ ଷ୍ଟାଡ଼ିୟମର ନବୀକରଣ କାର୍ଯ୍ୟ ଓ ପ୍ରସ୍ତୁତି ସ୍ଥିତିକୁ ଦ୍ୱିତୀୟ ଥର ଅନୁଧ୍ୟାନ କରିଛନ୍ତି ଆଇଆଇଟି ଭୁବନେଶ୍ୱର ପ୍ରତିନିଧି ଦଳ। ୮ ଜଣିଆ ପ୍ରତିନିଧି ଦଳ ମ୍ୟାଚ ଲାଗି ଷ୍ଟାଡ଼ିୟମରେ ଚାଲିଥିବା ପ୍ରସ୍ତୁତି କାର୍ଯ୍ୟକୁ ତଦାରଖ କରିଥିଲେ। ପ୍ରତିନିଧି ଦଳ ଷ୍ଟାଡ଼ିୟମ ଗ୍ୟାଲେରୀଠାରୁ ଆରମ୍ଭ କରି କର୍ପୋରେଟ ବକ୍ସ, ଏସି ବକ୍ସ, ସ୍ପେଶାଲ ଏନ୍‌କ୍ଲୋଜର ପ୍ରସ୍ତୁତି ତଦାରଖ କରିଥିଲେ। ଆଇଆଇଟି ପ୍ରତିନିଧି ଦଳ ଅନୁଧ୍ୟାନ ରିପୋର୍ଟ ଆସନ୍ତା ଡିସେମ୍ବର ୬ରେ ଓଡ଼ିଶା ସରକାର ଓ କମିଶନରେଟ ପୁଲିସକୁ ପ୍ରଦାନ କରିବେ। ଗତ ୨୧ରେ ମଧ୍ୟ ଆଇଆଇଟି ପ୍ରତିନିଧି ଦଳ ବାରବାଟୀ ଷ୍ଟାଡ଼ିୟମ ଅନୁଧ୍ୟାନ କରିଥିଲେ।

ସେହିପରି ମ୍ୟାଚକୁ ସୁପରିଚାଳନା ନେଇ ଓସିଏ ପକ୍ଷରୁ ଶୁକ୍ରବାର ବିଭିନ୍ନ ସବ୍ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ସଫଳ ଆୟୋଜନ ପାଇଁ ଆମେ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ଦର୍ଶକମାନଙ୍କ ଲାଗି ଶୃଙ୍ଖଳିତ ଟିକଟ ବିକ୍ରି ସହ ଫ୍ଲଡ ଲାଇଟ ତ୍ରୁଟିଶୂନ୍ୟ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତ ଓ ଦକ୍ଷିଣ ଆଫ୍ରିକା ମ୍ୟାଚରେ ନୂଆ ନିୟମ ଅନୁଯାୟୀ ଗ୍ୟାଲେରୀରେ ପାଖାପାଖି। ୩୦୦୦ ସିଟ୍ ହ୍ରାସ ପାଇବ। ଦର୍ଶକ ମାନଙ୍କ ସୁରକ୍ଷା ଲାଗି ପୁଲିସ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ମ୍ୟାଚ୍ ଲାଗି ଟିକଟ ଦର ୩୦ରେ ଧାର୍ଯ୍ୟ ହେବ ବୋଲି ଓସିଏ ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି।

ବୈଠକରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି,ଉପ ସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ତଥା ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ମୁଖ୍ୟ କାର୍ଯ୍ୟନିର୍ବାହୀ ସୁବ୍ରତ ବେହେରା, ପୂର୍ବତନ ଓସିଏ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ୍ ?ସ ଆସୋସିଏସନ ସମ୍ପାଦକ ଅଭିଜିତ ପାଲ, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।



## 'କିଟ୍'ର ସ୍ୱର୍ଣ୍ଣିମ ଦିନ, ପ୍ରତ୍ୟାଶାଙ୍କୁ ପଞ୍ଚମ ପଦକ: ଓଡ଼ିଶାକୁ ଆଉ ୪ ସ୍ୱର୍ଣ୍ଣ

ଭୁବନେଶ୍ୱର, (ପିପିଏସ୍): ରାଜସ୍ଥାନର ୭ଟି ସହରରେ ଚାଲିଥିବା ପଞ୍ଚମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପଞ୍ଚମ ଦିନରେ ଓଡ଼ିଶା ବିଶ୍ୱବିଦ୍ୟାଳୟଗୁଡ଼ିକ ଆଉ ୬ ପଦକ ଜିତିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ପାଇଁ ଶୁକ୍ରବାର ଶୁଭ ସାବ୍ୟସ୍ତ ହୋଇଛି। ରାଜ୍ୟର ଏହି ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଶୁକ୍ରବାର ୩ଟି ସ୍ୱର୍ଣ୍ଣ ପଦକ ସହ ୪ ପଦକ ଜିତିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ସନ୍ତରିକା ପ୍ରତ୍ୟାଶା ରାୟ ବ୍ୟକ୍ତିଗତ ତୃତୀୟ ସ୍ୱର୍ଣ୍ଣ ସହ ପଞ୍ଚମ ପଦକ ହାସଲ କରିଛନ୍ତି। କିଟ୍‌କୁ ଶୁକ୍ରବାର ୩ଟି ସ୍ୱର୍ଣ୍ଣ ପଦକ ଓ ଗୋଟିଏ କାଂସ୍ୟ ପଦକ ମିଳିଛି। ରଗ୍‌ବିରେ ପୁରୁଷ ଓ ମହିଳା ଦଳ ବିଜେତା ହୋଇ ଯୁଗଳ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଶୁକ୍ରବାର ଖେଳାଯାଇଥିବା ଉଭୟ ଫାଇନାଲ୍‌ରେ କିଟ୍ ମହିଳା ଦଳ ୧୭-୫ରେ ଚଣ୍ଡୀଗଡ଼ ବିଶ୍ୱବିଦ୍ୟାଳୟକୁ ଏବଂ ପୁରୁଷ ଦଳ ୧୫-୧୦ରେ ସମାନ ଚଣ୍ଡୀଗଡ଼ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଏହି ଗୌରବ ଆଣିଛନ୍ତି। କିଟ୍ ପାଇଁ ଶୁକ୍ରବାର ତୃତୀୟ ସ୍ୱର୍ଣ୍ଣ ପଦକଟି ଜିତିଥିଲେ ଭାରୋତ୍ତୋଳିକା ମଗାନ୍ତି କୀର୍ତ୍ତି। ମହିଳା ୮୬ କିଲୋଗ୍ରାମ ବର୍ଗରେ ସେ ମୋଟ ୧୮୬ କିଲୋଗ୍ରାମ ଉତ୍ତୋଳନ କରିଥିଲେ। ମାତ୍ର ଗୋଟିଏ କିଲୋଗ୍ରାମ ଓଜନ ବ୍ୟବଧାନରେ ସେ ସାବିତ୍ରୀବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟକୁ ପଛରେ ପକାଇଥିଲେ। ସେହିଭଳି ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ୧୦୦ ମିଟର ବ୍ରେଷ୍ଟ୍‌ଷ୍ଟ୍ରୋକ୍‌ରେ ଆଉ ଏକ କାଂସ୍ୟ ପଦକ ଜିତିବା ସହ କିଟ୍ ସନ୍ତରଣର ଦଳଗତ ପ୍ରତିଯୋଗିତାରେ ପ୍ରଥମ ରନର୍ସ ଅପ୍ ହୋଇ ଗୌରବ ଆଣିଛି।





ଶୁକ୍ରବାର ପଞ୍ଚମ ଦିବସ ସୁଦ୍ଧା ଓଡ଼ିଶା ବିଶ୍ୱବିଦ୍ୟାଳୟଗୁଡ଼ିକ ମୋଟ ୨୦ ପଦକ ଜିତି ସାରିଛନ୍ତି। କିଟ୍ ୧୩, ଉତ୍କଳ ୫ ଏବଂ ବ୍ରହ୍ମପୁର ଓ ରମାଦେବୀ ଗୋଟିଏ ଲେଖାଏଁ ପଦକ ଜିତିଛନ୍ତି। ଏହା ମଧ୍ୟରେ ମୋଟ ୭ ସ୍ୱର୍ଣ୍ଣ ପଦକ ସାମିଲ ରହିଛି। କିଟ୍ ପଦକ ତାଲିକାରେ ଅଷ୍ଟମ ସ୍ଥାନକୁ ଲମ୍ଫ ମାରିଥିବାରୁ ଏହାର ପ୍ରତିଷ୍ଠାତା ପ୍ରଫେସର୍ ଅଚ୍ୟୁତ ସାମନ୍ତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ରମାଦେବୀଙ୍କୁ କାଂସ୍ୟ ଦେଲେ ଆରୁଶ୍ରୀ :** ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ରମାଦେବୀ ବିଶ୍ୱବିଦ୍ୟାଳୟ ପାଇଁ କାଂସ୍ୟ ପଦକ ଜିତିଛନ୍ତି ଆରୁଶ୍ରୀ ଦତ୍ତ। ସନ୍ତରଣର ୧୫୦୦ ମିଟର ଫ୍ରିଷ୍ଟାଇଲ୍ ଇଭେଣ୍ଟରେ ଆରୁଶ୍ରୀ ତୃତୀୟ ସ୍ଥାନରେ ରହି ରାମଦେବୀ ମହିଳା ବିଶ୍ୱବିଦ୍ୟାଳୟ ପାଇଁ ଐତିହାସିକ ସଫଳତା ପାଇଛନ୍ତି। ଗତ ସପ୍ତାହରେ ବିଶ୍ୱକପ୍ ଜିତିଥିବା ଭାରତୀୟ ଦୃଷ୍ଟିହୀନ ମହିଳା ଟ୍ୱେଣ୍ଟି-୨୦ ଦଳର ସଦସ୍ୟା ଫୁଲ ସୋରେନ୍‌ଙ୍କ ସଫଳତା ପରେ ରମାଦେବୀ ଏବେ କ୍ରୀଡ଼ା କ୍ଷେତ୍ରରେ ନୂଆ ଅଧ୍ୟାୟ ସଂଯୋଗ କରିଛି। ଏଥି ପାଇଁ ଆରୁଶ୍ରୀ ଓ ଫୁଲଙ୍କୁ କୁଳପତି ଚଣ୍ଡୀଚରଣ ରଥ, କୁଳସଚିବ ମନସ୍ୱିନୀ ସାହୁ, କ୍ରୀଡ଼ା ବିଭାଗ ଦାୟିତ୍ୱରେ ଥିବା ପ୍ରଫେସର ଇତିଶ୍ରୀ ଷଡ଼ଙ୍ଗୀ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ବାର୍ଷିକ କ୍ରୀଡ଼ାରେ ଅଲିଶା ଓ ଭବାନୀ ଶଙ୍କର ଚାମ୍ପିଅନ

ବ୍ରହ୍ମପୁର, (ପିପିଏସ୍): ଗଂଜାମଜିଲ୍ଲା ରଙ୍ଗେଇଲୁଣ୍ଡା ଠାରେ ଅବସ୍ଥିତ ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନିଆ ପ୍ରତିଯୋଗିତାରେ ମହାବିଦ୍ୟାଳୟର ଡିନ ପ୍ରଫେସର ନିତ୍ୟାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ, ଉପସଭାପତି ସହକାରୀ ପ୍ରଫେସର ଡ଼. ନବକିଶୋର ଶିଆଳ କ୍ରୀଡା ଉତ୍ସବକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ପ୍ରତିଯୋଗିତାକୁ ଗତ ଗୁରୁବାର ଦିନ ଗୋପାଳପୁର ଆଦର୍ଶ ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ମଲ୍ଲିକ କ୍ରୀଡ଼ା ପତାକାକୁ ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ।

ବିଭିନ୍ନ ପର୍ଯ୍ୟାୟରେ ଦୌଡ, ଲମ୍ବ ଡିଆଁ, ଉଚ ଡିଆଁ, ସଟପୁଟ, ଜାଭାଲିନ ଥ୍ରୋ, ଡ଼ିସକସ ଥ୍ରୋ, ଖୋଖୋ, ରିଲେରେସ, ମ୍ୟୁଜିକ ଚେୟାର ଆଦି ବିଭାଗରେ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ବିପିନ ବିହାରୀ ବସ୍ତିଆ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଚନ୍ଦ୍ର କୁଣ୍ଡ, ଡ଼.ସୁଶାନ୍ତ କୁମାର ପାତ୍ର ଡ଼. ସତ୍ୟଜିତ କୁମାର ଭୂୟାଁ, ଡ଼. ବୃନ୍ଦାବନ ସାହୁ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583